


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୯ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 29 March 2026 ■
Vol.No. 36 ■ No.84 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଯୁଦ୍ଧରେ ମୁଣ୍ଡ ନୁଆଁଉନି ଇରାନ୍: କୁଏତ୍ ଓ ସାଉଦି ଆରବରେ ସିରିଜ୍ ଡ୍ରୋନ୍ ଓ ମିସାଇଲ ହମଲା

♦ଚେତାବନୀ ଦେଲା ଋଷ, ଇରାନ ପରମାଣୁ ପ୍ଲାଣ୍ଟ ଉପରେ ଆକ୍ରମଣ ବିପଜ୍ଜନକ
♦ଯୁଦ୍ଧ ନେଇ ଆଜି ଇସଲାମାବାଦରେ ୪ ଦେଶର ବୈଠକ

ନୂଆଦିଲ୍ଲୀ,୨୮/୩ : ୨୯ ଦିନର ପ୍ରତିଶୋଧ, ଅସମାପ୍ତ ସଂଘର୍ଷ। ନା ମୁଣ୍ଡ ନୁଆଁଉଛି ଇରାନ୍, ନା ଅଟକୁଛି। ଗତ ରାତିରେ ପୁଣି ଥରେ ଶତ୍ରୁର ସମର୍ଥକ ଆରବ ଦେଶର ଛାତିରେ ପ୍ରଚଣ୍ଡ ପ୍ରହାର କରିଛି ଇରାନ୍। କୁଏତ ଏୟାରପୋର୍ଟରେ ଘନଘନ ଡ୍ରୋନ୍ ଆଟାକ୍ କରି ଥରହର କରିଥିଲା। ଆକ୍ରମଣ କେତେ ଭୟଙ୍କର ଥିଲା ଇଏ ତାର ଦୃଶ୍ୟ। ବିମାନବନ୍ଦର ଆକାଶକୁ ନିଆଁ ଓ କଳା ଧୂଆଁ ଛାଇ ଯାଇଥିଲା। ଏକାଧିକ ଡ୍ରୋନ୍ ହମଲାରେ ଏୟାରପୋର୍ଟର ରାଡାର ସିଷ୍ଟମ ନଷ୍ଟ ହୋଇଛି। ସେପଟେ ସାଉଦି ଆରବରେ ପ୍ରିନ୍ସ ସୁଲତାନ ଏୟାରବେସକୁ ଟାର୍ଗେଟ୍ କରି ମାଡ଼ କରିଥିଲା କ୍ଷେପଣାସ୍ତ୍ର ଓ ରକେଟ୍। ଏଥିରେ ୧୨ ଜଣ ଆମେରିକୀୟ ସୈନ୍ୟ ଗୁରୁତର ହୋଇଥିବା କୁହାଯାଉଛି। ଅନ୍ୟପଟେ



ଆମେରିକା ୧୦ ଦିନ ଯୁଦ୍ଧ ବିରତି ଘୋଷଣା କରିଥିଲେ ବି ଇସ୍ରାଏଲ୍ କିନ୍ତୁ ଛାଡୁନି। ଆଜି ଭୋରରେ ଇସ୍ରାଏଲ ବାୟୁସେନା ତେହେରାନ ଉପରେ ଅନ୍ଧାଧୂନ ବୋମା ବର୍ଷା କରିଥିଲା। ଏଥିସହ ଇରାନର ଆରାକ୍ ସ୍ଥିତ ହେଭି-ୱାଟର ପ୍ଲାଣ୍ଟ ଓ ୟଜଦର ୟୁରାନିୟମ ପ୍ରକ୍ରିୟାକରଣ କେନ୍ଦ୍ର ଉପରେ ବି କରିଥିଲା ହମଲା। ୨୯ ଦିନର ଯୁଦ୍ଧରେ ଇରାନ୍ ଏକାଧିକ ଟପ୍ ଲିଡର ଓ କମାଣ୍ଡରଙ୍କୁ ହରାଇଛି। ସର୍ବୋଚ୍ଚ ନେତା ଅୟତୋଲ୍ଲା ଅଲ୍ଲୀ ଖାମେନେଇ, ସୁରକ୍ଷା ପରିଷଦ ମୁଖ୍ୟ ଅଲ୍ଲୀ ଲାରିଜାନି, ବସିଜ୍ ଫୋର୍ସ ମୁଖ୍ୟ ଗୁଲାମରଜା ସୁଲେମାନୀ, ଗୁଇନ୍ଦା ବିଭାଗ ମୁଖ୍ୟ ଇସମାଇଲ୍ ଖାତିବ ଓ ଓଜଏଉ ନୌସେନା ମୁଖ୍ୟ ଆଲିରେଜା ଟାଙ୍ଗସିରିଙ୍କୁ ହତ୍ୟା କରାଯାଇଛି। ଟପ୍ ଲିଡରଙ୍କ ହତ୍ୟା ଇରାନକୁ ବଡ଼ ଆଘାତ ଦେଇଛି ଓ କ୍ଷମତା ଦୁର୍ବଳ କରିଛି। କିନ୍ତୁ ରଣଭୂମିରେ ହାରୁନି କି ଯୁଦ୍ଧ ସରୁନି। ଆଟାକ୍ ପରେ ଆଟାକ୍ କରି ବିଶ୍ୱର ସବୁଠୁ ଶକ୍ତିଶାଳୀ ସେନାର ଡିଣ୍ଡିମ ପିଟୁଥିବା ଆମେରିକା ଓ ଅତ୍ୟାଧୁନିକ ଟେକ୍ନୋଲୋଜିରେ ସମୃଦ୍ଧ ଇସ୍ରାଏଲକୁ ପାଣି ପିଆଇ ସାରିଲାଣି। କେମିତି ଏକାକୀ ଏତେବଡ଼ ଯୁଦ୍ଧ ଲଢୁଛି ଇରାନ ? ଇନଷ୍ଟିଚ୍ୟୁସନାଲ୍ ରେଜିଲିଏନ୍ସ ବା ବ୍ୟବସ୍ଥାଗତ ପ୍ରତିରୋଧ କ୍ଷମତା ଇରାନର ସବୁଠୁ ବଡ଼ ଶକ୍ତି। ଅର୍ଥାତ୍ ନେତା ମରିଗଲେ ଯୁଦ୍ଧ ସରିଯାଏନି। ସେଠି ବ୍ୟବସ୍ଥା ବ୍ୟକ୍ତିଗତ ନେତା ଉପରେ ନିର୍ଭର କରେ ନାହିଁ। ତେଣୁ ଖାମେନେଇଙ୍କ ମୃତ୍ୟୁ ପରେ ପୁଅ ମୋଜତବା ଖାମେନେଇ ନୂଆ ସର୍ବୋଚ୍ଚ ନେତା ହୋଇ ଯୁଦ୍ଧର ମଙ୍ଗ ସମ୍ଭାଳିଛନ୍ତି। ଇରାନରେ ଯୁଦ୍ଧର ନେତୃତ୍ୱ ନେଇଛି ଇସଲାମିକ୍ ରେଭୋଲ୍ୟୁସନାରି ଗାର୍ଡ୍ କୋର।

◆◆ପୃଷ୍ଠା ୭

## ଏପ୍ରିଲ ୧ରୁ ସୁଭଦ୍ରା ଆବେଦନ

ଭୁବନେଶ୍ୱର, ୨୮/୩ (ନି.ପ୍ର): ରାଜ୍ୟର ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ତଥା ସ୍ୱାବଲମ୍ବନ ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ ସୁଭଦ୍ରା ଯୋଜନା ଅଧୀନରେ ଅଧିକ ସଂଖ୍ୟକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ୧ ଏପ୍ରିଲ ୨୦୨୬ ରୁ ୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଏକ ମାସ ପାଇଁ 'ସୁଭଦ୍ରା ପୋର୍ଟାଲ' ମାଧ୍ୟମରେ ନୂତନ ଆବେଦନ ଗ୍ରହଣ କରାଯିବ । ଆବେଦନ ଅବଧି ୧ ଏପ୍ରିଲ ୨୦୨୬ ରୁ ୩୦ ଏପ୍ରିଲ ୨୦୨୬ ରହିଥିବା ରହିଛି । ସେହିଭଳି ୦୧.୦୪.୨୦୨୬ ସୁଦ୍ଧା ଆବେଦନକାରୀଙ୍କ ବୟସ ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ଯୋଗ୍ୟ



ବିବେଚିତ ହିତାଧିକାରୀମାନେ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନାର ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ ୧୦,୦୦୦ ଟଙ୍କାର ସହାୟତା ରାଶି ପାଇବେ । ଯେଉଁ ମହିଳାମାନେ ପୂର୍ବରୁ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାଁନ୍ତି, କେବଳ ସେହିମାନେ ହିଁ ଏହି ସମୟସୀମା ମଧ୍ୟରେ ନୂତନ ଭାବେ ଆବେଦନ କରିପାରିବେ । ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ଗ୍ରହଣୀୟ ହେବ ନାହିଁ । ନୂତନ ଆବେଦନଗୁଡ଼ିକ ସାଧାରଣ ସେବା କେନ୍ଦ୍ର ଏବଂ ଆମ ସେବା କେନ୍ଦ୍ର ମାଧ୍ୟମରେ ସୁଭଦ୍ରା ପୋର୍ଟାଲ ଜରିଆରେ ପଞ୍ଜୀକୃତ କରାଯିବ । ଫର୍ମ ଉପଲବ୍ଧତା ଆବେଦନ ପାଇଁ ଫର୍ମଗୁଡ଼ିକ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଏବଂ CDPO କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ ଉପଲବ୍ଧ ଅଛି ।

## ଏପ୍ରିଲ ୨ରୁ ଆରମ୍ଭ ହେବ ଯୁକ୍ତ ଦୁଇ ଖାତା ଦେଖା: ଏଥର ୪୫ ଦିନ ଭିତରେ ରେଜଲ୍ଟ

ଭୁବନେଶ୍ୱର, ୨୮/୩ (ନି.ପ୍ର): ଦୀର୍ଘ ୨୮ ଦିନ ଧରି ଚାଲିଥିବା ଯୁକ୍ତ ଦୁଇ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ସରୁ ସରୁ ଆଜି ଏଭଳି ଘୋଷଣା କରିଛି CHSE। ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ କହିଛନ୍ତି ସବୁ ବର୍ଗରେ ଏଥର ୪ ଲକ୍ଷରୁ ଅଧିକ ପିଲା ପରୀକ୍ଷା ଦେଇଛନ୍ତି। ଆଉ ଏଥର ୪୫ ଦିନ ଭିତରେ ରେଜଲ୍ଟ ପ୍ରକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅପରପକ୍ଷେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମୁତାବକ ଚଳିତବର୍ଷ ପ୍ରଥମ ଥର ପାଇଁ ଉଇଫର ଢାଞ୍ଚାରେ ଇମ୍ପ୍ରୁଭମେଣ୍ଟ ପରୀକ୍ଷାର ଆୟୋଜନ କରୁଛି CHSE। ଅର୍ଥାତ୍ ପରୀକ୍ଷାରେ ପାସ କରିବା ପରେ ପରୀକ୍ଷାର୍ଥୀ ଚାହିଁଲେ ଯେ କୌଣସି ଗୋଟିଏ ବିଷୟରେ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେଇପାରିବେ। ହେଲେ ଫେଲ ପରୀକ୍ଷାର୍ଥୀ କେବଳ ଇନଷ୍ଟାଣ୍ଟ ପରୀକ୍ଷା ଦେଇପାରିବେ।

## ଏପ୍ରିଲ ୮,୯ ଏବଂ ୧୦ରେ ବାହାର ରତ୍ନଭଣ୍ଡାରର ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି

ଭୁବନେଶ୍ୱର, ୨୮/୩ (ନି.ପ୍ର): ଆସନ୍ତା ଏପ୍ରିଲ ୮,୯ ଏବଂ ୧୦ ତାରିଖରେ ବାହାର ରତ୍ନଭଣ୍ଡାରର ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି ହେବ। ଏନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ଏହି ସମୟରେ ଯେପରି ମହାପ୍ରଭୁଙ୍କ ଦର୍ଶନ କିମ୍ବା ଠାକୁରଙ୍କ ନିତିକାନ୍ତି ବାଧାପ୍ରାପ୍ତ ନହେବ ତାହା ଉପରେ ବି ଆଲୋଚନା ସରିଛି। ଏନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଚାଲିଛି। ତାପରେ ଭିତର ରତ୍ନ ଭଣ୍ଡାର ଗଣତି ମଣତି ହେବ। ଆଶା କରାଯାଉଛି ସବୁ କାମ ଠିକଣା ସମୟରେ ସରିବ। ସେହିପରି ରଥଯାତ୍ରା ପାଇଁ ୬ ମାସ ଆଗରୁ ବୈଠକ ଚାଲିଛି। ଏହାରି ଭିତରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବାରମ୍ବାର ବୈଠକ ବସିଛି। ରଥଦାଣ୍ଡକୁ ଯେପରି ଅଧିକ ଗାଡ଼ି ପ୍ରବେଶ ନକରିବା ତା ଉପରେ ଗୁରୁତ୍ୱ ଦିଆଯାଉଛି। ରଥଦାଣ୍ଡକୁ ସଂଲଗ୍ନ ରାସ୍ତା ଗୁଡ଼ିକର ପ୍ରସସ୍ତି କାରଣ କରାଯିବା ସହ ଡିକଂଜେଷ୍ଚନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

## ଦିନେ ବିଜୁଙ୍କ ଗଡ଼ ଥିଲା କଟକ: ଏବେ ଦୁର୍ବଳ ହେଲା ଦୁର୍ଗ

କଟକ, ୨୮/୩ (ନି.ପ୍ର): ବିଜୁଙ୍କ ଗଡ କଟକରେ ବିଜେଡି ଦୁର୍ବଳ। ଶୋଇପଡ଼ିଛି ସଙ୍ଗଠନ, ଆଗଭଳି ତତ୍ପରତା ଦେଖାଉନାହାନ୍ତି ଆଗଧାଡ଼ିର ନେତୃତ୍ୱ । ଏହାଭିତରେ ନବୀନଙ୍କ ବିରୋଧରେ ମୋର୍ଚ୍ଚା ଖୋଲିଛନ୍ତି ପ୍ରଭାତ ଆଣ୍ଡ କୋ। ପଣ କରିଛନ୍ତି, ବିଜେଡିକୁ କଟକରେ ଶୂନ କରିଦେବେ। ଅନ୍ୟପଟେ ମୋକିମଙ୍କ ନୂଆ ଦଳର ଏଣ୍ଟ୍ରି କଟକ ରାଜନୀତିକୁ ସମ୍ପୂର୍ଣ୍ଣ ଗୋଳମାଳିଆ କରିଦେଇଛି । ୨୦୨୪ରେ କଟକ ସଂସଦୀୟ କ୍ଷେତ୍ର ଅଧୀନରେ ଥିବା ୭ ନିର୍ବାଚନମଣ୍ଡଳୀରୁ ୪ ଆସନ ବିଜେଡି ହାତରୁ ଖସିଯାଇଥିଲା। ହେଲେ କ୍ରସ ଭୋଟିଂକୁ ନେଇ କାର୍ଯ୍ୟାନୁଷ୍ଠାନ ପରେ କଟକରେ ବିଜେଡିକୁ ଲାଗିଛି ବଡ ଝଟକା। କେବଳ ଆଠଗଡକୁ ଛାଡିଦେଲେ ଅନ୍ୟ ନିର୍ବାଚନମଣ୍ଡଳୀରେ ଅସ୍ତିତ୍ୱ ବଞ୍ଚାଇବାକୁ ଲଢୁଛି ବିଜେଡି। ସଙ୍ଗଠନ ଧରାଶାୟୀ, ନେତୃତ୍ୱର



ଘୋର ସଙ୍କଟ ଭିତରେ ଧନ୍ଦି ହେଉଛି ଦଳ। ଖାସକରି ପୁଅଙ୍କ ନିଲମ୍ବନର ପ୍ରତିଶୋଧ ନେବାକୁ ଦୁଇ ପ୍ରଭାତଙ୍କ ପଣ ବିଜେଡି ସଙ୍ଗଠନରେ ଘଳିଆ ପକାଇଲାଣି। କର୍ପୋରେଟରଙ୍କ ମେଳି ଏହାର ବଡ ସଂକେତ ଦେଇଛି। ସେହିଭଳି ୨୪ ନିର୍ବାଚନରେ ଶକ୍ତ ଧକ୍କା ଖାଇବା

◆◆ପୃଷ୍ଠା ୭

## ସରକାରୀ କର୍ମଚାରୀ ପଢିବେ ଏଆଇ ଓ ସାଇବର ସୁରକ୍ଷା ପାଠ୍ୟକ୍ରମ

ଭୁବନେଶ୍ୱର, ୨୮/୩ (ନି.ପ୍ର): ସରକାରୀ କର୍ମଚାରୀ ପଢିବେ ଏଆଇ ଓ ସାଇବର ସୁରକ୍ଷା ପାଠ୍ୟକ୍ରମ । ଏଆଇ ଓ ସାଇବର ସୁରକ୍ଷା ପାଠ୍ୟକ୍ରମ ଶେଷ କରୁଥିବା କର୍ମଚାରୀଙ୍କ ବଢିବ ରାଜ୍ୟର ରାଙ୍କିଂ। ପ୍ରତି ମାସରେ ଅତିକମରେ ଗୋଟିଏ ପାଠ୍ୟକ୍ରମ ପଢିବେ । ରାଜ୍ୟର ରାଙ୍କିଂକୁ ଉନ୍ନତ କରିବା ପାଇଁ, ତିନୋଟି ପ୍ରମୁଖ କ୍ଷେତ୍ରରେ କାର୍ଯ୍ୟଦକ୍ଷତାକୁ ସୁଦୃଢ଼ କରିବାକୁ ପଢିବ । ସକ୍ରିୟ ଉପଭୋକ୍ତାଙ୍କ ବିଭାଗୀୟ କଭରେଜ୍ ବୃଦ୍ଧି କରିବା । ଗୋଟିଏରୁ ଅଧିକ ପାଠ୍ୟକ୍ରମ ସମାପ୍ତ କରୁଥିବା କର୍ମଚାରୀଙ୍କ ରାଙ୍କିଂକୁ ବୃଦ୍ଧି କରାଯିବ । ସରକାରୀ ତଥ୍ୟ ଅନୁଯାୟୀ ମାର୍ଚ୍ଚ ୨୨୬ ସୁଦ୍ଧା ୩ ଲକ୍ଷ ୮ ହଜାର ୮୫୪ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ୧୮ ଲକ୍ଷ ୮୦ ହଜାର ୩୩୨ ଜଣ କର୍ମଚାରୀ ପଞ୍ଜିକୃତ ହୋଇଛନ୍ତି ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଭାରତର ସ୍ଥଳସେନା ମୁଖ୍ୟ

ପୁରୀ, ୨୮/୩ (ନି.ପ୍ର): ଭାରତର ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ୩ ଦିନିଆ ଗସ୍ତରେ ଆସି ଶନିବାର ପୁରୀରେ ପହଞ୍ଚିଛନ୍ତି। ଜେନେରାଲ ଦ୍ୱିବେଦୀ ବାଇପାସ୍ ରୋଡ୍‌ରେ ପୁରୀରେ ପହଞ୍ଚିଥିଲେ। କଡ଼ା ସୁରକ୍ଷା ମଧ୍ୟରେ ପୁରୀରେ ପହଞ୍ଚିବା ପରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ସେବାୟତ ଓ ପ୍ରଶାସନ ପକ୍ଷରୁ ଜେନେରାଲ ଦ୍ୱିବେଦୀ ଓ ତାଙ୍କ ସ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ପରେ ଶ୍ରୀମନ୍ଦିରକୁ ଯାଇ ରତ୍ନଜେନେରାଲ ଦ୍ୱିବେଦୀ ଓ ତାଙ୍କ ସ୍ତ୍ରୀ ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରି ରତ୍ନ



ସିଂହାସନରୂଢ଼ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରି ଆଶିଷ ନେବସହ ସେନା ନିମନ୍ତେ ପ୍ରାର୍ଥନା କରିଥିଲେ। ପରେ ଶ୍ରୀମନ୍ଦିର ପାର୍ଶ୍ୱ ଦେବାଦେବୀଙ୍କ ଦର୍ଶନ କରିବା ପରେ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ଜେନେରାଲ ଦ୍ୱିବେଦୀ କହିଛନ୍ତି କି ମହାପ୍ରଭୁଙ୍କ ଦର୍ଶନ କରି ବେଶ ଖୁସି ଓ ଶାନ୍ତି ଲାଗିଲା। ସେନା ପାଇଁ ପ୍ରାର୍ଥନା କଲି। ମହାପ୍ରଭୁଙ୍କୁ କୃପା ସେନା ଉପରେ ଥାଉ ଆଗକୁ ସେନା ଭଲ ପ୍ରଦର୍ଶନ କରିବ। ପ୍ରତ୍ୟେକ ବର୍ଷ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ଜେନେରାଲ ଦ୍ୱିବେଦୀ କହିଛନ୍ତି।

## ପୁଣି କଟକ ସହରରେ ଜଣ୍ଡିସ ଆତଙ୍କ

କଟକ, ୨୮/୩ (ନି.ପ୍ର): କଟକରେ ପୁଣି କାୟା ବିସ୍ତାର କରିଛି ଜଣ୍ଡିସ। ସିଡିଏ ୧୧ ନମ୍ବର ରିଙ୍ଗ ବନ୍ଧ ତଳେ ଥିବା ଗାଙ୍ଗୁଲି ବସ୍ତି ଓ ବାଇଗଣୀ ବସ୍ତିରେ ୧୦ରୁ ଅଧିକ ଲୋକ ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ମେଡିକାଲ ଟିମ୍ ବସ୍ତିରେ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରୁଛି। କିଛି ଦିନ ବ୍ୟବଧାନ ପରେ ପୁଣି କଟକରେ ଜଣ୍ଡିସର ଆତଙ୍କ। ଦୂଷିତ ପାନୀୟ ଜଳ ଯୋଗୁ ସିଡିଏ ୧୧ ନମ୍ବର ରିଙ୍ଗ ବନ୍ଧ ତଳେ ଥିବା ଗାଙ୍ଗୁଲି ବସ୍ତି ଓ ବାଇଗଣୀ ବସ୍ତିରେ ଜଣ୍ଡିସ ବ୍ୟାପୁଛି ବୋଲି ଜଣାପଡ଼ିଛି। ଗତକାଲି ୨୦ ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିଲା। ଆଜି ସକାଳୁ ମଧ୍ୟ ରକ୍ତ ପରୀକ୍ଷା କରାଯାଉଛି। ଏଥିସହ ପାଣି ନମୁନା ପରୀକ୍ଷା ପାଇଁ ପଠାଯାଇଛି। କିଛି ଦିନ ତଳେ ୧୦ ନମ୍ବର ଏବଂ ୧୨ ନମ୍ବର ୱାର୍ଡର ମାନସିଂହପାଟଣା, ମସ୍ତରାମମଠ ଗଳି ଓ କାଫଲା ବଜାର ଅଞ୍ଚଳରେ ଜଣ୍ଡିସ ବ୍ୟାପିଥିଲା। ଦୀର୍ଘଦିନ ଧରି ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଜାରି ରହିଛି। ଏନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ସିଏମସି ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ। ଯାହା ଫଳରେ ବର୍ତ୍ତମାନ ଜଣ୍ଡିସ ବ୍ୟାପୁଛି ବୋଲି ଅଭିଯୋଗ ହେଉଛି। ଅପରପକ୍ଷରେ କଟକରେ ଏଭଳି ବାରମ୍ବାର ଜଣ୍ଡିସ ବ୍ୟାପିବାକୁ ନେଇ ଜୋର ଧରିଛି ରାଜନୀତି। ବାରମ୍ବାର ଜଣ୍ଡିସ ବ୍ୟାପିବା ଏବେ ସିଏମସି ପାଇଁ ଚିନ୍ତାର କାରଣ ପାଲଟିଛି।

## ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ: ମମତା-ଶାହ ମୁହାଁମୁହିଁ

ନୂଆଦିଲ୍ଲୀ,୨୮/୩ : ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପଶ୍ଚିମବଙ୍ଗରେ ଜୋରଦାର ପ୍ରଚାର ଚାଲିଥିବାବେଳେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଓ ବିଜେପି ପରସ୍ପରକୁ ତୀବ୍ର ଆକ୍ରମଣ କରିଛନ୍ତି । ଶନିବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କୋଲକାତାରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମ୍‌ସି ସରକାରର ତଥାକଥିତ ବିଫଳତା ନେଇ ଅଭିଯୋଗପତ୍ର ଜାରି କରିଛନ୍ତି । କୋଲକାତା ନିଉଟାଉନ୍‌ସ୍ଥିତ ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀ ବେଳେ ଶାହ ଅଭିଯୋଗ କରିଛନ୍ତି ଯେ, ତୃଣମୂଳ କଂଗ୍ରେସର ୧୫ ବର୍ଷର କୁଶାସନ ଭିତରେ ଅନୁପ୍ରବେଶ ଓ ମହିଳାଙ୍କ ବିରୋଧରେ ଅପରାଧଠାରୁ ଆରମ୍ଭ କରି ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ସୁନାର ବାଙ୍ଗଲା ସ୍ୱପ୍ନ



ଦେଖାଇ ଟିଏମ୍‌ସି ସିଣ୍ଡିକେଟ୍ ରାଜ୍ ସ୍ଥାପିତ କରି ପଶ୍ଚିମବଙ୍ଗ ଜନତାଙ୍କ ଶୋଷଣ କରୁଛି। ଆଗାମୀ ନିର୍ବାଚନରେ ପଶ୍ଚିମବଙ୍ଗ ଜନସାଧାରଣ ଭୟ ନା ଭରସା କାହାକୁ ବାଛିବେ ତାହା ସ୍ପଷ୍ଟ ହେବ ବୋଲି ଶାହ କହିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି, ଟିଏମ୍‌ସି କାର୍ଯ୍ୟକାଳରେ ପଶ୍ଚିମବଙ୍ଗ ଦୁର୍ନୀତିର ପ୍ରୟୋଗଶାଳାରେ ପରିଣତ ହୋଇଛି। ଶୀର୍ଷରୁ ତଳ ପର୍ଯ୍ୟନ୍ତ ଅପରାଧିକ ସିଣ୍ଡିକେଟ୍ ଜନସାଧାରଣଙ୍କୁ ହଇରାଣ କରୁଛନ୍ତି। ବିକାଶ ଅଭାବରୁ ପଶ୍ଚିମବଙ୍ଗ ଏକପ୍ରକାରର ଶ୍ମଶାନ ପାଲଟି ଗଲାଣି । ଶାହ କହିଛନ୍ତି ପଶ୍ଚିମବଙ୍ଗ ନିର୍ବାଚନ ପୂରା ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ସମଗ୍ର ଦେଶର ସୁରକ୍ଷା ପଶ୍ଚିମବଙ୍ଗ ନିର୍ବାଚନ ସହିତ ଜଡ଼ିତ। ତାଙ୍କ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ ଫର୍ଦ୍ଦକୁ ଶାହ ପଶ୍ଚିମବଙ୍ଗ ଜନସାଧାରଣଙ୍କ ଦ୍ୱାରା ମମତା ବାନାର୍ଜୀଙ୍କ ବିରୋଧରେ ଥିବା ଅସନ୍ତୋଷର ପ୍ରତିଫଳନ ବୋଲି କହିଛନ୍ତି। ସଙ୍କଳ୍ପପତ୍ରରେ ଆମେ ଏହାର ସମାଧାନ ନେଇ ଆସିବୁ ବୋଲି ଶାହ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଟିଏମ୍‌ସି ୧୫ ବର୍ଷରେ ଭୟ, ଭ୍ରଷ୍ଟାଚାର, ତୁଷ୍ଟିକରଣ ଓ ହିଂସା ରାଜନୀତିକୁ ପ୍ରୋତ୍ସାହନ ଦେଇଛି। ମମତା ଭିକ୍ଟିମ କାର୍ଡ଼ ଖେଳୁଛନ୍ତି ବୋଲି ଶାହ ଅଭିଯୋଗ କରିବା ସହିତ ନିର୍ବାଚନ ଜିତିଲେ ଅବୈଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶରୁ ବାହାର କରାଯିବ ବୋଲି କହିଥିଲେ। ଶାହ ଆହୁରି ମଧ୍ୟ କହିଛନ୍ତି, ସାରା ଦେଶରେ ଏସ୍ଆଇଆର ହେଲା, କିନ୍ତୁ କେବଳ ପଶ୍ଚିମବଙ୍ଗରେ ନ୍ୟାୟିକ ଅଧିକାରୀଙ୍କୁ ନିଯୁକ୍ତ କରାଯିବାକୁ ପଡ଼ିଲା ।

◆◆ପୃଷ୍ଠା ୭

## ଅଧା ରହିଗଲା ହରିଶଙ୍କର ଦର୍ଶନ: ଟୁରିଷ୍ଟ ବସ୍ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ

ନୟାଗଡ଼, ୨୮/୩ (ନି.ପ୍ର): ରାତିକୁ ମାଆ କହିଯାଇଥିଲା ତିନିଦିନ ପରେ ଫେରିଆସିବି। ହେଲେ ସକାଳକୁ ଅଫେରା ଦୁନିଆର ଅତିଥି ସାଜି ମାଆ ଚାଲିଗଲା ସବୁଦିନ ପାଇଁ। କୁନି ପୁଅଟିର ଆଖିରେ ଲୁହ ଭରିଦେଇ, ଦୁଇ ପିଲାଙ୍କୁ ଅନାଥ କରିଦେଇ। ନୟାଗଡ଼ ଜିଲ୍ଲା ଦଶପଲ୍ଲାରେ ଛାତିଥରା ଦୁର୍ଘଟଣାରେ ଆଖି ବୁଜିଥିବା ୫ ଜଣଙ୍କ ମଧ୍ୟରେ ଅଛନ୍ତି ବ୍ରହ୍ମପୁରର ସୁମତି ସାହୁଙ୍କ



ପରିବାର । ଝିଅର ମଲା ଖବର ଶୁଣିବା ପରଠୁ କାନ୍ଦିକାନ୍ଦି ମାଆ ଧୈର୍ଯ୍ୟହରା। ସ୍ତବ୍ଧ କୁନି ପୁଅଝିଅଙ୍କ ଲୁହ ବି ଶୁଖିଗଲାଣି। ୧୦ ବର୍ଷ ତଳୁ ସୁମତିଙ୍କ ସ୍ୱାମୀ ଚାଲିଯାଇଥିଲେ। ଆଉ ଆଜି ସେ ବି ଚାଲିଗଲେ। ଏବେ ଦୁଇ ଅନାଥ ଛୁଆଙ୍କୁ ଧରି ଅସହାୟ ହୋଇପଡ଼ିଛନ୍ତି କ୍ୟାନସର ପୀଡ଼ିତା ଆଈ। ଅଧରାତିରେ ନୟାଗଡ଼ ଜିଲ୍ଲା ଦଶପଲ୍ଲାରେ ଘଟିଯାଇଥିବା ଛାତିଥରା ଦୁର୍ଘଟଣାର ଦୃଶ୍ୟ ଭୟଙ୍କର । ବୁଲାଣି ରାସ୍ତାରେ ଓଲଟିପଡ଼ି, ପଥରରେ ପିଟିହୋଇ, ଦୁଇ ଗଡ଼ା ଖାଇଥିବା ବସ୍ ଭିତରର ଦୃଶ୍ୟ ହିଁ କହୁଛି କେତେ ଭୟାନକ ସେଇ ଦୁର୍ଘଟଣାର ମୁହୂର୍ତ୍ତ। ବସ୍ ଆଗଭାଗଠୁ

◆◆ପୃଷ୍ଠା ୭

# ଧାନ ଫସଲ ପରବର୍ତ୍ତୀ ପଡିଆ ଜମିରେ ଡାଲି ଓ ତୈଳ ଜାତୀୟ ଫସଲର ସ୍ୱାବଲମ୍ବିତା ଓ ସୁଦୃଢ ଜୀବିକା ଉପରେ ରାଜ୍ୟସ୍ତରୀୟ କର୍ମଶାଳା

ଜୟପୁର, ୨୮/୩ (ନି.ପ୍ର):ରାଜ୍ୟ ସ୍ତରୀୟ କର୍ମଶାଳ' ଧାନ ଫସଲ ପରବର୍ତ୍ତୀ ପଡିଆ ଜମିରେ ଡାଲି ଓ ତୈଳ ଜାତୀୟ ଫସଲର ସ୍ୱାବଲମ୍ବୀତା ଓ ସୁଦୃଢ ଜୀବିକା ଏମ୍ ଏସ ସ୍ୱାମୀନାଥାନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ଆଜି ଅର୍ଥାତ୍ ୨୫/୦୩/୨୬ ରିଖ ରେ ସ୍ୱସ୍ତିଗ୍ରାଣ୍ଡ ଭୁବନେଶ୍ୱର ଠାରେ ଧାନ ପରବର୍ତ୍ତୀ ପଡିଆ ଜମି ପରିଚାଳନ କାର୍ଯ୍ୟକ୍ରମରୁ ଶିକ୍ଷା ଉପରେ ରାଜ୍ୟ ସ୍ତରିୟ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଡାଲି ଓ ତୈଳ ଜାତୀୟ ଫସଲର ଚାଷ ତଥା ସ୍ୱାବଲମ୍ବୀ ବିହନ ଉତ୍ପାଦନ ଏବଂ ଏଥିରେ ଏହି ସୁବିଚାର ଚିନ୍ତାଧାରା ତଥା ଧାନ ପରବର୍ତ୍ତୀ ପଡିଆ ଜମିର ସୁପରିଚାଳନା ବା ଏଥିରେ ଡାଲି ଏବଂ ତୈଳ ଜାତ ଫସଲ ଉତ୍ପାଦନ କରି ଓଡିଶା କୃଷକ ଙ୍କ ଜୀବନ ଜୀବିକା ତଥା ମାନବ ସ୍ୱାସ୍ଥ୍ୟ ଏବଂ ମୃତିକା ସ୍ୱାସ୍ଥ୍ୟ କୁ ସୁଦୃଢ଼ କରିବାର ପ୍ରୟାସ ଆଜି ଉଜରଗ କାର୍ଯ୍ୟକ୍ରମ ଦ୍ୱାରା ସାଫଲ୍ୟ ମଣ୍ଡିତ ହୋଇଛି ମତପ୍ରକାଶ ପାଇଥିଲା।

ପ୍ରକଳ୍ପ କୁ ସୁଦୃଢ଼ ଓ ସ୍ୱାବଲମ୍ବୀ କରିବା ନିମନ୍ତେ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଓଡ଼ିଶା ସରକାର ଙ୍କ କର୍ମଚାରୀ ଓ ପୂର୍ବତନ କର୍ମଚାରୀ ତଥା ବେସରକାରୀ ସଂସ୍ଥା ର ବିଜ୍ଞ ବ୍ୟକ୍ତି ଏବଂ ସରକାରୀ କର୍ମଚାରୀ ଯଥା ଓଡିଶା ସରକାରଙ୍କ ଅବସର ପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ, ଶ୍ରୀ ଶ୍ରୀଧର କୁମାର ଦାସ ଓ ଶ୍ରୀ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ତଥା ପ୍ରଫେସର ନିରଞ୍ଜନ ପଣ୍ଡା ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର, ନିତିରଞ୍ଜନ ସେନ ( ପରିଚାଳନ ନିର୍ଦ୍ଦେଶକ) ଓଡିଶା ବିହନ ନିଗମ, ଡ ରେଙ୍ଗାଲକ୍ଷ୍ମି ନିର୍ବାହୀ ନିର୍ଦ୍ଦେଶକ ଏମ୍ ଏସ ସ୍ୱମିନଥାନ ଗବେଷଣା ପ୍ରତିଷ୍ଠାନ ଚେନ୍ନାଇ, ଡ ଏମ୍ ଏମ୍ ହୁସେନ ଅବସର ପ୍ରାପ୍ତ ମୁଖ୍ୟ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର, ଡ କ୍ରୀଷ୍ଣ କୁମାର ନାବାଲେଡି ଯାଇକା ପ୍ରକଳ୍ପ ଭୁବନେଶ୍ୱର ପ୍ରମୁଖ ଭାଗ ନେଇ ଏହି କାର୍ଯ୍ୟକ୍ରମ ର ସଫଳତା ଏବଂ ତାର ଦୁର୍ବଳତା ବିଷୟରେ ବିସ୍ତୃତ ଆଲୋଚନା କରିବା ସହ ' ଧାନ ପରବର୍ତୀ ପଡିଆ ଜମିର ସୃ ପରିଚାଳନ କାର୍ଯ୍ୟକ୍ରମ କିଭଳି ଓଡିଶା କୃଷି ର ଏକ ମୁଖ୍ୟ ଆୟ ରଅଂଶ ବିଶେଷ ତଥା ଡାଲି ଜାତୀୟ ଫସଲର ଉତ୍ପାଦନ ରେ ଓଡିଶା କୁ ସ୍ୱାବଲମ୍ବୀ କରିବା ସହିତ ଚାଷୀ ଙ୍କୁ ଧାନ ଚାଷ ପରେ ଆଉ ଏକ ଫସଲ କରି ପରିବାର, ଦେଶର ପୋଷଣ ଏବଂ ଆୟ କୁ ଆହୁରି ବୃଦ୍ଧିକରିବ। ତାହାର ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ପାଇଁ ସହମତି ପ୍ରକାଶ ପାଇଥିଲା। ରାଜ୍ୟ ବିହନ ପରିଚାଳନ। ନିର୍ଦ୍ଦେଶକ ବିହନ ଉତ୍ପାଦନ ଏବଂ ବିହନ ଯୋଗାଣ ରେଓଡ଼ିଶା ସରକାରଙ୍କ ଉତମ ପ୍ରୟାସ ଯାହା ବିହନ ରଥ ମାଧମ ରେ ଅକ୍ଷୟ ତୃତୀୟା ଦିନ ଚାଷୀ ଙ୍କ ଘର ନିକଟରେ ବିହନ ପହଂଚାଇବା ନିମନ୍ତେ ନିଷ୍ପତି ନିଆଯାଇ ଥିବା କହିଥିଲେ। ସୂଚନା ଯୋଗ୍ୟ କି ଏହି ବୈଠକ ରେ ୫ ଟି ଜିଲ୍ଲାର କୃଷକମାନେ ଯୋଗ ଦେଇ ଏହି ପ୍ରକଳ୍ପ ମାଧମ ରେ ଚାଷ କରି ସଫଳତା ପାଇଥିବା ଅଭିଜ୍ଞତା କୁ ପରିପ୍ରକାଶ କରିଥିଲେ । ଏହି ଅବସରରେ ଏହି ପ୍ରକଳ୍ପ ର ଆରମ୍ଭ ରୁ ଅର୍ଥାତ ୨୦୨୨/୨୩ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ପକଳ୍ପ ଦ୍ୱାରା ହୋଇଥିବା ଚାଷ କୁ ଅନୁଧ୍ୟାନ କରି ଲେଖା ଯାଇଥିବା ଏକ ଗବେଷଣା ସାରାଂଶ ଥିବା ଏକ ପୁସ୍ତିକା କୁ ଉନ୍ମଚନ କରାଯାଉଥିଲା । ଶେଷରେ ଏହି କାର୍ଯ୍ୟକ୍ରମଟିକୁ ଶ୍ରି ପ୍ରଶାନ୍ତ କୁମାର ପରିଡ଼ା ନିର୍ଦ୍ଦେଶକ ଏମ୍ ଏସ ସ୍ୱମିନାଥାନ ଗବେଷଣା ସଂସ୍ଥା ଜୟପୁର ଅଧ୍ୟକ୍ଷତା କରିବା ସହ ଅକ୍ଷୟ କୁମାର ପଣ୍ଡା କାର୍ଯ୍ୟକ୍ରମଟିକୁ ସୁପରିଚାଳନା କରିଥିଲେ।

# ସେଲ୍, ଆରଏସପି ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଇସ୍ପାତ ହାଟରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ

ରାଉରକେଲା, ୨୮/୩ (ନି.ପ୍ର): ଚଳିତ ସ୍ୱଚ୍ଛତା ପକ୍ଷର ଅଂଶ ସ୍ୱରୂପ, ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଟାଉନ୍ ଇଞ୍ଜିନିୟରିଂ-ଜନ ସ୍ୱାସ୍ଥ୍ୟ ଦଳ ଦ୍ୱାରା ସେକ୍ଟର-୧୯ ସ୍ଥିତ ଇସ୍ପାତ ହାଟ (ମୁଣ୍ଡା ମାର୍କେଟ୍) ରେ ଏକ ପ୍ରମୁଖ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା।



ବ୍ୟସ୍ତବହୁଳ ବଜାର ଅଞ୍ଚଳରେ ଉନ୍ନତ ପରିମଳ ଏବଂ ପରିଚ୍ଛନ୍ନତାର ଆବଶ୍ୟକତାକୁ ବିଚାର କରି ଏହି ଦଳ ଦ୍ୱାରା ପ୍ରଥମେ ସ୍ଥାନ ଚିହ୍ନଟ କରାଯାଇଥିଲା। ଅଭିଯାନ ପୂର୍ବରୁ, ଜନସ୍ୱାସ୍ଥ୍ୟ ଦଳ, ଦୋକାନୀ, ପନିପରିବା ବିକ୍ରେତା ଏବଂ ସ୍ଥାନୀୟ ଅଂଶୀଦାରମାନଙ୍କ ମଧ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ କରି ସେମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ଏବଂ ସଠିକ୍ ଆବର୍ଜନା ନିଷ୍କାସନର ଗୁରୁତ୍ୱ ବିଷୟରେ ସଚେତନ କରିଥିଲା।

ସଚେତନତା କାର୍ଯ୍ୟକଳାପ ପରେ, ଜମା ହୋଇଥିବା ଆବର୍ଜନା ଏବଂ ଆବର୍ଜନା ଅପସାରଣ ପାଇଁ ଜେସିବି ସମେତ ଭାରୀ ଯନ୍ତ୍ରପାତି ସାହାଯ୍ୟରେ ବଜାରର ପ୍ରମୁଖ ଅଞ୍ଚଳଗୁଡ଼ିକର ବ୍ୟାପକ ସଫେଇ କରାଯାଇଥିଲା।

ଏହି ପଦକ୍ଷେପକୁ ଜାରି ରଖି, ପରଦିନ ପ୍ରାୟ ୩୦ ଟି ସ୍ୱଚ୍ଛତା ସ୍ୱାଭିମାନ ଦଳର ସକ୍ରିୟ ଅଂଶଗ୍ରହଣରେ ଏକ ବିଶାଳ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା। ଏହି ଅଭିଯାନରେ ଟିଇ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ଶ୍ରୀ ବି. କେ. ଜୋଜୋ, ମାନବ ସମ୍ବଳ ବିଭାଗର ସିଜିଏମ ଶ୍ରୀ ମାନସ ରଥଙ୍କ ସହ ଟିଏସ୍ ଏବଂ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି. ଜି. କାନେକର ନେତୃତ୍ୱ ନେଇଥିଲେ। ସହର ସେବା ବିଭାଗର କର୍ମଚାରୀମାନେ ଏହି ପ୍ରୟାସରେ ଯୋଗ ଦେଇ ବଜାରର ବିଭିନ୍ନ ଅଂଶରେ ସାମୂହିକ ଭାବରେ ସଫେଇ କାର୍ଯ୍ୟକଳାପ କରିଥିଲେ। (ଟିଇ-ପିଏଚ) ବିଭାଗର ଡେପୁଟି ଚିଫ୍ ମେଡିକାଲ୍ ଅଫିସର ଡକ୍ଟର ଦୀପା ଲାଭାଙ୍ଗରେ ଏବଂ ସହାୟକ ପ୍ରବନ୍ଧକ ଶ୍ରୀ ରସାନନ୍ଦ ପ୍ରଧାନ, ଏହି କାର୍ଯ୍ୟକଳାପକୁ ସଂଯୋଜନା କରିଥିଲେ।

ଏହି ପଦକ୍ଷେପ କେବଳ ବଜାରରେ ପରିଷ୍କାର ପରିଚ୍ଛନ୍ନତା ଫେରାଇ ଆଣିବାରେ ସାହାଯ୍ୟ କରିନଥିଲା ବରଂ ସ୍ଥାନୀୟ ବିକ୍ରେତା ଏବଂ ବାସିନ୍ଦାଙ୍କ ମଧ୍ୟରେ ପରିଷ୍କାର ପରିବେଶ ବଜାୟ ରଖିବାର ଗୁରୁତ୍ୱ ବିଷୟରେ ସଚେତନତା ମଧ୍ୟ ବୃଦ୍ଧି କରିଥିଲା। ଏହି ଅଭିଯାନ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଅଧୀନରେ ପରିଚ୍ଛନ୍ନତା, ପରିବେଶଗତ ଦାୟିତ୍ୱ ଏବଂ ସାମୁଦାୟିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ସେଲ୍ ଆରଏସପିର ନିରନ୍ତର ପ୍ରତିବଦ୍ଧତାକୁ ସୂଚିତ କରେ।

# ଓୟୁଜେର ବେଳାଭୂମି ସ୍ୱଚ୍ଛତା ଅଭିଯାନ : ଇଞ୍ଚୁଡ଼ି କଳାମାଟିଆ ଉପକୂଳରେ ଓୟୁଜେର ବେଳାଭୂମି ସ୍ୱଚ୍ଛତା ଅଭିଯାନ

ବାଲେଶ୍ୱର, ୨୮/୩ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଲବଣ ସତ୍ୟାଗ୍ରହର ସ୍ମୃତି ପୀଠ ଇଞ୍ଚୁଡ଼ି ର ସମୁଦ୍ର କୂଳ କଳାମାଟିଆ ପାହି ରେ ବେଳାଭୂମି ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି।ଏହି ଅବସରରେ ୟୁନିଅନ ପକ୍ଷରୁ ବେଳାଭୂମି ରେ ପଡିରହିଥିବା ବିଭିନ୍ନ ଅଦରକାରୀ ସାମଗ୍ରୀ କୁ ସଫେଇ କରଯାଇଥିଲା । ବିଶେଷ କରି ବେଳାଭୂମି ବୁଲିବାକୁ ଓ ବଣଭୋଜି କରିବାକୁ ଆସୁଥିବା ଲୋକେ ବ୍ୟବହୃତ କରୁଥିବା ସାମଗ୍ରୀ କୁ ଏଣେତେଣେ ଫୋପାଡି ଦେଇ ପଳାଇଯାନ୍ତି ।ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳର ଲୋକେ ନାନା ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟାରେ ସମ୍ମୁଖୀନ ହୋଇଥାନ୍ତି ଓ ପରିବେଶ ପ୍ରଦୂଷିତ ହୋଇଥାଏ। ସମୁଦ୍ର ଉପକୂଳ ବାସୀ ମାନେ ଏ ଦିଗରେ ସଚେତନ ହେବାକୁ ୟୁନିଅନର ସଦସ୍ୟ ମାନେ ଉପକୂଳ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଲେ ଯେ, ବେଳାଭୂମିର ପରିବେଶ ସୁରକ୍ଷା ସହିତ ସମୁଦ୍ର ପଥରେ ବେଆଇନ ଅନୁପ୍ରବେଶ କୁ ରୋକିବା ପାଇଁ ଉପକୂଳ ବାସୀ ଅଧିକ ସଚେତନ ହୋଇ କାମ କରିବା ଆବଶ୍ୟକ। ସମୁଦ୍ର ଉପକୂଳରେ ରହୁଥିବା ଲୋକେ ଅନୁପ୍ରବେଶ କାରୀ ଙ୍କ ସଂପର୍କରେ ଜିଲ୍ଲା ପ୍ରଶାସନ ଓ ପୋଲିସ କୁ ଜଣାଇବା ଆବଶ୍ୟକ। ଇଞ୍ଚୁଡି ସରପଞ୍ଚ ରମଣୀ ରଂଜନ ମହାଳିକ କହିଲେ ଯେ, ସାମ୍ବାଦିକ ମାନଙ୍କ ଏହି ସଚେତନତା ମୂଳକ କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ। ବେଳାଭୂମି ସଫେଇ ଦ୍ୱାରା ଉପକୂଳ ର ପରିବେଶ ଭଲ ରହିବ ବୋଲି ସେ କହିଥିଲେ। ସଚେତନତା ଦ୍ୱାରା ଜନସାଧାରଣ ଅଧିକ କିଛି ଜାଣିବାକୁ ପାଇଲେ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ସାମ୍ବାଦିକ ଅନାମ ଚରଣ ପଣ୍ଡା, ଶିଶିର କୁମାର ଦାସ, ରାମ ନାରାୟଣ ଶତପଥି, ସୁରେଶ ଚନ୍ଦ୍ର ଦାସ, ଲକ୍ଷ୍ମୀଧର ଗାଣ,ଅରୂପ କୁମାର ଦାସ ,,ସୋମନାଥ ସାହୁ,, ରମାକାନ୍ତ ପଣ୍ଡା, କହ୍ନେଇ ଚରଣ ପ୍ରଧାନ,ଉତ୍କଳବନ୍ଧୁ ପଣ୍ଡା, ଶମ୍ଭୁନାଥ ନାୟକ, କୈଳାସ ଚନ୍ଦ୍ର ଦାସ, ବଳରାମ ଲେଙ୍କା, ସୁଶାନ୍ତ କୁମାର ବେହେରା, ଶ୍ରିଲେଖା ସାହୁ, ଜୟଦେବ ଆଚାର୍ଯ୍ୟ, ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବେଶ୍ୱର ଦାସ, ରାମଚନ୍ଦ୍ର ପ୍ରଧାନ, ଶିବପ୍ରସାଦ ଯାନା ପ୍ରମୁଖ ସଫେଇ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରି ସହଯୋଗ କରିଥିଲେ।



# ଗଂଜାମ ଜିଲ୍ଲା ହୋମଗାର୍ଡ ପରୀକ୍ଷାରେ ମହାଦୁର୍ନୀତି ଅଭିଯୋଗ ଆଣିଲା ବିଜେଡି

ଭୁବନେଶ୍ୱର, ୨୮/୩ (ନି.ପ୍ର): ଗଞ୍ଜାମ ଜିଲା ହୋମଗାର୍ଡ ପରୀକ୍ଷା ଫଳାଫଳ ପ୍ରକାଶନରେ ଆଉ ଏକ ସାଂଘାତିକ ତ୍ରୁଟି ସାମ୍ନାକୁ ଆସିଛି। ଚୟନ ପ୍ରକ୍ରିୟାର ସ୍ୱଚ୍ଛତା ନେଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛି ବିଜେଡି। ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଶ୍ରୀ ତୁମ୍ପନାଥ ପଣ୍ଡା, ଗଂଜାମ ଏସ୍‌ପିଙ୍କୁ ପ୍ରଶ୍ନ କରି କହିଛନ୍ତି ଯେ, ଗତ ୨୬ ତାରିଖରେ ଜିଲା ହୋମ୍‌ଗାର୍ଡ କମାଣ୍ଡାଂଟଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ସଂଖ୍ୟା ୧୬୫/ ଏଚଜିଏସ୍ ହୋମଗାର୍ଡ ମେଧା ତାଲିକା ପ୍ରକାଶିତ ହୋଇଥିଲା। ରାଜ୍ୟ ହୋମଗାର୍ଡ ନିର୍ଦ୍ଦେଶାଳୟର ଅନୁମୋଦନକ୍ରମେ ୧୩୫ ଜଣଙ୍କୁ ୩ ବର୍ଷ ପାଇଁ ଅସ୍ଥାୟୀ ଭାବେ ହୋମଗାର୍ଡ ରୂପେ ଚୟନ କରାଯାଇଥିବା ସମ୍ପର୍କିତ ଆଉ ଏକ ତାଲିକା ଏସ୍‌ପି ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ସମାନ ଚିଠି ନମ୍ବର ଥାଇ ଭିନ୍ନ ଏକ ଫଳାଫଳ ସୂଚୀ ପ୍ରକାଶ କରିଥିଲେ। ଏଠି ପ୍ରଶ୍ନ ଉଠୁଛି କେଉଁ ଫଳାଫଳଟି ଠିକ୍ ? ଗୃହମନ୍ତ୍ରୀ ଦାୟିତ୍ୱରେ ଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ଏହା ଉପରେ ସ୍ପଷ୍ଟିକରଣ ଦିଅନ୍ତୁ। ଓଡିଶାର ଡିଜିପି ଏହି ପରୀକ୍ଷାର ସଂପୂର୍ଣ୍ଣ ପ୍ରକ୍ରିୟା ଉପରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି କି ନାହିଁ ତାହା ସ୍ପଷ୍ଟ କରନ୍ତୁ। ସର୍ବୋପରି ଯେହେତୁ ଏସ୍‌ପିଙ୍କ ଇନ୍‌ଷ୍ଟାଗ୍ରାମରେ ଭିନ୍ନ ଏକ ଫଳାଫଳ ସୂଚୀ ପ୍ରକାଶ ପାଇଛି, ତେଣୁ ସେ ନିଜେ ଏହି ସଂପୂର୍ଣ୍ଣ ଘଟଣା ଉପରେ ସ୍ପଷ୍ଟିକରଣ ରଖିବାର ଆବଶ୍ୟକତା ଅଛି । ଶ୍ରୀ ପଣ୍ଡା ଆହୁରି ମଧ କହିଛନ୍ତି, ଓଡିଶାରେ ଯୁବକଯୁବତୀ ଡବଲ ଇଂଜିନ ସରକାର ଆସିବା ପରଠୁ ପ୍ରତିଦିନ ଚାକିରି କ୍ଷେତ୍ରରେ ପ୍ରତାରିତ ହେଉଛନ୍ତି । ଏହାପୂର୍ବରୁ ୨୦ ମାସର ଏ ସରକାରରେ ୨୦ ପରୀକ୍ଷାରେ ମହାବିଭ୍ରାଟ ହେଉଥିଲା। ଏହା ସହିତ ଆଉ ଏକ ମହାଦୁର୍ନୀତିର ଫର୍ଦ ଯୋଡି ହୋଇଗଲା। ଯେଉଁଥିରେ ପ୍ରତି ହୋମଗାର୍ଡ ପରୀକ୍ଷାର୍ଥୀଙ୍କ ଠାରୁ ୩ଲକ୍ଷ ଟଙ୍କା ଲାଂଚ କାରବାର ହୋଇଛି। ପୂର୍ବରୁ ଏସ୍‌ଆଇ ସ୍କାମରେ ମଧ ୨୫ ଲକ୍ଷ ଟଙ୍କା ଲାଂଚ କାରବାର ହୋଇଥିଲା। ଯାହାର ସତ୍ୟାସତ୍ୟ ଆଜି ପର୍ଯ୍ୟନ୍ତ ଓଡିଶାବାସୀ ପାଇଲେ ନାହିଁ । ଗଂଜାମ ଜିଲ୍ଲାରେ ସବୁଠାରୁ ଅଧିକ ପରୀକ୍ଷା ସଂପର୍କିତ ମହାଦୁର୍ନୀତି ହୋଇଛି। ଆଗାମୀ ଦିନରେ ଯଦି ସରକାର ଏହା ଉପରେ ସ୍ପଷ୍ଟିକରଣ ନଦେଇ କାର୍ଯ୍ୟାନୁଷ୍ଠାନ ନେବେ ନାହିଁ, ବିଜୁ ଜନତା ଦଳ ଏହି ଘଟଣା ରାଜରାସ୍ତାରୁ ଆରମ୍ଭ କରି ରାଜ୍ୟ ଏବଂ ପରେ ଜାତୀୟ ମାନବାଧିକାର ଆୟୋଗ ପର୍ଯ୍ୟନ୍ତ ମାମଲାକୁ ନେବ।

# ସ୍ୱର୍ଣ୍ଣଚୂଡ ଯୁବମହୋତ୍ସବ ସିଜିନ-୪ ଉଦ୍ଘାଟନୀ ଦିବସରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ମହାରୁଦ୍ରମ ଓ ଭଜନ ଅନୁଷ୍ଠିତ

ନୀଳଗିରି, ୨୮/୩ (ନି.ପ୍ର): ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁଥିବା ସ୍ୱର୍ଣ୍ଣଚୁଡ ଯୁବମହୋତ୍ସବ ସିଜିନ-୪ ଉଦ୍ଘାଟନୀ ଦିବସ ସ୍ଥାନୀୟ କେସି ହାଇସ୍କୁଲ ପଡ଼ିଆରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ମହାରୁଦ୍ରମ୍ ଏକ ଆଧାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଣ୍ଣଚୁଡ ଯୁବମହୋତ୍ସବ କମିଟିର ସଭାପତି ସବ୍ୟସାଚୀ ମହାପାତ୍ର ,ସମ୍ପାଦକ ଚିନ୍ମୟଶରଣ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓ ନୀଳଗିରି ସତ୍ୟସାଇ ସେବାସମିତି ଅନୁକୁଲ୍ୟରେ ଏହି ମହାରୁଦ୍ରମ୍ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଜି ପ୍ରଭାତରେ ଓଁ କାରମ, ସୁପ୍ରଭାତମ୍ ଓ ନଗରସଙ୍କୀର୍ତ୍ତନ ପରେ ଶ୍ରୀ ମହାରୁଦ୍ରମ୍ ପାଇଁ କାର୍ଯ୍ୟକ୍ରମ ଆରମ୍ଭହୋଇଥିଲା। ଏଥିରେ ରାଜ୍ୟ ଆଧାତ୍ମିକ ସଂଯୋଜକ ବିଭୁଦତ୍ତ ପାତ୍ର, ଜିଲ୍ଲା ସତ୍ୟସାଇ ସେବାସମିତିର ସଭାପତି ସୁକାନ୍ତ କିଶୋର ଦାସ,ସମିତି ଆବାହକ ବସନ୍ତ କୁମାର ପୃଷ୍ଟି,ଜିଲ୍ଲା ବେଦସଂଯୋଜକ ଶୈଳେନ୍ଦ୍ର କୁମାର ମଲ୍ଲିକ,ଜିଲ୍ଲା ବେଦ ସଂଯୋଜିକା ଶ୍ରୀମତୀ ରଶ୍ମୀରେଖା ବାରିକ ପ୍ରମୁଖ ଶ୍ରୀ ମହାରୁଦ୍ରମ କାର୍ଯ୍ୟ କୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାଲେଶ୍ୱର,ଭଦ୍ରକ ଓ ମୟୂରଭଞ୍ଜ ସାଇଜିଲ୍ଲାରୁ ବିଭିନ୍ନ ସତ୍ୟସାଇ ସେବାସମିତି ଯଥା - ବାଲେଶ୍ୱର,ରେମୁଣା, ନୀଳଗିରି, ସୋର, ସିକିଡିଆ, ଉଦଳା, ଜୁଣିଆ,ଚିତ୍ରଡ଼ା ଓ ଭଦ୍ରକ ସେବାସମିତିରୁ ବହୁସଂଖ୍ୟକ ସାଇଭକ୍ତ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୮୦ ଜଣ ମହିଳା ବେଦପାଠିନୀ ବେଦପାଠ କରିଥିଲେ। ୧୫୦ରୁ ଉର୍ଦ୍ଧ୍ୱ ସାଇସେବକ ଭାଇମାନେ ଅଂଶଗ୍ରହଣ କରି ସହଯୋଗ କରିଥିଲେ।ଏହି କାର୍ଯ୍ୟକ୍ରମକୁ ଉଲ୍ଲାସ କୁମାର ମହାନ୍ତି, ସୁଶାନ୍ତ କୁମାର ମହାପାତ୍ର, ଚିତ୍ତରଞ୍ଜନ ନାୟକ, ଚିତ୍ତରଞ୍ଜନ ବାରିକ, ବିନୟ କୁମାର ପ୍ରଧାନ, କାହ୍ନୁଚରଣ ନନ୍ଦୀ, ଦୀପକ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଖୋଲା ମଞ୍ଚରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇ ଆନୁଷ୍ଠାନିକ ଉଦ୍ଘାଟନ କରିଥିବା ବେଳେ ଏକ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାଇ ସିମ୍ଫୋନି ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।



# ବେତନଟୀ ବାର ଏସୋସିଏସନର ନୂତନ ସଭାପତି ରବିନାରାୟଣ ମହାପାତ୍ର

ବେତନଟୀ, ୨୮/୩ (ନି.ପ୍ର): ଷ୍ଟେଟ ବାର କାଉନସିଲ ପକ୍ଷରୁ ପ୍ରକାଶ କରାଯାଇଥିବା ବିଜ୍ଞପ୍ତି ମୁତାବକ ରାଜ୍ୟର ବିଭିନ୍ନ ଅଦାଲତ ମାନଙ୍କରେ ବାର ଏସୋସିଏସନ ନିର୍ବାଚନ ସମ୍ପାଦିତ ହୋଇଥିବା ବେଳେ ତଦନୁଯାୟୀ ଶନିବାର ବେତନଟୀ ଜେଏମଏଫସି କୋର୍ଟରେ ଆୟୋଜିତ ନିର୍ବାଚନର ଫଳାଫଳ ଘୋଷଣା ପରେ ବେତନଟୀ ବାର ଏସୋସିଏସନର ନୂତନ ସଭାପତି ରବିନାରାୟଣ ମହାପାତ୍ର ନିର୍ବାଚିତ ହୋଇଛନ୍ତି । ସୂଚନା ମୁତାବକ ବେତନଟୀ ବାର ଏସୋସିଏସନର ସଭାପତି, ଉପ ସଭାପତି ଏବଂ କୋଷାଧ୍ୟକ୍ଷ ପଦ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ଚାଲିଥିବା ବେଳେ ସମ୍ପାଦକ ସମେତ ଅନ୍ୟାନ୍ୟ ପଦପଦବୀ ପାଇଁ ଏକକ ନାମାଙ୍କନ ଦାଖଲ କରାଯାଇଥିଲା । ବେତନଟୀ ବାର ଏସୋସିଏସନ ଅଧିନରେ ୪୨ଜଣ ମତଦାତା ଥିବାବେଳେ ୩୮ଜଣ ମତଦାନ କରି ଦିଜର ମତ ସାବ୍ୟସ୍ତ କରିଥିଲେ । ବରିଷ୍ଠ ଆଇନଜୀବୀ ରବିନାରାୟଣ ମହାପାତ୍ର ସର୍ବାଧ?କ ୨୫ଖଣ୍ଡ ଭୋଟ ପାଇ ବେତନଟୀ ବାର ଏସୋସିଏସନର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ଲମ୍ବୋଦର ମହାନ୍ତ ମାତ୍ର ୧୩ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ । ସେହିଭଳି ମନୋଜ କୁମାର ଦଳେଇ ସର୍ବାଧିକ ୩୦ଖଣ୍ଡ ଭୋଟ ପାଇ ଉପସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ହେମନ୍ତ କୁମାର ମହାନ୍ତ ମାତ୍ର ୮ଖଣ୍ଡ ଭୋଗ ପାଇ ପରାଜୟ ବରଣ କରିଥିଲେ । ଏକକ ନାମାଙ୍କନ ଦାଖଲ କରିଥିବା ପ୍ରବୀର କୁମାର ବାରିକ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ମହିଳା ଆଇନଜୀବୀ ସହିତା ଦାସ ଯୁଗ୍ମସମ୍ପାଦିକା ଭାବେ ନିର୍ବାଚିତ ହୋଇଛନ୍ତି । ସେହିଭଳି ଲମ୍ବୋଦର ନାୟକ ସର୍ବାଧିକ ୨୩ଖଣ୍ଡ ଭୋଟ ପାଇ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ବେଳେ ଦୁଃଖୀଆ ମୁର୍ମୁ ୧୫ଖଣ୍ଡ ଭୋଟ ପାଇଥିଲେ । ଏକଜିକ୍ୟୁଟିଭ ସଦସ୍ୟ ଭାବେ ସତୀଶ କୁମାର ସାହୁ, ଧୀରୋଜ ଖଣ୍ଡେଲୱାଲ, ସଞ୍ଜୟ କୁମାର ପାତ୍ର, ସସ୍ମିତା ରାଉତ, ସତ୍ୟକାମ ପଣ୍ଡା ପ୍ରମୁଖ ମନୋନୀତ ହୋଇଛନ୍ତି । ବେତନଟୀ ବାର ଏସୋସିଏସନର ବିଭିନ୍ନ ପଦପଦବୀ ପାଇଁ ପ୍ରତିଦ୍ୱନ୍ଦିତା କରି ବିଜୟଲାଭ କରିଥିବା ନବନିର୍ବାଚିତ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ/ସଦସ୍ୟାମାନଙ୍କୁ ଫୁଲମାଳ, ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।




# ସେଲ୍, ଆରଏସପିର କର୍ମଚାରୀଙ୍କ ଜୀବନସାଥୀଙ୍କ ନିମନ୍ତେ କାରଖାନା ଭ୍ରମଣ ଆୟୋଜିତ

ରାଉରକେଲା, ୨୮/୩ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ମାନବ ସମ୍ବଳ ବିଭାଗ ଦ୍ୱାରା 'ପ୍ରଗତି ର ସାଥି' ପଦକ୍ଷେପ ମାଧ୍ୟମରେ, କର୍ମଚାରୀଙ୍କ ଜୀବନ ସାଥି ନିମନ୍ତେ ମାର୍ଚ୍ଚ ୨୪ ତାରିଖ ଦିନ କାରଖାନା ପରିଦର୍ଶନର ଆୟୋଜନ କରାଯାଇଥିଲା। ଯାହାଦ୍ୱାରା ସେମାନେ ପ୍ରଗତିରେ ପ୍ରଭାବଶାଳୀ ଅଂଶୀଦାର ହେବା ପାଇଁ କାରଖାନାର କାର୍ଯ୍ୟ ପରିସ୍ଥିତି ଏବଂ ମାନଦଣ୍ଡ ବିଷୟରେ ସଚେତନ ହୋଇପାରିବେ।



ବ୍ଲାଷ୍ଟ ଫର୍ଣ୍ଣେସେସ୍, ପିବିଏସ, ଏସପି-୧, ସିପିପି-୧ ଏବଂ ଏସଏମଏସ-୧ ର ୨୦ ଜଣ କର୍ମଚାରୀଙ୍କ ଜୀବନ ସାଥିଙ୍କୁ ବ୍ଲାଷ୍ଟ ଫର୍ଣ୍ଣେସ୍-୫, ଷ୍ଟିଲ୍ ମେଲ୍ଟିଂ ସପ୍-୨, ଏସପିପି-୧, ନ୍ୟୁ ପ୍ଲେଟ୍ ମିଲ୍ ଏବଂ ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ପରିଦର୍ଶନ କରଯାଇଥିଲା। ସିପିପି-୧ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ଏହାର ଦିସ୍ପର୍ଶନ କାର୍ଯ୍ୟକ୍ରମରେ ସିପିପି-୧ ବିଭାଗର ଜିଏମ ଶ୍ରୀ ଏନ.ସି. ପରିଡା, ଜିଏମ ଶ୍ରୀ ଜୟବୀର ସିଂହ, ଜିଏମ ଶ୍ରୀ ବି.ଭି. ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ଦିବ୍ୟା ସାହୁ ଉପସ୍ଥିତ ଥିଲେ।

ଏହି ଦିସ୍ପର୍ଶନ କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ କାରଖାନା ସମୀକ୍ଷା ଏବଂ ସୁରକ୍ଷା ଉପରେ ଏକ ଭିଡିଓ ଦେଖାଯାଇଥିଲା। ଆଲୋଚନା ସମୟରେ ବରିଷ୍ଠ ଅଧିକାରୀମାନେ ପରିଦର୍ଶକମାନଙ୍କୁ ସେମାନଙ୍କର ନିରନ୍ତର ସମର୍ଥନ ଜାରି ରଖିବା ସହ ସେମାନଙ୍କର ଜୀବନସାଥୀଙ୍କୁ ସୁରକ୍ଷା ମାନଦଣ୍ଡ ପାଳନ ଦିଗରେ ଉତ୍ସାହିତ କରିବାକୁ ଅନୁରୋଧ କରିଥିଲେ। ପରିଦର୍ଶକମାନଙ୍କୁ କଞ୍ଚାମାଲ ଠାରୁ ଆରମ୍ଭ କରି ଅନ୍ତିମ ଉତ୍ପାଦ ପର୍ଯ୍ୟନ୍ତ ଇସ୍ପାତ ତିଆରି ପ୍ରକ୍ରିୟା ବିଷୟରେ ସୂଚନା ଦିଆଯାଇଥିଲା।

ଏହି ପରିଦର୍ଶନକୁ ସୁଶ୍ରୀ ଦିବ୍ୟା ସାହୁ ସମ୍ପୃକ୍ତ ବିଭାଗଗୁଡ଼ିକ ସହିତ ମିଳିତ ଭାବରେ ସଂଯୋଜନା କରିଥିଲେ।

# ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ

ନୀଳଗିରି , ୨୮/୩ (ନି.ପ୍ର): ନବଦିବସ ବ୍ୟାପି ଶ୍ରୀ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ଓ ଜ୍ଞାନଯଜ୍ଞ ନୀଳଗିରି ଗୁଣ୍ଡିଚାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ରାମନବମୀ ଠାରୁ ନଅଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମଦିବସରେ ପଣ୍ଡିତ ଦେବାଶିଷ ଦ୍ୱିବେଦୀ ଶ୍ରୀରାମଚରିତ ମାନସ ଉପରେ ଭାବଗର୍ଭକ ପ୍ରବଚନ ପ୍ରଦାନ କରିଥିଲେ। ଦ୍ୱିତୀୟଦିବସରେ ବାଙ୍କିର ଲବ୍ଧପ୍ରତିଷ୍ଠିତା ବାଗ୍ମୀ ପ୍ରବଚିକା ସୁଶ୍ରୀ ଗୀତାଞ୍ଜଳି ଜେନା ମର୍ଯ୍ୟାଦା ପୁରୁଷୋତ୍ତମ ମହାପ୍ରଭୁ ଶ୍ରୀରାମଙ୍କ ଜୀବନୀକୁ ଅତି ପ୍ରାଞ୍ଜଳ ଭାବରେ ବ୍ୟାଖ୍ୟା କରିଥିଲେ। ଶହଶହ ଶ୍ରୀରାମପ୍ରେମୀ ଶ୍ରଦ୍ଧାଳୁ ପ୍ରବଚନ ଓ ଜ୍ଞାନଯଜ୍ଞରେ ଉପସ୍ଥିତିହୋଇ ମାନସ ଶ୍ରବଣ କରିଥିଲେ। ଆୟୋଜକ ବ୍ରହ୍ମାନନ୍ଦ ଦାସ, ଅନନ୍ତ କୁମାର ବେହେରା, ପିତାମ୍ବର ପାତ୍ର, ନବକିଶୋର ଦାସ ଏବଂ ବହୁ ଶ୍ରୀରାମପ୍ରେମୀଙ୍କ ଏହି ଭବ୍ୟ ଅୟୋଜନକୁ ସାଧାରଣରେ ପ୍ରଶଂସା କରାଯାଇଛି।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୯ ମାର୍ଚ୍ଚ ୨୦୨୬
email :
rabibarachayan2015@gmail.com




## ମନଗହନର କଥା...



ଆମ ରାଜ୍ୟର ଗାଁ ଗାଁରୁ କୁଆଡ଼େ ଗଲେ ବାଇ ଚଢ଼େଇ। କୁଆଡ଼େ ଗଲେ ପଦ୍ମତୋଳା ଡାକୁଥିବା ସାପୁଆ କେଳା, ବାଉଁଶ ରାଣୀ ଆଉ ଚକୁଳିଆ ପଣ୍ଡା ? ହଜାର ହଜାର ବଣ ପାହାଡ଼ ଆଜି ବୃକ୍ଷଶୂନ୍ୟ ହୋଇଯାଉଛି। ନଈ ପୋଖରୀରୁ ପାଣି ଶୁଖି ଯାଉଛି। ସେଥିପ୍ରତି ହୁଏତ ଆମର ଉଦ୍‌ବେଗ ନାହିଁ।

ପୃଥିବୀର ମହିମ୍ନ ସୁନ୍ଦର ପରିବେଶକୁ ସୁରକ୍ଷିତ କରି ରଖିବାପାଇଁ ପ୍ରାଚୀନ ପରମ୍ପରା ଆଧୁନିକମାନଙ୍କୁ ପ୍ରୋତ୍ସାହିତ କରୁ। ଏହାଦ୍ୱାରା ଆଧୁନିକତା ଆହୁରି ପୋଷକତା ଲାଭ କରିବ।

ଆଜି ତଥାପି ଆମ ପ୍ରାଚୀନ ଉତ୍କଳୀୟତା, ପ୍ରାଚୀନ ଭାରତୀୟତାକୁ କଥା କଥାକେ ଖୋଜୁଛୁଁ । ସେପାଇଁ କିଛି ଉନ୍ମୁଖ ଆମର ରହିଛି; ଅଥଚ ଦିନକୁ ଦିନ ତାହା ହଜି ଯାଉଛି।

ଏକାନ୍ନବର୍ତ୍ତୀ ପରିବାରର ଅମାପ ଆତ୍ମୀୟତା ଭାରତୀୟ ଜନଜୀବନକୁ ଯେଉଁ ସଂହତି, ଯେଉଁ ଶାନ୍ତି ଆଣି ଦେଇଥିଲା ଆଧୁନିକ ସମୟ ତାର ବିଲୋପ ଘଟାଇଲା। ତାହା ଥିଲା ଆମ ପାରିବାରିକ ବ୍ୟବସ୍ଥାର ବୈଶିଷ୍ଟ୍ୟ।

ଆଧୁନିକ ମଣିଷର ହଜାରେ ସାମର୍ଥ୍ୟ, ହଜାରେ ପାରଦର୍ଶିତା ସତ୍ତ୍ୱେ ଏକାନ୍ନବର୍ତ୍ତୀ ପରିବାରର ଅବର୍ତ୍ତମାନତାରେ ଆଜି ସେ ମାନସିକ ଅବସାଦ ଭୋଗୁଛି। ନିଃସଂଗତାର ଯନ୍ତ୍ରଣା ଭିତରକୁ ଠେଲି ହୋଇଯାଉଛି।

ଆମେ ସେ ହରାଇଥିବା ପୁରୁଣା ପୃଥିବୀକୁ ହୁଏତ ଆଉ ଫେରି ପାଇବୁନି। ପଛ ସମୟକୁ ଫେରିଯାଇ ପାରିବୁନି। ହେଲେ ହଜେଇ ଦେଇଥିବା ପୃଥିବୀ ପ୍ରତି ଆମର ଗୋଟେ ମମତ୍ୱବୋଧ ରହୁ ଯେ ତାହା ଆମକୁ ଆଶ୍ରମବାସୀଙ୍କ ଭଳି ଅଳ୍ପରେ ସନ୍ତୁଷ୍ଟ ହୋଇ ଅନନ୍ତେ ସନ୍ଧାନୀ ହେବାକୁ ପ୍ରୋତ୍ସାହିତ କରିବ।


**- ପ୍ରଫେସର ଆଦିକନ୍ଦ ସାହୁ**
ଚନ୍ଦ୍ରାଲୋକ, ୩୮ଏଚଆଇଜି-କେ୬
କଳିଙ୍ଗ ବିହାର, ଭୁବନେଶ୍ୱର-୧୯
(ମୋ) ୮୮୯୫୧୭୯୯୪୩


## ବୁଦ୍ଧ କାହାଣୀ





ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

### ୨୯ ଭଦ୍ରମହିଳା ପଟାଚ୍ଛରା (ଖ)

ମୁଁ ଏକାଥରକେ ପିଲାଦୁଇଟିକୁ ବୋହି ନଇ ପାର କରିପାରିବି ନାହିଁ।" ତେଣୁ ସେ ବଡ଼ପୁଅକୁ କୂଳ ନିକଟରେ ଛାଡ଼ି ସାନପୁଅକୁ ଧରି ନଦୀ ପାରହେଲେ। ଗୋଟିଏ ଗଛର କିଛି ଡାଳ ଭାଙ୍ଗି ଭୂମିରେ ବିଛାଇଲେ ଓ ପିଲାଟିକୁ ତା' ଉପରେ ଶୁଆଇଦେଇ ବଡ଼ପୁଅ ପାଖକୁ ଫେରିଆସିଲେ।

ପଟାଚ୍ଛରା ପ୍ରାୟ ଯେତେବେଳେ ନଈ ମଝିରେ ପହଞ୍ଚିଥିଲେ, ଛଞ୍ଚାଣଟିଏ ଛୋଟଛୁଆଟିକୁ ଭୁଲବଶତଃ ମାଂସ ଖଣ୍ଡଟିଏ ଭାବି ତାକୁ ନେବାପାଇଁ ତଳକୁ ଓହ୍ଲାଇଲା। ଛଞ୍ଚାଣ ଛୁଆଟିକୁ ନେଇଯିବାର ଦେଖି ମା' 'ସୁ! ସୁ' କହି ଜୋର୍‌ରେ ଚିତ୍କାର କଲା। ବଡ଼ପୁଅଟି ଭାବିଲା, "ବୋଧେ ମା' ମୋତେ ଡାକୁଛନ୍ତି।" ତେଣୁ ସେ ଶିଘ୍ରଶିଘ୍ର ଯାଉଥିବା ବେଳେ ପାଣିରେ ପଡ଼ିଗଲା। ମା' ତାକୁ ବଞ୍ଚାଇବା ପାଇଁ ତା' ପାଖକୁ ଧାଇଁ ଆସୁଥିବା ବେଳେ ପିଲାଟି ନଦୀରେ ଭାସିଗଲା ଏବଂ ସାନପୁଅକୁ ଛଞ୍ଚାଣ ଝାମ୍ପି ନେଇ ଚ୍ଛଲିଗଲା।

ଏବେ ପଟାଚ୍ଛରା ଖୁବ୍ ଦୁଃଖିତ ହୋଇଗଲେ ଏବଂ କାନ୍ଦିକାନ୍ଦି କହୁଥିଲେ, "ମୋର ଗୋଟିଏ ପୁଅକୁ ଛଞ୍ଚାଣ ଉଠାଇ ନେଲା, ଅନ୍ୟଟି ପାଣିରେ ଭାସିଗଲା, ପଥ ମଧ୍ୟରେ ମୋ ସ୍ୱାମୀ ମଧ୍ୟ ମୃତ୍ୟୁବରଣ କଲେ।"

ସେ କାନ୍ଦିକାନ୍ଦି ଚ୍ଛଲିଲା। ରାସ୍ତାରେ ଜଣେ ଲୋକଙ୍କୁ ଭେଟିଲା। ତାଙ୍କୁ ପଚ୍ଛରିଲା, "ମହାଶୟ, ଆପଣ କେଉଁଠାରେ ରହୁଛନ୍ତି।"

"ଶ୍ରାବସ୍ତୀରେ" - ସେ ଉତ୍ତର ଦେଲେ।

"ଶ୍ରାବସ୍ତୀ ସହରରେ ଅମୁକ ସ୍ଥାନରେ ଅମୁକ ପରିବାର ବାସ କରନ୍ତି। ଆପଣ ସେମାନଙ୍କୁ ଜାଣନ୍ତି କି ମହାଶୟ ?"

"ହଁ ମହାଶୟା, ମୁଁ ସେମାନଙ୍କୁ ଜାଣେ। ମାତ୍ର ସେହି ପରିବାର ବିଷୟରେ ମୋତେ କିଛି ପଚ୍ଛରନାହିଁ। ତୁମେ ଜାଣିଥିବା ଅନ୍ୟ କୌଣସି ପରିବାର ବିଷୟରେ ପଚ୍ଛରିପାର।"

"ଓଃ ! ହଁ ମହାଶୟ, ମୁଁ କେବଳ ସେହି ପରିବାରକୁ ହିଁ ଜାଣେ। ଦୟାକରି ମୋତେ ସେହି ପରିବାର ବିଷୟରେ କୁହନ୍ତୁ" - ପଟାଚ୍ଛରା କହିଲେ।

"ଯେହେତୁ ତୁମେ ଜିଦ୍ ଧରିଛ, ତେଣୁ ମୁଁ



ସତ୍ୟକୁ ଲୁଚ୍ଛଇପାରିବି ନାହିଁ। ତୁମେ କ'ଣ ଜାଣିଛ ଗତକାଲି ରାତିରେ ପ୍ରବଳ ବର୍ଷା ହୋଇଥିଲା ?" - ଲୋକଟି କହିଲା।

ଉତ୍ତର ଦେଲେ ଭଦ୍ରମହିଳା, "ହଁ, ମୁଁ ଜାଣେ। ମୁଁ ଭାବୁଛି କେବଳ ମୋ ଉପରେ ହିଁ ବର୍ଷା ହୋଇଥିଲା, କାରଣ ଏଥିରେ ମୋର ହିଁ ସବୁଠାରୁ ବେଶି କ୍ଷତି ହୋଇଥିଲା।"

କହିଚ୍ଛଲିଲେ ବ୍ୟକ୍ତିଜଣକ, "ଏ ପ୍ରବଳ ବର୍ଷାରେ ସେହି ଘରଟି ଭାଙ୍ଗିଯାଇଛି। ଏହାର କାନ୍ଥ ବାପା, ମା' ଏବଂ ଏକମାତ୍ର ପୁଅ ଉପରେ ପଡ଼ିଯାଇଛି।"

ଭଦ୍ରମହିଳା କହିଲେ, "ଓଃ ! ନା ! ସେମାନେ ମରିଯାଇଛନ୍ତି ବୋଲି ଆପଣ କୁହନ୍ତୁନାହିଁ।"

"ହଁ ! ତୁମେ ସେଠାରେ ସେଇ ନିଆଁ ଦେଖିପାରୁଛ କି ?" ଅଳ୍ପ ଦୂରରେ ଜଳୁଥିବା କିଛି ଅଗ୍ନିଶିଖାକୁ ଇଙ୍ଗିତ କରି ବ୍ୟକ୍ତିଜଣକ ପଚ୍ଛରିଲେ।

ଭଦ୍ରମହିଳା କହିଲେ, "ହଁ, ମୁଁ ଦେଖିପାରୁଛି।" "ଏହା ସେମାନଙ୍କର ଜୁଇନିଆଁ।" - ବ୍ୟକ୍ତିଜଣକ କହିଲେ।

ପଟାଚ୍ଛରା ଏହା ଶୁଣିବା ମାତ୍ରେ ଭୂମିରେ ପଡ଼ିଗଲେ ଏବଂ ଦୁଃଖରେ ଏଣେତେଣେ ଗଡ଼ିବାକୁ ଲାଗିଲେ। କିଛିଲୋକ ସେଠାରେ ଆସି ପହଞ୍ଚିଲେ ଓ ତାଙ୍କୁ ଜେତବନ ମନ୍ଦିରକୁ ନେଇଗଲେ ଯେଉଁଠାରେ ବୁଦ୍ଧ ଉପଦେଶ ଦେଉଥିଲେ। ତାଙ୍କୁ ଗାଧୋଇଦେବାକୁ, ପୋଷାକ ପିନ୍ଧାଇଦେବାକୁ, ଖାଦ୍ୟ ଦେବାକୁ ବୁଦ୍ଧ କେତେଜଣ ମହିଳାଙ୍କୁ କହିଲେ ଏବଂ ତା'ପରେ ସେ ପଟାଚ୍ଛରାଙ୍କୁ ସବୁଠାରୁ କୋମଳ ଓ ମଧୁର ସ୍ୱରରେ ସାନ୍ତ୍ୱନା ଦେଲେ। ବୁଦ୍ଧ ଉପଦେଶ ପ୍ରଦାନ କାର୍ଯ୍ୟ ସାରିବା ପରେ ସେ ସଂବିତ୍ ଫେରିପାଇଲେ ଓ ବୁଦ୍ଧଙ୍କୁ ତାଙ୍କ ଦୀକ୍ଷା ଦେବାକୁ ପ୍ରାର୍ଥନା କଲେ। ବୁଦ୍ଧ ତାଙ୍କୁ ଦୀକ୍ଷା ଦେଲେ। (କ୍ରମଶଃ)


❤ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର,
ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮


## ପାଉଁଜିର ପାଣ୍ଡୁଲିପି-୧୩

**ବିପିନ ମହାନ୍ତି**



### ପାଉଁଜ ଓ ଘୁଙ୍ଗୁର

ଭରା ମେହେଫିଲ୍ ସୁରା ଓ ସାକୀର ମସଗୁଲ୍ ମଧୁଶାଳା
ଜମିଲାଣି ନିଶା ଥମିଲାଣି ପାଦ ଶୋଇଲାଣି ମଧୁବାଳା
ଘଡ଼ା ବି ଗଡୁଛି ସରାବି ପଡ଼ିଛି, ପଡ଼ିଛି ବି ସାକୀ ଭୋଳେ
ଛିଡ଼ିଛି ନର୍ତ୍ତକୀ ପାଦରୁ ଘୁଙ୍ଗୁର ସାକୀର ପାଉଁଜି ହଳେ।

ନବାବ ପଡ଼ିଛି କବାବ ଖାଇକି ପିଆଲାରୁ ସୁରା ଖାଲି
ପାଉଁଜି ଉଠାଏ ଘୁଙ୍ଗୁରକୁ ଧୀରେ ଉଠ୍‌ବେ ନାଚବାଲୀ
ରାଗେ ଗରଗର ହୋଇକି ଘୁଙ୍ଗୁର କହେ ତୁ ପାଉଁଜି ଛାର
ଖାନିକିଟା ପୁଣି ନାନୀକି କହୁଛୁ କେଉଁ ଗୁଣେ ସରି ମୋର।

ସଙ୍ଗିନ ରାତିକୁ ରଙ୍ଗିନ କରେ ମୁଁ ଛମଛମ ରାତି ଝୁମେ
ପାଦରେ ବାନ୍ଧିଲେ ଭାବର ଘୁଙ୍ଗୁର ନବାବୀ ମୁଜୁରା ଜମେ
ତୁ'ଟା ବିଟପୀ ସବୁ ସୀମା ଟପି ପାଦ ଚିପି ଯାଉ ଘରୁ
ନିଃଶବ୍ଦରେ କା'ର ଅନ୍ତଃପୁରେ ପଶି ଇଜ୍ଜତ ମହତ ସାରୁ।

କଜିଆରେ ପୂରା ଧଜିଆ ଉଡ଼ିଲା ଦୁହେଁ ହେଲେ ଖୁଣାଖୁଣି
ପାଦକୁ ପ୍ରମାଦ ପାଉଁଜି ଘୁଙ୍ଗୁର ସତେ ଦୁଇ ସଉତୁଣୀ।


❤ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧


## କବିତା

## ॥ ପଥଚାରୀ ॥

**କେଦାର ମିଶ୍ର**



ଚାଲୁ ଚାଲୁ କେତେବେଳେ ସରିଯାଇଛି ପାଦ,
ମୋତେ ଜଣା ନାହିଁ ।

ରାସ୍ତା ଫୁଲର ଥିଲା ନା ରକ୍ତର
ଠିକଣା ତମର ଥିଲା ନା ମୋର
ଚାଲିଲା ବେଳେ ମୁଁ ଚାଲୁଥିଲି ନା ମୋ ସାଙ୍ଗରେ
ଚାଲୁଥିଲା ଆମର ପୃଥିବୀ
ଚାଲୁ ଚାଲୁ ମୁଁ ନଈ ହେଲି ନା ହେନ୍ତାଳ ବଣ
ମୁଁ ମଣିଷ ହେଲି ନା ମୂର୍ତ୍ତି ହୋଇ ପଥରେଇ ଗଲି ମନ୍ଦିରରେ
ସତରେ ମୋର କିଛି ମନେ ନାହିଁ।

ହଁ, ଏତିକି ମନେଅଛି
ତମ ସହ ଦେଖା ହେବ ବୋଲି ମୁଁ ବାହାରିଥିଲି ରାସ୍ତାକୁ
ତମ ପ୍ରେମରେ ପଡୁ ପଡୁ ଭଉଁରୀ ଖେଳିଲି ରାସ୍ତାରେ
ବାଟବଣା ଲହ ମାଡ଼ି ଭୁଲିଗଲି ଠିକଣା
ତା ପରେ ନା ଆଉ ଫେରିଛି ଘରକୁ
ନା ପାଇଛି ତମର ଠିକଣା।

ରାସ୍ତା ଗୋଟେ ଅଜବ ମାୟା
ସବୁ ଦିଗରେ ଦିଶୁଥାଏ ତମର ଘର
ସବୁ ଗଛ ଟିକେ ଟିକେ ତମ ପରି ଦେଖାଯାନ୍ତି
ବେଳେବେଳେ ତମେ ମୋ ମୁଣ୍ଡ ଉପରେ ବସ
ଶାରୀ ପରି, ମୋତେ ଗୀତ ଗାଇ ଶୁଏଇ ଦିଅ ରାସ୍ତାରେ
ମୁଁ ସ୍ୱପ୍ନରେ ବି ଚାଲୁଥାଏ ଓ ତମର ଘର ଦିଶୁଥାଏ
ଚଉଦିଗରେ।

ମୁଁ ତମକୁ ପାଇବି ବୋଲି
ଆସ୍ତେ ଆସ୍ତେ ନିଜ ଭିତରକୁ ପଶେ
ମୋ କଣ୍ଠରୁ ତମର ଭାଷା ଆସେ କବିତା ହୋଇ
ଅକସ୍ମାତ ଦେଖେ, ମୁଁ ତମର କବିତା ଭିତରେ
ବନ୍ଧା ପଡ଼ିଛି ଚିତ୍ରଟିଏ ହୋଇ।

ପାଦ ସରିଯାଇଛି ଧନ, ହେଲେ ଚାଲିବା ସରିନାହିଁ।


❤ ଭୁବନେଶ୍ୱର
(ମୋ) ୯୪୩୭୧୫୪୪୪୫


## ॥ ଖୋଜିବାର ଅଭିପ୍ରୟାସ ॥

**ବିବୁଲ ମହାକୁର**



ମୁଁ ତ ବାରମ୍ବାର ଖୋଜିଛି ତୁମକୁ
ଖ୍ରୀଷ୍ଟପୂର୍ବରୁ ଖ୍ରୀଷ୍ଟାବ୍ଦ ଯାଏ,
ପ୍ରତିବାର ପାଇଛି ତୁମକୁ
ଧୂଳି ଧୂସରିତ ଲାଲମାଟି ଦେହେ
ତୁମ ପାଦ ଛାଡିଥିବା ନିର୍ବୋଧ ଚିହ୍ନ ସହ।

ଶିବରାତ୍ରିର ଜାଗର ପରି
ପ୍ରତିବାର ଚଢ଼ିଛି ଦେଉଳ ଉପରକୁ
ନିରେଖିଛି କେଇ ଅନିଦ୍ରା ଆଖିକୁ
ପ୍ରତିବାର ପାଇଛି ତୁମକୁ
ଲିଭି ଆସୁଥିବା ତୁମ
ହାତଜଳା ଦୀପଶିଖା ମଧ୍ୟେ।

ଜୁଳୁଜୁଳିଆ କହୁଥିଲା
ସେଦିନ ତମେ ଆସିଥିଲ ବୋଲି
ଚନ୍ଦ୍ରଗ୍ରହଣରେ ଚାନ୍ଦିନୀ ହୋଇ
ତମ ପ୍ରତିଶ୍ରୁତି ରଖିଥିଲ ତମେ
କିନ୍ତୁ ମୁଁ
ଦେଖିଥିଲି ତୁମକୁ କ୍ୟାଲେଣ୍ଡର ମଧ୍ୟେ
ପୂର୍ଣ୍ଣିମାର ନିସ୍ତେଜ ଚିତ୍ରଟିଏ ମଧ୍ୟେ।

ଜୀବନ ସଂଖ୍ୟାରେଖା ମଧ୍ୟେ
ଖୋଜିଛି ପ୍ରତିବାର
ପୂର୍ବବର୍ତ୍ତୀ ପରବର୍ତ୍ତୀ ହୋଇ
ଯେବେ ବି ପାଦେ ପାଦେ ବଢ଼ିଛି
ପ୍ରତିବାର ପାଇଛି ପରବର୍ତ୍ତୀ ସଂଖ୍ୟା ମଧ୍ୟେ
ମାତ୍ର ପାଇନି ସ୍ୱର୍ଶ
ଦେଖିଛି କେବଳ
ଦକ୍ଷିଣରେ ତୁମ ଛାଇ ଲମ୍ବିଯିବାର।

ହାରିଯିବାର ପ୍ରଶ୍ନ ହିଁ ନାହିଁ ଏଠି
ରହିଥିବି ନୀରବ ଘଡଘଡିଟିଏ ହୋଇ
ତୁମେ ବିଜୁଳି ହୋଇ ଉଭେଇ ଯାଉଥିଲେ
ପ୍ରତିବାର ଧାଇଁ ଯାଉଥିବି
ଖୋଜିବାର ଅଭିପ୍ରୟାସଟିଏ ହୋଇ।


❤ ଗ୍ରା/ପୋ - ବୁର୍ଢ଼ା
ଥାନା - ଲୋଇସିଂହା
ଜିଲ୍ଲା - ବଲାଙ୍ଗୀର
ମୋ.ନଂ.- ୮୨୪୯୭୦୨୨୫୨


## ॥ ଘର ॥

**ସିଦ୍ଧେଶ୍ୱର ପଣ୍ଡା**



ଘର : ପୃଥିବୀର ସ୍ୱର୍ଗ
ବିପୁଳ ବିଶ୍ୱାସର ବିଶ୍ରାମାଳୟ
କେତେ ନୀତି ନିଷ୍ଠା ନିୟମର ପବିତ୍ର ମନ୍ଦିର
ପ୍ରୀତି ପୁଲକ ର ମାଟିର ବୈକୁଣ୍ଠ ।

ଘର :ଏକ ବରଗଛ
ସମ୍ପର୍କର ଓହଳରେ ଝୁଲୁଥାଏ ପରମ ବିଶ୍ୱାସ
ଜୀବନ ପାଇଁ ଘରଟିଏ ଲୋଡ଼ା
ସେ କାଠି କୁଟାର ନିର୍ମଳ ନୀଡ଼ଟିଏ ହେଉ କି
ଚକ୍‌ଚକ୍ ମାର୍ବଲ ଟାଇଲ୍‌ସର
ଭାବର ଭବନ ହେଉ
ତଥାପି ଚିତ୍ରିତ ଚେତନାରେ ଦୋଳି ଖେଳୁଥିବା
ଶବ୍ଦରେ ଗଢା ଲଳିତ ରାଗର ଗୀତଟିଏ ।

ଘର : କରୁଣା ଓ କର୍ତ୍ତବ୍ୟର
ନିଃସ୍ୱାର୍ଥପର ମାଳାଟିଏ
ସମ୍ପର୍କର ସୂତାରେ
ଭଳି ଭଳି ଭାବର ଫୁଲ ସବୁ
ଗୁନ୍ଥା ହୋଇଥାଏ ।

ଘର : ପ୍ରୀତି ଓ ପ୍ରତ୍ୟୟର ସମୁଦ୍ରରେ
ଭାସୁଥିବା ଡଙ୍ଗାଟିଏ
ସଂସ୍କାର ଓ ତ୍ୟାଗର
ସେବା ଓ ଶ୍ରଦ୍ଧାର
ଆଶା ଓ ଆକାଂକ୍ଷାର ମାୟାବୀ ସମ୍ପର୍କ
ଦିବ୍ୟ ନିୟମରେ ଗଢା ହୋଇଥିବା
ନୀରବ ନକ୍ଷତ୍ରଟିଏ ।

ଘର : ଖାଲି ମାନବୀୟ ପ୍ରେମର ପରିଭାଷା ନୁହଁ
ବିଶ୍ୱପ୍ରେମର ନିଷ୍କାମ ମନ୍ତ୍ରଟିଏ
ଯିଏ ଯେଉଁଠି ଥିଲେ ବି ଘର ଡାକୁଥାଏ
ଯେପରି ଆକାଶର ଜହ୍ନ
ଯେତେ ଦୂରେ ଥିଲେ ବି
ଲାଗେ ଏକ ମାୟାଛନ୍ନ ବୃନ୍ଦାବନ ।

ଘର :ଶବ୍ଦରେ ଶବ୍ଦରେ
ଶୁଦ୍ଧ ହୋଇଥିବା
ସ୍ୱର୍ଗୀୟ ସ୍ତବକଟିଏ
ଘର ପରସ୍ପରକୁ ଆପଣେଇନେବାର
ଆକର୍ଷଣର କେନ୍ଦ୍ରବିନ୍ଦୁ ଟିଏ ।


❤ ଇଂରାଜୀ ପ୍ରାଧ୍ୟାପକ
ଶୂଳିଆପଦା , ମୟୂରଭଞ୍ଜ
ମୋ -୯୧୭୮୧୫୩୯୬୨


## ॥ ଅମାନିଆ ଖରା ॥

**କ୍ଷମାନିଧି ଭୋଇ**



ଅଗ୍ନି ସ୍ଫୁଲିଙ୍ଗ ପରି ପୋଡ଼ିଦିଏ ସର୍ବାଙ୍ଗ
ଆଜି ଏଠି ପ୍ରଚଣ୍ଡ ଖରାର ପ୍ରଭାବ
ଏ ଜୀବନଟା ଖୋଜେ ତେଣୁ
ଯେକୌଣସିମତେ ବଞ୍ଚିବାର
ରାହା କେବଳ ।

ଅସ୍ତବ୍ୟସ୍ତ ସଙ୍କଟାପନ୍ନ ଜୀବନ ଜଞ୍ଜାଳ ଟିକକ
ନିସ୍ତାର ପାଏନି ନିଷ୍ଠୁର ରୌଦ୍ର୍ୟ ପ୍ରାଦୁର୍ଭାବରୁ
ଘରେ ବାହାରେ ସବୁଠି
ଝାଳନାଳ ସରସର ଦିହମୁଣ୍ଡ
ଯମ ପରି ଜଗି ବସିଥାଏ ପୁଣି
ଅଂଶୁଘାତ ଭୟ ।

ବିଞ୍ଚଣା ପଙ୍ଖା କୁଲର ଏସି ଲାଗି ପଡନ୍ତି ସଭିଏଁ
ଏ ମଣିଷକୁ ଟିକିଏ ଥଣ୍ଡା କରିବାକୁ
ହେଲେ କାହିଁ ସବୁଠି ତ ଅଣାୟତ୍ତ
ଗ୍ରୀଷ୍ମର ଦାଉ ;
ଅସମ୍ଭବ ହୋଇପଡେ
ଖାଲି ପାଦେ ଚାଲିବାଟା ପୁଣି
କଳା କାଠ ପଡ଼ିଯାଏ ଦିହମୁଣ୍ଡ
ସୂର୍ଯ୍ୟ ଦେବଙ୍କ ପ୍ରବଳ ତେଜରେ
ସତେ ଯେମିତି,
କଲରାପତରିଆ ବାଘ ପରି ଚାରିଆଡ଼େ
ଦୌଡ଼ିବୁଲୁଥାଏ ଅମାନିଆ
ଖରା ଦ୍ୱିପ୍ରହର ବେଳାରେ ।

ଭାରି ଅସ୍ତବ୍ୟସ୍ତ କରୁଥାଏ
ଗ୍ରୀଷ୍ମର ପ୍ରତିଟି ମୁହୂର୍ତ୍ତ
ଘର ବାହାର ସର୍ବତ୍ର
ଝାଞ୍ଜି ବାଆର ଦୁର୍ବାର ପ୍ରଭାବ
ଯୁଆଡ଼େଦେଖିବ ତ୍ରାହି ତ୍ରାହି ଡାକ
ମଣିଷଠୁ ପଶୁ ପକ୍ଷୀ କୀଟ ପତଙ୍ଗ ସକଳ
ବଞ୍ଚିବାଟା ହୋଇପଡେ
ସତେ ଯେମିତି ଦୁର୍ବିସହ ।

ନଈ ନାଳ ବନ୍ଧ ପୋଖରୀ ସବୁ କିଛି ଶୁଖିଲା
ତୃଷାର୍ତ୍ତ ପଥିକ ଧାଇଁବୁଲେ
ଦି' ବୁନ୍ଦା ଜଳ ସକାଶେ
ଓଃ ! କି ଜଳ କଷ୍ଟ ପ୍ରାଣକୁ କରେ ଡହଳବିକଳ
ତେବେ କେ' କେମିତି ପାରିବ ସହି କୁହ
ଏମିତି ମୁଣ୍ଡଫଟା ଖରାର ପ୍ରଚଣ୍ଡ ପ୍ରହାର ।

ତେଣୁ, ସାବଧାନ ! ସମ୍ପ୍ରତି ଏଠି ସେଠି ସବୁଠି
ମୃତ୍ୟୁର ବାହକ ସାଜି
ଅମାନିଆ ଖରା ଟହଲୁଛି ।


❤ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ,
ଜିଲ୍ଲା ପରିଷଦ, ନୂଆପଡ଼ା ( ଓଡ଼ିଶା )
ପିନ୍ : ୭୬୬୧୦୫
ମୋ : ୯୪୩୮୨୯୨୯୩୩


## ॥ ସର୍ବଶ୍ରେଷ୍ଠ କଳାକାର ॥

**ପ୍ରଜ୍ଞା ପାରମିତା ମିଶ୍ର**



ମୁଁ ଜାଣିଛି, ସେ ଫେରିବ
ତା ପରୀ ରାଇଜର କହାଣୀସବୁକୁ ନେଇ
ଶୁଣେଇବାକୁ କୁହୁକ ଦୀପର କଥା
ଗାଇବାକୁ ବୀରତ୍ୱର ଗାଥା

କେମିତି ସେ ଯାଇଥିଲା ଖୋଜି ମେଘମାଳା
ଆଣିବାକୁ ଧାରେ କଜଳ
ଲଢ଼ିଥିଲା ରକ୍ତଜବା ସହ
ସଜେଇବାକୁ ପାଦ ହଳକ ମୋର
ଜୟକଲା ଜହ୍ନ ରାଇଜକୁ ଖାସ୍ ମୋରି ପାଇଁ
ଆଉକାହାର ହେବେନି ବୋଲି
ପୃଥିବୀଯାକର ନୀଳକଇଁ !

କେମିତି ସେ ଡରେଇଛି ଆକାଶକୁ
ସଜେଇଦବାପାଇଁ ମୋ ବେଣୀରେ ତାରା
ଆଣିଛି ତା ଖଣ୍ଡାଧାରେ ଅସ୍ତରାଗୁ ଲାଳିମା
ଭରିଦବାପାଇଁ ମୋ ଓଠସାରା
ମୁଁ ଟିକେ ଦେଖିବି କହିଥିଲି ବୋଲି
ସରଗ ରାଇଜୁ କେମିତି ଆଣିଛି
ଇନ୍ଦ୍ରଙ୍କ ପାରିଜାତ ବଗିଚା;

କେତେ କଣ କରିପାରେ ସେ !
ଖାସ୍ ମୋରି ଚିନ୍ତାରେ
ଆଉ କେତେ କଷ୍ଟ ପାଇଛି ସେ
ମୋଠୁ ଦୂରେଇ ଏକା ଏକା

ମୁଁ କିନ୍ତୁ କେବେ କହିବିନି
ଦେଖିଥିଲି ଯୋଉ ବିଭିନ୍ନ ରଙ୍ଗର ମଧୁମାଳତୀ
ତା କଇଁଖୋଜା ଅଭିଯାନରେ
ଆଉ ସେ ଗଙ୍ଗଶିଉଳିର କାକୁତି
ଅଧାଫୁଟା ରହି ମିଳିଯାଇଥିଲା ଯେ
ଗଛର ଡାଳରେ...

କହିବିନି କେବେ,
କେମିତି ତା କୁହୁକ ଖଣ୍ଡା କରିପାରେ କାଉଁରୀ
ଝଡେଇପାରେ ଲଣ୍ଡାକରି
ଫୁଲସବୁ ରଙ୍ଗବେରଙ୍ଗର
ଅଚିରେ କାଟିପାରେ ପତ୍ର ଆଉ ଡାଳ
ଉପାଡ଼ିଦେଇପାରେ ମୂଳ,

କହିବିନି କେବେବି
କେମିତି ତା ବାକ୍ୟବାଣ ଟୋଳିପାରେ ଛନ୍ଦ
ତରଳେଇପାରେ ପାହାଡ଼, ତିଆରେ ରାସ୍ତା
କରିପାରେ ଅନ୍ୟମନସ୍କ
ଭାଙ୍ଗେ ଯୁଗର ନୀରବତା

କହିଦେବି କିନ୍ତୁ ତା ଅନ୍ତର୍ନିହିତ ପ୍ରତିଭା କିଛି

କାଉ ବସାରୁ କୋଇଲି ହେଇ ବାହାରିଯିବାର
ଉଦ୍ଧତମେଘ ହେଲାପରେ ନବର୍ଷିବାର
ପଳାଶରୁ ବାସ୍ନା ତିଆରୁଥିବା କାରିଗର

ସେ ଯେ ଉତ୍ତରଦାୟାଦ ସେ ପରୀରାଇଜର
ଯୋଉଠି ଅନେଇବସିଚି ତାକୁ ଓସ୍କାର
ଆଉ ସେ ହିଁ ସର୍ବଶ୍ରେଷ୍ଠ ଦାବିଦାର
ମୋର କାଇଁ ସେ ଉତ୍କର୍ଷତା ପିନ୍ଧିବି ତା କଷ୍ଟଲବ୍ଧ
ରକ୍ତଜବା, ଲାଳିମା, ତାରା ଆଉ କଜଳ... !


❤ ଅରୁଣୋଦୟ ନଗର, କଟକ
(ମୋ) - ୭୯୭୮୯୪୨୧୩୮

# ପୁରସ୍କାର ଲେଖକକୁ ବଞ୍ଚେଇ ରଖେନାହିଁ, ଲେଖା ଦ୍ୱାରା ହିଁ ଲେଖକ ଚିରକାଳ ପାଇଁ ପରିଚିତ ହୋଇଥାଏ : ଚନ୍ଦ୍ରମୋହନ ମହାପାତ୍ର

**ଚନ୍ଦ୍ରମୋହନ ମହାପାତ୍ର** ସାଂପ୍ରତିକ ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଆମ ସମୟର ସେ ଜଣେ ସଫଳ କଥାକାର, ସମ୍ପାଦକ ଓ ସଂଗଠକ । ବୃତ୍ତିରେ ଜଣେ ସାମ୍ବାଦିକ ଥାଇ ସମାଜରେ ଘଟୁଥିବା ଘଟଣାକୁ ପ୍ରତ୍ୟକ୍ଷ କରି ତାକୁ ଗଳ୍ପ ଉପନ୍ୟାସର ରୂପ ଦେବାର କଳା ଆୟତ୍ତ କରିବାରେ ସେ ଜଣେ ସଫଳ ବିନ୍ଧାଣୀ । ଘଟଣାରୁ କାହାଣୀର ଆରମ୍ଭ ଓ ତାକୁ ଶେଷ କରିବାର ଟେକ୍ନିକ୍ ଭିତରେ ସେ ପାଠକଙ୍କ ପାଇଁ ସଜାଡି ରଖିଥାନ୍ତି ଯେଉଁ ବାର୍ତ୍ତା, ତାହା ତାଙ୍କୁ ଦେଇଛି ଅନେକ ଶ୍ରଦ୍ଧା ଓ ସମ୍ମାନ । କେବଳ ଗଳ୍ପ ଲେଖନ ନୁହେଁ ବରଂ ଗବେଷଣାତ୍ମକ ପୁସ୍ତକ ରଚନା କ୍ଷେତ୍ରରେ ମଧ୍ୟ ସେ ପାଇଛନ୍ତି ଅନନ୍ୟ ସଫଳତା । ତାଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : **ସୈରିନ୍ଧ୍ରୀ ସାହୁ**



■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ହାଇସ୍କୁଲରେ ପଢୁଥିବା ବେଳେ ଗୋଟେ ଛୋଟିଆ ଏକାଙ୍କିକା ଲେଖି ପିଲାମାନଙ୍କ ଦ୍ୱାରା ରିଏଲସିଏଲ କରୁଥିବା ବେଳେ ଜଣେ ସାର୍ ଦେଖି ପ୍ରଶଂସା କରି କହିଥିଲେ, ଭଲ ଉଦ୍ୟମ, ଜାରି ରଖ। ମାତ୍ର ପରବର୍ତ୍ତୀ ସମୟରେ ବହୁଦିନ ପର୍ଯ୍ୟନ୍ତ ଏଥିପ୍ରତି ଆଗ୍ରହୀ ହୋଇ ନଥିଲେ ସୁଦ୍ଧା ମୋ ବାପା ମନମୋହନ ମହାପାତ୍ର(ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ)ଙ୍କ ସାରସ୍ୱତ ସୃଷ୍ଟି ମୋ ଉପରେ ଖୁବ୍ ପ୍ରଭାବ ପକାଇଥିଲା। ଫଟୋଗ୍ରାଫି ବ୍ୟବସାୟରେ ମନୋନିବେଶ କରିବା ପରେ ପ୍ରଥମେ କବିତା ଲେଖାରୁ ମୋର ସାହିତ୍ୟ ସୃଷ୍ଟି ଆରମ୍ଭ ହୋଇଥିଲା। ଶିକ୍ଷୀ କବି ଅଶୋକ କୁମାର ମହାନ୍ତିଙ୍କ ପ୍ରେରଣାରେ ମୋର ପ୍ରଥମ କବିତା ତତ୍କାଳିନ ପ୍ରଜାତନ୍ତ୍ର ସାହିତ୍ୟ ପୃଷ୍ଠାରେ ପ୍ରକାଶ ପାଇଥିଲା। କବିତାଟି ଥିଲା 'କୃଷ୍ଣଚୂଡ଼ାର ଅଟ୍ଟହାସ୍ୟ।' ପରବର୍ତ୍ତୀ ସମୟରେ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକଙ୍କର ରାଷ୍ଟ୍ରଦୂତ, ବିସ୍ମୟ କୁମାର ମହାନ୍ତିଙ୍କ ଆଜିକାଲି ଖବରକାଗଜ ସାହିତ୍ୟ ପୃଷ୍ଠାରେ କବିତା ଏବଂ ଅନ୍ୟ ଲେଖା ପ୍ରକାଶ ପାଇଲା। ସୈରିନ୍ଧ୍ରୀ ସାହୁଙ୍କ ସାହିତ୍ୟ ପତ୍ରିକା- ସାଗରିକାର କେତୋଟି ସଂଖ୍ୟାରେ ଗଳ୍ପ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ କିଛି ବର୍ଷ ପୁଣି ଲେଖାଲେଖିରୁ ବିରତ ରହିବା ପରେ ୨୦୧୭ ମସିହାରେ ସକ୍ରିୟ ହେଲି। ସେହି ବର୍ଷ ମୋର ପ୍ରଥମ ଗଳ୍ପ ପୁସ୍ତକ 'ସତରର ସତ ଗଳ୍ପ' ଯାହା ସାଗରିକାର ସଂପାଦିକା ଶ୍ରୀମତୀ ସାହୁଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ଆଉ ମୁହୂର୍ତ୍ତଟିଏ ବି ସାହିତ୍ୟ ମୋତେ ଛାଡ଼ି ଯାଉନାହିଁ କିମ୍ବା ମୁଁ ସାହିତ୍ୟ ଠାରୁ ଦୂରେଇ ପାରୁନାହିଁ ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ପ୍ରଥମତଃ ମୋର ବାପାଙ୍କର ପ୍ରେରଣା ସାହିତ୍ୟ ସୃଷ୍ଟିକୁ ପ୍ରଭାବିତ କରିଥିଲା। ମୋ ଜେଜେବାପା ଲାଲମୋହନ ମାହାପାତ୍ର ମଧ୍ୟ ଜଣେ ପ୍ରସିଦ୍ଧ ଲେଖକ ଏବଂ ସେ କବିବର ରାଧାନାଥ ରାୟଙ୍କ ସମସାୟିକ ଥିଲେ। ତାଙ୍କ ରଚିତ 'କାଠଯୋଡ଼ି' ଭଳି ବହୁ କାବ୍ୟ ପ୍ରକାଶିତ ହୋଇଥିଲା। ଅକାଳରେ ବିୟୋଗ ଯୋଗୁ ତାଙ୍କର ସାହିତ୍ୟ କୃତିର ପ୍ରସାରଣ ହୋଇ ପାରିଲା ନାହିଁ। ଏହା ବ୍ୟତୀତ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ପୂଜ୍ୟ ଗୁରୁ ଡ. ରମାକାନ୍ତ ବେହେରା ଏବଂ ଶିକ୍ଷୀ କବି ଅଶୋକ ମହାନ୍ତି ପ୍ରେରଣା ଏବଂ ଗଳ୍ପ ରଚନା କ୍ଷେତ୍ରରେ ଫକିରମୋହନଙ୍କ ଗଳ୍ପ ମୋତେ ପ୍ରଥମରୁ ଗଳ୍ପ ରଚନା ପ୍ରତି ପ୍ରେରଣା ଦେଇଥିଲା। ତା'ଛଡ଼ା ପ୍ରଖ୍ୟାତ ଗାଳ୍ପିକ ମନୋଜ ଦାସ ଓ ରଜନୀକାନ୍ତ ମହାନ୍ତିଙ୍କୁ ମୁଁ ଗଳ୍ପଗୁରୁ ଭାବେ ବିବେଚନା କରିଥାଏ।

■ ବର୍ତ୍ତମାନ କେଉଁକେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସମୟର ଅବିକଳ ଦସ୍ତାବିଜ୍ ହେଲା ସାହିତ୍ୟ। ସମାଜରେ ଯାହା ଘଟିଥାଏ ତାହାର ମୁଖ୍ୟାଂଶ ସମ୍ବାଦ ହୋଇ ଗଣମାଧ୍ୟମ ସହାୟତାରେ ଆମ ପାଖକୁ ପ୍ରଥମେ ଆସେ। ଯାହା ଆମ ସାମ୍ନାକୁ ଆସିପାରେ ନାହିଁ ବା ଯେଉଁ ଖବରଟି ପ୍ରକାଶ ପାଇଁ ଅସମର୍ଥ, ତାହାର ପରିପ୍ରକାଶକୁ କୁହାଯାଏ ସାହିତ୍ୟ। ବେଳେବେଳେ ସାହିତ୍ୟ ସମୟକୁ ପରିବର୍ତ୍ତନ କରିଥାଏ କେବେ ପୁଣି ସମୟର ଇଂଗିତରେ ସାହିତ୍ୟ ପରିବର୍ତ୍ତିତ ହୋଇଥାଏ ଭିନ୍ନ ଭିନ୍ନ ଢଙ୍ଗରେ। ବିଶେଷକରି ପ୍ରେମ ପ୍ରଣୟକୁ ଛାଡ଼ିଦେଲେ ଅନ୍ୟାୟ, ଅନୀତି, ଅତ୍ୟାଚାର, ଭ୍ରଷ୍ଟାଚାର ବିରୋଧରେ ଦୀନ, ଦୁଃଖି, ଗରିବଙ୍କ ସପକ୍ଷରେ ସୃଷ୍ଟି ହୋଇଥିବା ସାହିତ୍ୟ କାଳଜୟୀ ହୋଇପାରେ। ଯୁଗଯୁଗରୁ ହିଁ ସାହିତ୍ୟ ସମାଜକୁ ବଦଳାଇଥାଏ। ଆଜିର ବିଜ୍ଞାନର ଅଗ୍ରଗତି ସାଙ୍ଗକୁ ସାହିତ୍ୟ ଏକ ସଂକଟମୟ ସ୍ଥିତି ଦେଇ ଗତିକରୁଛି। ମଣିଷର ଆଭିମୁଖ୍ୟ ବଦଳିବା ସାଙ୍ଗକୁ ରୁଚି ବଦଳିଯାଉଛି। ଗୋଟିଏ ପଟେ ସାହିତ୍ୟ ପ୍ରତି ହତାଦାର ଭାବ ଅନ୍ୟ ପକ୍ଷରେ ସାମାଜିକ ଗଣମାଧ୍ୟମ ବିକାଶ ନାମରେ ଏହାକୁ ଅଧିକ ପ୍ରଭାବିତ କରିବାରେ ଲାଗିଛି।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କ'ଣ କହିବେ ? କ'ଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ପୂର୍ବାପେକ୍ଷା ସଂପ୍ରତି ଗଳ୍ପର ସଂଖ୍ୟା ବଢ଼ି ଚାଲିଥିଲେ ସୁଦ୍ଧା ପାଠକଙ୍କ ହୃଦୟକୁ ଛୁଇଁବା ଭଳି ଗପ ପାଠକ ସଂଖ୍ୟା ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଭଲ ଗପଟିକୁ ପାଠକେ ବାରବାର ପଢ଼ିବାକୁ ଚାହାଁନ୍ତି। କିନ୍ତୁ ସବୁ ଗପକୁ ପଢ଼ିବାର ମାନସିକତା ପାଠକ ପାଖରେ ନାହିଁ। ଗପଟିଏ ପଢ଼ି ଶେଷ କରିବା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟର ଆବଶ୍ୟକ, ଜୀବନ ଜୀବିକା ଭିତରେ ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଥିବା ମୋବାଇଲର ଅସ୍ତବ୍ୟସ୍ତ ପ୍ରଦର୍ଶନ ଗଳ୍ପ ପଠନକୁ ସୁଯୋଗ ଦିଏ ନାହିଁ। ପ୍ରଥମତଃ ପାଠକ ସଂଖ୍ୟା ତୀବ୍ର ଗତିରେ ହ୍ରାସ ପାଉଥିବା ସମୟରେ ଅଧିକ ଲେଖାଲେଖି କିମ୍ବା ବହୁ ସଂଖ୍ୟାର ପତ୍ରିକା ପ୍ରକାଶନ ବ୍ୟର୍ଥତା ସାବ୍ୟସ୍ତ କରୁଛି। ଏହା ନିଜେ ଲେଖି ନିଜେ ପଢ଼ିବା ସଦୃଶ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ। ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ନିଶ୍ଚୟ, ଆଜିର ବିକାଶମୁଖୀ ଚେତନାରେ ସବୁଠାରୁ ଉଚ୍ଚକୁ ଉଠିବାର ପ୍ରତିଯୋଗିତା ଭିତରେ ମଣିଷ ପେଷିହୋଇ ନିଜ ମାଟି, ମା', ଭାଷାକୁ ଭୁଲି ଯିବାକୁ ଶ୍ରେୟ ମଣୁଛି। ଏପରିକି ନିଜକୁ ପରିଚିତ କରାଇବା ସମୟରେ ନିଜ ମାତୃଭାଷାକୁ ଗୁପ୍ତ ରଖିଥା'ନ୍ତି। ଆଜିର ଶିଶୁଟିଏକୁ ପାଠ ଆରମ୍ଭ ବେଳେ ମାତୃଭାଷା ଅ, ଆ ବଦଳରେ ଇଂରାଜୀ ଭାଷା ଏ ବି ସିରୁ ଆରମ୍ଭ କରନ୍ତି। ଇଂରାଜୀ ମିଡ଼ିୟମ ସ୍କୁଲରେ ପାଠ ପଢ଼ାଇ ନିଜେ ଏବଂ ନିଜ ପିଲାମାନଙ୍କୁ ଏହି ଧାରାରେ ସାମିଲ କରି ପାରିବାରିକ ଭାବେ ଇଂରାଜୀ ଭାଷାରେ କଥୋପକଥନ କରିବାକୁ ଗର୍ବ ମନେକରୁଛନ୍ତି। ଯେଉଁ ସଂକଟ ଦିନେ ଆମ ମାତୃଭାଷା କ୍ଷେତ୍ରରେ ଅନୁଭବ କରି ପୂର୍ବସୂରୀ ଫକିରମୋହନ ସେନାପତି, ରାଧାନାଥ ରାୟ, ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଏବଂ ଗୌରୀ ଶଙ୍କର ରାୟଙ୍କ ଭଳି ମାତୃଭାଷା ପ୍ରେମୀ ସାହିତ୍ୟକୁ ଅଧାର କରି ଆମ ଭାଷାର ଅସ୍ତିତ୍ୱ ରକ୍ଷା କରିବା ସହିତ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟର ମାନ୍ୟତା ପ୍ରଦାନ କରିଯାଇଛନ୍ତି। ଆଜିର ସଂକଟ ସମୟରେ ମାତୃଭାଷାର ସୁରକ୍ଷା ପାଇଁ ନିଜକୁ ଏବଂ ନିଜର ଉତ୍ତରପିଢ଼ିମାନଙ୍କୁ ଆମ ସାହିତ୍ୟରେ ସାମିଲ କରିବା ଅତ୍ୟନ୍ତ ଜରୁରୀ ହୋଇ ପଡ଼ିଛି।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ଆଶା ଖୁବ୍ କ୍ଷୀଣ। ସମାଜ ସହିତ ଅବ୍ୟବସ୍ଥା ଏକ କ୍ରନିକ୍ ଡିଜିଜ୍ ଭଳି ଗ୍ରାସ କରିଯାଇଛି। ସେ କ୍ଷେତ୍ରରେ ଲେଖାଟିଏ ସାମୟିକ ଆଶ୍ୱସ୍ତି ଦେବା ବ୍ୟତୀତ ସଂପୂର୍ଣ୍ଣ ପରିବର୍ତ୍ତନ ଅସମ୍ଭବ ମନେହୁଏ। ଆପଣଙ୍କର ମନେଥିବ ବହୁ ପୂର୍ବରୁ ଯେବେ ଖବର କାଗଜରେ ସମ୍ବାଦଟିଏ ପ୍ରକାଶ ପାଏ, ଏହା ପ୍ରଶାସନଠାରୁ ଜନମାନସରେ ବ୍ୟାପକ ଭାବେ ପ୍ରଭାବିତ ହେବା ସହିତ ବ୍ୟବସ୍ଥାର ସୁଧାର ଆସିଥାଏ। ଏବେ ପୃଷ୍ଠା ପୃଷ୍ଠା ଲେଖି ଲେଖି କଲମରୁ କାଳି ସରିଗଲେ ବି ଦେହସୁହା ହୋଇଯାଇଥିବା ଅବ୍ୟବସ୍ଥା ସମାଜକୁ ଚକମା ଦେଇ ଚାଲିଥାଏ ତା' ନିଜ ବାଟରେ। ତେବେ ଅସ୍ୱୀକାର କରିହେବ ନାହିଁ ଯେ ସାହିତ୍ୟ ପରିବର୍ତ୍ତନର ଏକ ବିଳମ୍ବିତ ମାର୍ଗ ଦର୍ଶକ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତା ସମ୍ପର୍କରେ କ'ଣ କହିବେ ?

■■ ସମାଜ ଆରମ୍ଭରୁ ସାହିତ୍ୟର ସୃଷ୍ଟି, ସାହିତ୍ୟ ନାହିଁ ତ ସଭ୍ୟତା କମ୍ବା ସମାଜ ତିଷ୍ଠି ରହିପାରିବ ନାହିଁ। ଯେ ପର୍ଯ୍ୟନ୍ତ ସାହିତ୍ୟ ବଞ୍ଚି ରହିଛି, ସେଯାଏଁ ସଭ୍ୟତା ସୁଦୃଢ଼ ହୋଇ ରହିଥିବ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର ଏକ ସାମୟିକ ପ୍ରୋତ୍ସାହନ। ବକ୍ତବ୍ୟ ସହିତ କରତାଳି ସଦୃଶ। କରତାଳି କିଏ ଦେଲେ ନଦେଲେ ଭାଷଣର ଗୁରୁତ୍ୱ କମ୍ ବେଶି ହୋଇ ନଥାଏ। ସେହିପରି ଜଣେ ଲେଖକ ପାଇଁ ପୁରସ୍କାର ଠାରୁ ତା'ର ଲେଖା ଗୁରୁତ୍ୱପୂର୍ଣ୍ଣ। କାରଣ ପୁରସ୍କାର ଲେଖକକୁ ବଞ୍ଚେଇ ରଖେନାହିଁ, ଲେଖା ଦ୍ୱାରା ହିଁ ଲେଖକ ଚିରକାଳ ପାଇଁ ପରିଚିତ ହୋଇଥାଏ। ତା'ଛଡ଼ା ଆଜିର ସମୟରେ ନ୍ୟାୟିକ ପଦ୍ଧତିରେ ପୁରସ୍କାର ନିର୍ବାଚନ ହେବା ଖୁବ୍ କମ୍। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ବ୍ୟକ୍ତି ନୋବେଲ ପୁରସ୍କାର ପାଇଁ ଯେମିତି ବ୍ୟାକୁଳିତ ହୋଇ ଶେଷରେ ଭେନେଜୁଏଲାର ନୋବେଲଧାରୀ ମେରିଆ କ୍ରୋନିଆ ମେକୋଡୋଙ୍କଠାରୁ ପୁରସ୍କାର ଛଡ଼ାଇ ଆଣି ନିଜକୁ ନିଜେ ପୁରସ୍କୃତ ହେବା ଭଳି ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଛି। ଯିଏ ପାରିଲା ସିଏ ଧରାଧରି କରି, ଅର୍ଥ ବଳରେ ପୁରସ୍କାର କିମ୍ବା ସମ୍ମାନ ଯୋଗାଡ଼ କରି ବାହାବାହା ନେବାର କିଛି ମାନେ ନାହିଁ। ପାଠକୀୟ ସ୍ୱୀକୃତି ହେଲା ଲେଖକ ପାଇଁ ସବୁଠାରୁ ବଡ଼ ପୁରସ୍କାର। ବର୍ତ୍ତମାନ ସମୟରେ ଜଣେ ଲେଖକ ନଜେ ପଢ଼ନ୍ତୁ ଏବଂ ନିଜ ଲେଖା ପଢ଼ିବା ପାଇଁ ପାଠକ ସୃଷ୍ଟି କରନ୍ତୁ। ଅନ୍ତତଃ ନିଜ ସନ୍ତାନସନ୍ତତି, ନିଜ ପରିବାର, ନିଜ ପରିସରକୁ ଏଥିରେ ସାମିଲ କରନ୍ତୁ। ତେବେ ଯାଇ ନିଜ ଭାଷା-ସାହିତ୍ୟ ତିଷ୍ଠିପାରିବ। ❤❤

### ■ ଅକ୍ଷରେ ଚନ୍ଦ୍ରମୋହନ ମହାପାତ୍ର



ନାମ - ଚନ୍ଦ୍ରମୋହନ ମହାପାତ୍ର
ପିତା- ୰ମନମୋହନ ମହାପାତ୍ର
ମାତା- ସତ୍ୟଭାମା ମହାପାତ୍ର
ଜନ୍ମ- ୧୯୬୦ ମସିହା ଅଗଷ୍ଟ ୨ ତାରିଖ
ଜନ୍ମ ସ୍ଥାନ- ମହୁମୁହାଣ, ସୋର ବାଲେଶ୍ୱର-୭୫୬୦୪୫

ସ୍ଥାୟୀ ଠିକଣା- ଆରକେ ଷ୍ଟୁଡିଓ, ଷ୍ଟେସନଛକ ସୋର, ବାଲେଶ୍ୱର- ୭୫୬୦୪୫
ମୋ-୯୪୩୭୩୦୬୧୮୧

ପ୍ରକାଶିତ ପୁସ୍ତକ :

-ଗଳ୍ପ ପୁସ୍ତକ-
୧.ସତରର ସତ ଗପ-୨୦୧୭
୨.'ସ୍ୱେଦଶିନୀ'-୨୦୧୮
୩.'ସେସମିରା'- ୨୦୧୯
୪.'ଅଣପୁରୁଷା ଓ ଅନ୍ୟଗପ' -୨୦୨୧
୫.'ଅସମୟ' - ୨୦ ୨୩
୬.ଯୋଡ଼ିବର- ୨୦୨୪

ଉପନ୍ୟାସ
୧. ବିନ୍ଦୁ ବିସର୍ଗ-୨୦୧୯
୨. ସ୍ୱପ୍ନାଭିସାର'- ୨୦୨୨
୩. ଲେଡି ଟେଲର - ୨୦୨୫

ଗବେଷଣାତ୍ମକ ପୁସ୍ତକ
୧.ସୋରର ସାଂସ୍କୃତିକ ଇତିହାସ'-୨୦୨୦
୨. ବାଲେଶ୍ୱର ଜିଲ୍ଲା ସାଂସ୍କୃତିକ ଇତିହାସ- ୨୦୨୫

ଫିଚର ପ୍ରବନ୍ଧ
୧.'ଘଟଣାର ଚିତ୍ରଲିପି'-୨୦୧୬

ସଂପାଦନା
-ସୃଜନଶୀଳ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା 'ଶଂଖବେଳା'ର -ପ୍ରତିଷ୍ଠାତା ଓ ସଂପାଦକ- ଗାଁ ମଜଲିସ ସାହିତ୍ୟ ସଂସଦ, ପ୍ରତିଷ୍ଠାତା ସଦସ୍ୟ, ଯୁଗ୍ମ ସଂପାଦକ ପ୍ରେସ କ୍ଳବ, ସୋରର ପ୍ରତିଷ୍ଠାତା ଓ ମମସମ୍






ନିଜ ପରିବାର ସଦସ୍ୟଙ୍କ ସହ ଲେଖକ ଚନ୍ଦ୍ରମୋହନ...






ସାଇତା ସ୍ମୃତି : ନିଜ ବହି ଉନ୍ମୋଚନ ଉତ୍ସବମାନଙ୍କରେ କଥାକାର ଚନ୍ଦ୍ରମୋହନ ମହାପାତ୍ର...

**ଧାରାବାହିକ ଉପନ୍ୟାସ**

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା

ଭାଗ-୧୭



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ । ଧର୍ମ ଓ ଈଶ୍ୱରକୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ନନ୍ଦିଘୋଷରେ ବିଜେ କଲାପରେ ଏବେ ସଂପୂର୍ଣ୍ଣ ଦୃଶ୍ୟ ହେଲେ ଜଗତର ନାଥ ଜଗନ୍ନାଥ, କୋଟି କୋଟି ଜନତାର କାଳିଆ ସାଆନ୍ତ । ଓଃ, ପୂର୍ଣ୍ଣ ହେଲା ପ୍ରଭୁ, ପୂର୍ଣ୍ଣ ହେଲା ସଭିଙ୍କର ମନୋବାଞ୍ଛା । ଦୀର୍ଘ ଦିନର ପ୍ରତୀକ୍ଷା ।

ଜେନି ଯେତେବେଳେ କାଳିଆର ଆଖି ସହିତ ଆଖି ମିଶେଇ ଦେଲା, ସେତେବେଳେ ହୃଦୟର ଉଦ୍‌ବେଳନ ଜୁଆରିଆ ନଈ ପରି ଉଛୁଳି ପଡ଼ିଲେ ଆଖି କୋଣରେ । ସଂପୂର୍ଣ୍ଣ ଅପ୍ରତିରୋଧ୍ୟ ଏ ଲୁହ । ଡୋଳା ଭର୍ତ୍ତି ହୋଇ ଦୁଇଧାରରେ ବୋହିଆସିଲା ଓଷ୍ଠାଧାରକୁ । ଜିଭ ଲଗେଇ ଚାଟି ଯାଉଥିଲା ଜେନି ସେ ଲୁହକୁ । ଲୁଣିଆ ପରିବର୍ତ୍ତେ ଅମୃତର ସୁଆଦ ଆଣୁଥିଲା ସେ ଅଶ୍ରୁ । ଜେନି ଯୋଡ଼ ହସ୍ତରେ ଥରଥର ଗଳାରେ ପ୍ରଭୁଙ୍କୁ ଯାଚ୍‌ଞା କରୁଥିଲା- "ହେ ପତିତପାବନ, ଜଗତର ନାଥ ଜଗନ୍ନାଥ ! କେବଳ ଏ ଜନ୍ମରେ ନୁହେଁ, ଜନ୍ମାନ୍ତରର ବହୁ ପୂର୍ବରୁ (କେଜାଣେ କେତେଜନ୍ମ ତଳୁ), ମୋ ଆତ୍ମାର ଆକାଂକ୍ଷା ଆଜି ପୂର୍ଣ୍ଣ ହୋଇଗଲା ପ୍ରଭୁ ! ଏତକ ଦେଖିବି ବୋଲି ସାତ ସମୁଦ୍ର ତେର ନଈ ପାରିହୋଇ ଧାଇଁ ଆସିଥିଲି ତୋ ପୀଠକୁ । ତୋତେ ଏଇ ସ୍ଥାନରେ, ଏଇ ସ୍ଥିତିରେ ଦେଖି ଧନ୍ୟ ହୋଇଗଲି ମୁଁ । ଦେହ ମନରେ ପବିତ୍ର ହୋଇଗଲି । ତେଣିକି ଜୀବନ ଥାଉ ଅବା ଯାଉ ! ଲୋଡ଼ାନାହିଁ ଆଉ ଏ ଜୀବନର । ବ୍ୟାଧିଗ୍ରସ୍ତ ପୀଡ଼ିତ ଏ ଶରୀର ଅନେକ କଷ୍ଟ ଭୋଗାଇଲାଣି । ତୋତେ ଦେଖୁ ଦେଖୁ ଯଦି ଏଇ ମୁହୂର୍ତ୍ତରେ ପ୍ରାଣପକ୍ଷୀ ଉଡ଼ିଯାଆନ୍ତା, ତାହାଲେ ଆଉ ମଠ ପର୍ଯ୍ୟନ୍ତ କଥା ଯାଆନ୍ତା ନାହିଁ । ତୋର ଏଇ ଭକ୍ତ ଆଉ ଶ୍ରଦ୍ଧାଳୁମାନଙ୍କ କାନ୍ଧରେ ବୁହାହୋଇ ଚାଲିଯାଆନ୍ତି ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ମହୋଦଧିରେ ବିସର୍ଜିତ ହେବାପାଇଁ ।"

ଜେନି ଦେହରେ ଏବେ ଅପୂର୍ବ ଶିହରଣ ଓ ରୋମାଞ୍ଚ । ଉତ୍‌ଫୁଲ୍ଲିତ ମନ ଓ ହୃଦୟ । ଉଚ୍ଚାଟିତ ପ୍ରାଣ । ଏତେ ସବୁ ଉଦ୍‌ବେଳନକୁ ଆଉ ସଂଭାଳି ପାରିଲା ନାହିଁ ଜେନି । ଦୁଇହାତ ଆକାଶକୁ ତୋଳି ନୃତ୍ୟ କରିବାକୁ ଲାଗିଲା । ଏଥିରେ ଉତ୍ସାହିତ ହୋଇପଡ଼ିଲେ ବଡ଼ଦାଣ୍ଡର କିଛି ଭକ୍ତ ଆଉ ଶ୍ରଦ୍ଧାଳୁ । ବିଦେଶିନୀ ସହିତ ସମତାଳରେ ଆପଣା ହସ୍ତମାନ ଉପରକୁ ଟେକି ନୃତ୍ୟରେ ମଜ୍ଜିଗଲେ । ଏବେ ଲକ୍ଷ ଲକ୍ଷ ଜନତା ନାଚୁଥିଲେ ରଥ ସାମ୍ନାରେ ଓ ବଡ଼ଦାଣ୍ଡରେ । ଧର୍ମୀ- ଅଧର୍ମୀ, ନାରୀ-ପୁରୁଷର ବ୍ୟବଧାନ ଆଦୌ ନ ଥିଲା ସେଠି । ଘଣ୍ଟ-ଘଣ୍ଟା, ନୃତ୍ୟ- ବାଦ୍ୟ, ଭଜନ-କୀର୍ତ୍ତନ ଭିତରେ ଉଚ୍ଛୁଳି ପଡୁଥିଲା ବଡ଼ଦାଣ୍ଡ ।

ନାଚୁ ନାଚୁ ବଡ଼ଦାଣ୍ଡରେ ଦୁଇ ଦୁଇଥର ମୂର୍ଚ୍ଛିତ ହୋଇପଡ଼ିଲା ଜେନି । ସ୍ୱେଚ୍ଛାସେବୀ ଓ ଡାକ୍ତରୀଦଳ ତୁରନ୍ତ ସେଇଠି ଉପଚାର କରି ତା'ର ଚେତା ଫେରେଇ ଆଣିଛନ୍ତି । ଚେତା ଫେରି ପୁଣି ଉଦଣ୍ଡ ନୃତ୍ୟ କରିଛି ଜେନି । କାହାରି ମନା କି ବାରଣ ମାନିନାହିଁ । ଏଥିପାଇଁ ଏତେ ଶକ୍ତି ତା' ଭିତରେ କେଉଁଠୁ ଆସୁଥିଲା କେଜାଣି ! ସାରାଦିନ ଜେନି ବଡ଼ଦାଣ୍ଡରେ ନାଚି ନାଚି ଗୀତ ଗାଇବୁଲିଛି, ମଝିରେ ମଝିରେ ମୂର୍ଚ୍ଛା ହୋଇଛି, ରଥଦଉଡ଼ିକୁ ଛୁଇଁ ଶିହରିତ ହୋଇଛି, କାଳିଆ ପ୍ରେମରେ ହୋଇଛି ଉଛନ୍ନ । ଯାତ୍ରୀଗଣ ଶେଷରେ ଭାବି ନେଇଛନ୍ତି, ଏ ବିଦେଶିନୀଟି ବୋଧହୁଏ ପାଗିଳୀ । ଏମିତି ବୁଲି ବୁଲି ବଡ଼ଦାଣ୍ଡକୁ ଚାଲି ଆସିଛି ।

ସୂର୍ଯ୍ୟାସ୍ତର ଅବ୍ୟବହିତ ପୂର୍ବରୁ ସେଦିନ ପାଇଁ ରଥଟଣା ସମାପ୍ତି ହୋଇଛି । ମାଉସୀ ମା' ମନ୍ଦିରଠାରୁ ଅନତି ଦୂରରେ ସମାନ ବ୍ୟବଧାନରେ ଛିଡ଼ା ହୋଇଛନ୍ତି ତିନିରଥ । ତା'ରି ଭିତରେ ସଂପୂର୍ଣ୍ଣ ନିଜକୁ ହଜେଇ ଦେଇଛି ଜେନି । ଭିଜିଛି ବର୍ଷାରେ, ଝାଳରେ ଓ ଲୁହରେ ।

ଅଖିଆ ଅପିଆ ଦିନସାରା ନାଚି ନାଚି ସନ୍ଧ୍ୟା ଉତ୍ତାରେ ପୂରା କ୍ଳାନ୍ତ ହୋଇପଡ଼ିଥିଲା ଜେନି । ମଠକୁ ଫେରିବାକୁ ସଂପୂର୍ଣ୍ଣ ଭୁଲିଯାଇ ଥିଲା । ରାତିରେ ବି ଭୁଲିଗଲା ମଠକୁ ଫେରିବାର ରାସ୍ତା । ତାକୁ ଭୀଷଣ ଭୋକ ହେଉଥିଲା । ଶରୀରର ବେଦନା ବଳି ଯାଇଥିଲା ଭୋକର ତାଡ଼ନାକୁ । ରଥ ଉପରୁ କାଳିଆ ବଡ଼ ବଡ଼ ଆଖିରେ ଚାହିଁ ରହିଛି ତାକୁ- ଏମିତି ଲାଗିଲା ଜେନିକୁ । ନୀରବରେ ଅଭିଯୋଗ କଲା ଜେନି- "ତୋ ଆଗରେ ନାଚୁ ନାଚୁ ଭୁଲିଗଲି ଗଣ୍ଡେ ଖାଇବାକୁ । ଠିକ୍‌ବେଳାରେ ମଠକୁ ଫେରିଥିଲେ ସିନା ଖାଇଥାନ୍ତି ? ଏବେ କ'ଣ ଖାଇବି ?"

ଜେନି ଲକ୍ଷ୍ୟକଲା ଅନତି ଦୂରରେ ଗୋଟେ ପାଣି ଟେଙ୍କର୍ ଛିଡ଼ା ହୋଇଛି । କେହି କେହି ମୁହଁ ଲଗେଇ ସେଥିରେ ଲାଗିଥିବା ଟେପ୍‌ରୁ ପାଣି ପିଉଛନ୍ତି । ପାଣି ମୁନ୍ଦେ ପିଇଦେଲେ ଡ୍ରିହାଇଡ୍ରେସନ୍ କମିଯିବ ।

ଏମିତି ଭାବି ସେଇ ଆଡ଼କୁ ମୁହେଁଇଲାବେଳକୁ ପଛରୁ କିଏ ଜଣେ ତା' ନାଁ ଧରି ଡାକୁଥିବାର ଶୁଣିଲା ଜେନି । ଅଟକି ପଛକୁ ଫେରି ଚାହିଁଲା । ଦେଖିଲା, ବାର ଚଉଦବର୍ଷର ବାଳକଟେ ତାରି ଆଡ଼କୁ ଦଉଡ଼ି ଦଉଡ଼ି ଆସୁଚି । ହାତରେ ଧରିଚି କଦଳୀ ପତ୍ରର ପୁଡ଼ିଆଟିଏ । ସେଇଟିକୁ ଜେନିକୁ ଧରେଇ ଦେଇ କହିଲା, - "ତୁମକୁ ପରା ଭୋକ ହେଉଛି ! ଏତକ ଖାଇ ପାଣି ପିଇଦିଅ । ମୁଁ ଆସୁଛି ।"

କ୍ଷଣେ ପିଲାଟିକୁ ଚାହିଁ ଦେଇ ପୁଡ଼ିଆଟିକୁ ଖୋଲି ପକେଇଲା ଜେନି । ପୁଡ଼ିଆରୁ ନିର୍ଗତ ବାସ୍ନାରେ ମୋହିତ ହୋଇଗଲା ସେ । ଉନ୍ମୁକ୍ତ ହୋଇଗଲା ସେହି ବାସ୍ନାରେ ତା'ର ଘ୍ରାଣେନ୍ଦ୍ରିୟ ଏବଂ ମୁଦି ହୋଇଗଲା ଚକ୍ଷୁ । ମେଞ୍ଚାଏ ହେବ ଖେଚୁଡ଼ି ଭୋଗ । ଯାହାର ବାସ୍ନା ଆଘ୍ରାଣ କରୁଛି ନାସାରନ୍ଧ୍ର ଓ ସଂଚରି ଯାଉଛି ତା'ର ସମଗ୍ର ସତ୍ତାକୁ ।

ମୁଦ୍ରିତ ଆଖି ମେଲି ଚାହିଁଲାବେଳକୁ ପୂର୍ବୋକ୍ତ ପିଲାଟି ଆଉ ସେଠି ନ ଥିଲା । ସଂପୂର୍ଣ୍ଣ ଅଦୃଶ୍ୟ ହୋଇଯାଇଥିଲା ଜନଗହଳି ଭିତରେ । ପେଟର ପ୍ରଚଣ୍ଡ ଭୋକ ଅବକାଶ ଦେଲାନାହିଁ ପିଲାଟି ବିଷୟରେ ଦଣ୍ଡେ ଭାବିବାକୁ । ସେତକ ଉଦରସ୍ଥ କରିବାକୁ ସେଇଠି ତତକ୍ଷଣାତ୍ ବସି ପଡ଼ିଲା ଜେନି ଭୂମି ଉପରେ ।

ସେତକ ପ୍ରସାଦ ଗୋଟେ ପରିପୂର୍ଣ୍ଣ ଭୁରି ଭୋଜନର ପରିତୃପ୍ତି ଆଣିଦେଲା ଜେନିକୁ । ପିଲାଟି ସଂପର୍କରେ ଆଉ ଲେଶମାତ୍ର ଚିନ୍ତା କରି ନାହିଁ ସେ । ଟେପରୁ ପାଣି ପିଇ ନନ୍ଦିଘୋଷ ରଥର ପଛପଟେ ଅଦୃଶ୍ୟ ହୋଇଗଲା ।

ନିଷାର୍ଦ୍ଧ ପରେ ନିଦ ଭାଙ୍ଗିଥିଲା ଜେନିର, ଖୁବ୍ ଅସରାଏ ବର୍ଷା ପରେ । ତନ୍ଦ୍ରାଚ୍ଛନ୍ନ ଅବସ୍ଥାରେ ନିଜର ସ୍ଥିତି ସଂପର୍କରେ କିଛି ଠଉରେଇ ପାରିଲା ନାହିଁ ସେ । ତା'ର ସଂପୂର୍ଣ୍ଣ ବିସ୍ମରଣ ଘଟିଥିଲା । ପ୍ରସାଦସେବନ କରି ପାଣି ପିଇସାରିଲା ପରେ ସେ ରଥର ପଶ୍ଚାତ୍ ଭାଗକୁ ଚାଲି ଆସିଥିଲା । ଏତକମାତ୍ର ତା'ର ମନେଅଛି । ତାପରେ ବିସ୍ମୃତ ଭାବେ ସେ ଶୋଇ ଯାଇଛି ରଥ ତଳେ । ଅସରାଏ ବର୍ଷାପରେ ପାଣି ଗଡ଼ି ଆସି ତା' ଦେହର କିଛି ଅଂଶ ଭିଜେଇ ଦେଲାରୁ ନିଦ ଭାଙ୍ଗି ଯାଇଛି ଜେନିର ।

ଖୁବ୍ ଆସ୍ତେ ଏବଂ ସତର୍କତାର ସହିତ ଗୁରୁଣ୍ଡି ଗୁରୁଣ୍ଡି ସେ ବାହାରକୁ ଆସିଲା । ବର୍ଷା ସଂପୂର୍ଣ୍ଣ ଛାଡ଼ି ଯାଇଛି, କିନ୍ତୁ ମେଘମୁକ୍ତ ନୁହେଁ ଆକାଶ । ସମୁଦ୍ର ଆଡୁ ଠେଲି ଆସୁଛି ପ୍ରଚୁର ଶୀତଳ ପବନ । ବଡ଼ଦାଣ୍ଡ ଫାଙ୍କା, ଅଳ୍ପ କେତେକ ଯାତ୍ରୀ ଲଣ୍ଡଭଣ୍ଡ ହେଉଛନ୍ତି । ବର୍ଷାବେଳେ କେଉଁଠି କେମିତି ଆଶ୍ରୟ ନେଇଥିବା ଲୋକମାନେ ଲେଉଟୁଛନ୍ତି ବଡ଼ଦାଣ୍ଡକୁ । ମଝିରେ ଘୂରି ବୁଲୁଛନ୍ତି କେତେଜଣ ସୁରକ୍ଷାକର୍ମୀ ଓ କନେଷ୍ଟବଳ । କେହି ବି ଠିଆ ଠିଆ ଚାହା ପିଉଛନ୍ତି ଚା' ଷ୍ଟଲ୍‌ରୁ । ସେ ପାଖକୁ ଚାରି ପାଞ୍ଚଜଣ ଗୈରିକ ବସନଧାରୀ ସନ୍ନ୍ୟାସୀ ଏକତ୍ର ବସି ଚିଲମ ଟାଣୁଛନ୍ତି ଏବଂ ସେମାନଙ୍କ ଭିତରେ କଥାବାର୍ତ୍ତା ହେଉଛନ୍ତି ଉଚ୍ଚ ସ୍ୱରରେ । ବୋଧହୁଏ କିଛି ଆଧାତ୍ମିକ ଚର୍ଚ୍ଚା ଲାଗି ରହିଛି ସେମାନଙ୍କ ଭିତରେ । ପାଖରେ ଗୋଟେ କନେଷ୍ଟବଳ ଛିଡ଼ାହୋଇ ଦେଖୁଛି ସେମାନଙ୍କୁ ଓ ସେମାନଙ୍କ କଥା ଶୁଣୁଛି । କେତେଜଣ ସ୍ୱେଚ୍ଛାସେବୀ ଚାରିଆଡ଼େ ପଡ଼ିଥିବା ପରିତ୍ୟକ୍ତ ବୋତଲ, ଜରି, ନାନାପ୍ରକାର କାଗଜ ଖୋଳ ଗୋଟେଇ ପରିଷ୍କାର କରିବା କାର୍ଯ୍ୟରେ ଲାଗିଛନ୍ତି । କେଇଘଣ୍ଟା ମାତ୍ର ବ୍ୟବଧାନରେ ବଡ଼ଦାଣ୍ଡ ତା'ର ରୂପ ବଦଳେଇ ଦେଇଛି ।

ଜେନି ଅନୁଭବ କଲା ଦେହରେ ତା'ର ଆଉ କ୍ଳାନ୍ତି ନାହିଁ ସତ, ହେଲେ ଦିନସାରା ଯେଉଁ ପୁଲକ ତାକୁ ଆଚ୍ଛନ୍ନ କରି ରଖିଥିଲା, ତାହା ଆଉ ନାହିଁ । କେଉଁଆଡ଼େ ମିଳେଇ ଯାଇଛି । ଦେହମନ କେମିତି ଥଣ୍ଡା ଓ ଶାନ୍ତ ପଡ଼ି ଯାଇଛି । ମନତଳର ବିଷର୍ଣ୍ଣତା ଓ ଦୁଃଖ ଏବେ ଗୋଟେ କୋଣକୁ ଆଡ଼େଇ ଯାଇ ଛପି ବସିଚି ହିଂସ୍ର ଜନ୍ତୁଟେ ପରି । ଭୟରେ ଜେନି ସେ ଆଡ଼କୁ ନଜର ନ ଦେଇ ଆଖି ପକେଇଲା ରଥ ଉପରକୁ । କେହି କେହି ଶ୍ରଦ୍ଧାଳୁ ଯାତ୍ରୀ ରଥ ଉପରକୁ ଚଢ଼ୁଛନ୍ତି ଏବଂ କାଳିଆକୁ ଜୁହାର କରି ଫେରୁଛନ୍ତି ।

ଆଗ୍ରହ ବଢ଼ିଲା ଜେନିର ରଥ ଉପରକୁ ଯିବାପାଇଁ । ମନରେ ଭୟହେଲା ଖ୍ରୀଷ୍ଟିଆନ୍ ବିଦେଶିନୀ ବୋଲି କାଳେ କେହି ତାକୁ ବାରଣ କରିବ କି ? ତଥାପି ସାହସ ବାନ୍ଧି ସନ୍ତର୍ପଣରେ ଧୀରେ ଧୀରେ ଗୋଟେ ପରେ ଗୋଟେ ପାହୁଣ୍ଡ ପକେଇ ସେ ଯାଇ ଠିଆହେଲା ଚାରମାଳ ତଳେ । କାହିଁ କେହି ତ ପ୍ରତିରୋଧ କରୁ ନାହାଁନ୍ତି ତାକୁ । ଯେଉଁ ପଣ୍ଡା ଓ ସେବକମାନେ ତାକୁ ପ୍ରତିରୋଧ ବା କରନ୍ତେ, ସେମାନେ ଜଣେ ହେଲେ ବି ନାହାଁନ୍ତି ସେଠି ।

ଆଉ ଟିକେ ଉପରକୁ ଉଠିବାକୁ ଚେଷ୍ଟାକଲା ଜେନି । ଚାରମାଳର ସବାଉପର ସୋପାନରେ ଦୃଶ୍ୟ ହେଲେ ଜଣେ ଗାଉଁଲୀ ମଧ୍ୟ ବୟସ୍କା ସ୍ତ୍ରୀ ଲୋକ । ହୁଏତ ସେ ପ୍ରଭୁଙ୍କ ଦର୍ଶନ ସାରି ଓହ୍ଲେଇ ଆସୁଛନ୍ତି ତଳକୁ । ଜେନିର ଆଖି ସ୍ତ୍ରୀ ଲୋକଟିର ଆଖି ସହିତ ମିଶିଲାରୁ ଟିକେ ଶଙ୍କିଗଲା ଜେନି । କାଳେ ଏ ସ୍ତ୍ରୀ ଲୋକ ତାକୁ ପ୍ରତିରୋଧ କିମ୍ବା ବାରଣ କରିପାରେ ! କିନ୍ତୁ ନାଃ, ଜେନିର ସମସ୍ତ ଆଶଙ୍କାକୁ ଭୁଲ୍ ପ୍ରମାଣିତ କରି ସ୍ତ୍ରୀ ଲୋକଟି କହିଲା- "ଆସ, ଧୀରେ ଉପରକୁ ଉଠିଆସ ।" ଟିକେ ତଳକୁ ଓହ୍ଲେଇ ଆସି ଜେନିର ହାତଧରି ଆକର୍ଷିତ କରି ଉପରକୁ ଉଠୁ ଉଠୁ କହିଲା-"ରଥ ଉପରେ ସମୀପରୁ କାଳିଆକୁ ଦର୍ଶନ କରିବାକୁ ତୋର ମନ ହେଉଥିବ ନିଶ୍ଚୟ । ନିର୍ଭୟରେ ଚାଲ୍ ମୋ ସାଥିରେ ଝିଅ । ତୋତେ କେହି ଅଟକେଇବେ ନାହିଁ କି ପ୍ରତିବାଦ ବି କରିବେ ନାହିଁ । ବର୍ଷକେ ଥରେ ପରା ସିଏ ସମସ୍ତଙ୍କୁ ଦେଖାଦେବାକୁ, ସମସ୍ତଙ୍କ ଛୁଆଁ ପାଇବାକୁ ଟଣାଘୋଷରା ଖାଇବାକୁ ମନ୍ଦିରରୁ ବାହାରି ଆସନ୍ତି ବଡ଼ଦାଣ୍ଡକୁ । ଚାଲ୍ ମୋ ସହିତ ତୋ ମନକଥା ହୃଦୟ ଖୋଲି ତାଙ୍କୁ ଜଣାକର ।"

ଏମିତି କହି ବୟସ୍କା ମହିଳାଟି ତାକୁ ନେଇ ଛାଡ଼ିଲା ରଥ ଉପରେ, କାଳିଆ ସମ୍ମୁଖରେ । ଏତେ ନିକଟରୁ କାଳିଆକୁ ଦେଖି ରୋମାଞ୍ଚିତ ହୋଇଗଲା ଜେନି । ଏଥି ପୂର୍ବେ ଜୀବନକାଳ ମଧ୍ୟରେ ଏମିତି ପୁଲକଭରା ରୋମାଞ୍ଚ ସେ କେବେ ବି ପାଇ ନଥିଲା । ନିବିଷ୍ଟ ଚିତ୍ତରେ କାଳିଆକୁ ଦେଖୁ ଦେଖୁ ଜେନି ସ୍ତମ୍ଭୀଭୂତ ହୋଇଗଲା । ତାକୁ ଲାଗିଲା, ସେ କେବଳ ରଥ ଉପରେ ସ୍ଥିର ଏବଂ ବାକି ସବୁକିଛି ଘୂରୁଛି ତା' ଚତୁଃପାର୍ଶ୍ୱରେ ।

ଜେନିର ବାକ୍‌ରୁଦ୍ଧ ହୋଇଗଲା । ଦେହ ଥରୁଛି ପୁଲକିତ ରୋମାଞ୍ଚରେ । ସେଇଠି କାଳିଆର ପାଦତଳେ ମୁଣ୍ଡିଆ ମାରି କେବଳ ଏତକ କହିଲା - "ଆସନ୍ତା ବର୍ଷକୁ ଆଉ ଥରେ ଏମିତି ସୁଯୋଗଟିଏ ଦିଅନ୍ତିନି ପ୍ରଭୁ ?"

ମୁଣ୍ଡିଆ ମାରିବା ଅବସ୍ଥାରେ କେତେକ୍ଷଣ ବିତିଯାଇଥିଲା, ଯାହା ଜେନି ଜାଣିପାରି ନଥିଲା । କ୍ରମେ ମୋହମୁକ୍ତ ହେଲା ଜେନି, ତା' ପିଣ୍ଡକୁ ପ୍ରାଣ ଫେରିଆସିଲା ।

ଜେନି ଛିଡ଼ା ହେଲା, ପଛକୁ ଚାହିଁ ଦେଖିଲା ବେଳକୁ ସେ ସ୍ତ୍ରୀ ଲୋକଟି ଆଉ ନାହିଁ; ଯିଏ ତାକୁ ଏତେ ହିମ୍ମତ ଦେଉଥିଲେ ଚାରମାଳ ଉପରୁ । କାହିଁଗଲେ ସେ ?

ବ୍ୟସ୍ତ ବିବ୍ରତ ହୋଇ ଖୋଜି ଚାଲିଥିଲା ଜେନି ସେ ସ୍ତ୍ରୀଲୋକଟିକୁ ରଥ ଉପରେ, ତଳେ ଓ ବଡ଼ଦାଣ୍ଡ ସାରା - ଅଥଚ ପାଉ ନଥିଲା । ତା' ଭିତରେ ମଝିରେ ମଝିରେ ମନେପଡ଼ି ଯାଉଥିଲା ସେ ପିଲାଟିର ମୁହଁ, ଯିଏ ଯାଚି ଦେଇଥିଲା ତାକୁ ଖେଚୁଡ଼ି ଭୋଗ !

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

# ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରିତା ଅଭିମୁଖେ



ସୌଭାଗ୍ୟ ରଂଜନ ମହାନ୍ତି

ଆସନ୍ତା ୨୦୨୯ ଲୋକସଭା ନିର୍ବାଚନରେ ମହିଳାଙ୍କ ପାଇଁ ୩୩ପ୍ରତିଶତ ସ୍ଥାନ ସଂରକ୍ଷଣ ତଥା ନାରୀଶକ୍ତି ବନ୍ଦନ ଆଇନ କାର୍ଯ୍ୟକାରୀତା ନିଶ୍ଚିତ ହେବାକୁ ଯାଉଛି । ଏ ନେଇ କେନ୍ଦ୍ର ସରକାର ନାରୀଶକ୍ତି ବନ୍ଦନ ଆଇନ୍ (ମହିଳା ସଂରକ୍ଷଣ ବିଲ୍)ରେ ସଂଶୋଧନ କରିବାକୁ ଯାଉଛନ୍ତି । ଯେଉଁଥିରେ ଦୁଇଟି ସଂଶୋଧନର ପ୍ରସ୍ତାବ ରହିଛି । ପ୍ରଥମ ପ୍ରସ୍ତାବଟି ହେଉଛି ଏବେ ଦେଶରେ ଚାଲିଥିବା ଜନଗଣନାରୁ ନିର୍ବାଚନମଣ୍ଡଳୀ ସୀମା ପୁନର୍ନିର୍ଦ୍ଧାରଣ (ଡିଲିମିଟେସନ)ରୁ ପୃଥକ କରିବା । ଅର୍ଥାତ ଚୂଡାନ୍ତ ଜନଗଣନା ପୂର୍ବରୁ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ଆଗୁଆ କରିବା, ଯାହାକି ଲୋକସଭାର ସଦସ୍ୟଙ୍କ ସଂଖ୍ୟା ନିର୍ଦ୍ଧାରଣ କରିବ । କହିବା ବାହୁଲ୍ୟ ଯେ, ଜନଗଣନା ଚୂଡାନ୍ତ ରିପୋର୍ଟ ପରେ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ପାଇଁ ଆଇନରେ ବ୍ୟବସ୍ଥା ରହିଥିବାରୁ ୨୦୨୯ରେ ମହିଳାଙ୍କ ପାଇଁ ୩୩ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀତା ଅନିଶ୍ଚିତତା ଲାଗି ରହିଛି । କିନ୍ତୁ ଜନଗଣନା ପୂର୍ବରୁ ସୀମା ନିର୍ଦ୍ଧାରଣ ଆଗୁଆ କରିବା ପାଇଁ ଆଇନରେ ସଂଶୋଧନ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ବୋଲି କୁହାଯାଇପାରିବ । ସେହିପରି ଦ୍ୱିତୀୟ ସଂଶୋଧନ ପ୍ରସ୍ତାବଟି ହେଉଛି ୨୦୨୯ରେ ମହିଳାଙ୍କ ପାଇଁ ୩୩ଭାଗ ସ୍ଥାନ ସଂରକ୍ଷଣକୁ ନିଶ୍ଚିତ କରିବା । ତେବେ ଏହି ସାମ୍ବିଧାନିକ ସଂଶୋଧନ ୨୦୨୯ ସାଧାରଣ ନିର୍ବାଚନରେ ମହିଳାଙ୍କ ପାଇଁ ଲୋକସଭା ଓ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣର ଗୁରୁତ୍ୱ ରଖେ । ଏହା ନିଶ୍ଚିତ ଯେ, ୨୦୧୧ ଜନଗଣନା ରିପୋର୍ଟ ଆଧାରରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ହେବା ଏକ ପ୍ରକାର ନିଶ୍ଚିତ । ଉଲ୍ଲେଖଯୋଗ୍ୟ ଯେ, ଲୋକସଭା ଓ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ଭାଗ ସ୍ଥାନ ସଂରକ୍ଷଣ ଲାଗି ପ୍ରଥମ ଥର ପାଇଁ ଲୋକସଭାରେ ୧୯୯୬ ମସିହାରେ ମହିଳା ବିଲ୍ ଉପସ୍ଥାପିତ ହୋଇଥିଲା । କିନ୍ତୁ ଅନ୍ୟାନ୍ୟ ପଛୁଆବର୍ଗ (ଓବିସି) ସାଂସଦମାନଙ୍କ ତୀବ୍ର ବିରୋଧ ଯୋଗୁଁ ଏହା ଅନୁମୋଦିତ ହେବା ମୁଖ୍ୟ ପ୍ରତିବନ୍ଧକ ଭାବେ ଉଭା ହୋଇଥିଲା । କେବଳର ୧୯୯୬ ନୁହେଁ, ୧୯୯୮, ୧୯୯୯, ୨୦୦୩, ୨୦୦୪ ଏବଂ ୨୦୦୮ରେ ଏହି ଚର୍ଚ୍ଚିତ ବିଲକୁ ସଂସଦରେ ଉପସ୍ଥାପିତ କରାଯାଇଥିଲେ ମଧ ବିରୋଧ ଯୋଗୁଁ ଉଦ୍ୟମ ଫସର ଫାଟିଯାଇଥିଲା । ଶେଷରେ ଦୀର୍ଘ ୨୭ବର୍ଷ ପରେ ୨୦୨୩ ବିଲ୍‌ଟି ସଂସଦର ଅନୁମୋଦନ ଲାଭ କରିଥିବାବେଳେ ୨୦୨୯ରେ କାର୍ଯ୍ୟକାରୀ ହେବାର ଲକ୍ଷ୍ୟ ରଖାଯାଇଥିଲା । କିନ୍ତୁ ଆଇନରେ ଥିବା ପ୍ରବତିବନ୍ଧକ ଏବଂ ୨୦୨୭ ଜନଗଣନା ରିପୋର୍ଟ ଆଧାରରେ ଲୋକସଭା ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣକୁ କେତେକ ରାଜ୍ୟ ଦୃଢ ବିରୋଧ କରିଥିଲେ । ବିଶେଷ କରି ଜନସଂଖ୍ୟା ନିୟନ୍ତ୍ରଣରେ ଯେଉଁ ରାଜ୍ୟଗୁଡିକ ସଫଳ ହୋଇଛନ୍ତି, ଏହି ରାଜ୍ୟଗୁଡ଼ିକର ଲୋକସଭାରେ ପ୍ରତିନିଧିତ୍ୱ ହ୍ରାସ ପାଇବା ଆଶଙ୍କା ସୃଷ୍ଟି ହୋଇଥିଲା । ତେବେ କେତେକ ଦକ୍ଷିଣ ଭାରତୀୟ ରାଜ୍ୟ ଏହାକୁ ବିରୋଧ କରିଥିଲେ । ଅନ୍ୟପକ୍ଷରେ ଉତରଭାରତୀୟ ରାଜ୍ୟଗୁଡିକ ଜନସଂଖ୍ୟା ବୃଦ୍ଧି ପାଇଥିବାରୁ ଲୋକସଭାରେ ପ୍ରତିନିଧିତ୍ୱ ନେଇ ଅଧିକ ଫାଇଦା ପାଇବା ଆଶଙ୍କା ସୃଷ୍ଟି ହୋଇଥିଲା । ତେବେ ଆଇନର ସଂଶୋଧନ ଏବଂ ୨୦୧୧ ଜନଗଣନା ରିପୋର୍ଟ ଆଧାରରେ ପ୍ରତିନିଧିତ୍ୱ ସ୍ଥିର ହେବାକୁ ଯାଉଥିବାରୁ ସମସ୍ତ ରାଜା ଆନୁପାତିକ ପ୍ରତିନିଧିତ୍ୱ ପାଇବା ସମ୍ଭାବନା ରଖେ । ଆହୁରି ମଧ ଲୋକସଭାରେ ମୋଟ ସଦସ୍ୟ ସଂଖ୍ୟା ଏବେ ୫୪୩ ଥିବାବେଳେ ମହିଳାଙ୍କ ପାଇଁ ୩୩ପ୍ରତିଶତ ସ୍ଥାନ ସଂରକ୍ଷଣ ଦ୍ୱାରା ପୁରୁଷମାନେ ଅଧିକ କ୍ଷତିର ସମ୍ଭାବନା ଆଶଙ୍କା ଏହାର ବିରୋଧର ଅନ୍ୟ ଏକ କାରଣ ବୋଲି କୁହାଯାଇପାରେ । ୨୦୧୧ ଜନଗଣନା ରିପୋର୍ଟ ଆଧାରରେ ଲୋକସଭାର ମୋଟ ଆସନ ସଂଖ୍ୟା ୫୪୩ ରୁ ୮୧୬ କୁ ବୃଦ୍ଧି ପାଇବାକୁ ଯାଉଛି । ୩୩ଭାଗ ସଂରକ୍ଷଣ ଫଳରେ ଲୋକସଭାରେ ମହିଳାଙ୍କ ସଂଖ୍ୟା ୨୭୩ ରହିବା ସମ୍ଭାବନା ଉଜ୍ଜ୍ୱଳ ରହିଛି । ସେହିପରି ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ରାଜ୍ୟ କେବଳ ଓ ତାମିଲନାଡୁ ଲୋକସଭାର ଆନୁପାତିକ ପ୍ରତିନିଧିତ୍ୱ ପାଇପାରିବେ । କେରଳରେ ମୋଟ ଲୋକସଭା ଆସନ ସଂଖ୍ୟା ୨୦ଥିବା ଏବେ ଏହା ୩୦କୁ ବୃଦ୍ଧି ପାଇବ । ତାମିଲନାଡୁର ମୋଟ ଆସନ ୩୯ଥିବାବେଳ ଆସନ ସଂଖ୍ୟା ୫୭କୁ ବଢିବା ସମ୍ଭାବନା ରଖେ । କେବଳ ଏତିକି ନୁହେଁ, ଏହି ଦୁଇରାଜ୍ୟ ଗୋଟିଏ ଲେଖାଏଁ ଭୋଟ ଉତରପ୍ରଦେଶ ଓ ବିହାର ପରି ବଡ ବଡ ରାଜ୍ୟର ଗୋଟିଏ ଭୋଟ ତୁଳନାରେ ଅଧିକ ମହତ୍ୱ ରଖେ । ଆହୁରି ମଧ ପ୍ରତ୍ୟେକ ଜନଗଣନା ପରେ ଲୋକସଭା ଆସନ ସଂଖ୍ୟା ଜନସଂଖ୍ୟା ଆଧାରରେ ଠିକ୍ ଠିକ୍ କରିବା ପାଇଁ ବାଧ୍ୟତାମୂଳକ ବ୍ୟବସ୍ଥା ଥିବା ସମ୍ବିଧାନର ୮୨ ଧାରାକୁ ସଂଶୋଧନ କରିବାର ଆବଶ୍ୟକତା ରହିଛି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଦେଶରେ ସଂସଦୀୟ ଗଣତନ୍ତ୍ରରେ ଦେଶରେ ମହିଳା ସାଂସଦଙ୍କ ପ୍ରତିନିଧିତ୍ୱ ଏବେ ମାତ୍ର ୧୩.୬ ପ୍ରତିଶତ ଅର୍ଥାତ ୭୪ ଜଣ ସାଂସଦ ଅଛନ୍ତି । କିନ୍ତୁ ଦେଶରେ ନିର୍ବାଚନରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟରଙ୍କ ମତଦାନ ଅଧିକ ଥିବା ଦେଖାଯାଉଛି । ସଂସଦରେ ସଂରକ୍ଷଣ ବଳରେ ମହିଳା ସାଂସଦଙ୍କ ସଂଖ୍ୟା ୨୭୩ କିମ୍ବା ଏହାଠାରୁ ଅଧିକ ହେଲେ ଲିଙ୍ଗଗତ ସମାନତା ଲକ୍ଷ୍ୟ ହାସଲର ଆଉ ଏକ ବଳିଷ୍ଠ ସଫଳତା ହେବ ।

♥ ସମ୍ମାନ ଭବନ, ପ୍ଲଟ ନଂ-୫୮/
୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋ: ୯୪୩୭୯୯୪୩୭୯

ପଢ଼ିବା ପରେ...

# ବାସ୍ତବର ସ୍ୱର କବୀ ପ୍ରିୟଦର୍ଶିନୀ ନାୟକଙ୍କ କବିତା ସଂକଳନ 'ଝରା ଫୁଲ'




ଓଡ଼ିଆ କାବ୍ୟଧାରାରେ କବୀ ପ୍ରିୟଦର୍ଶିନୀ ନାୟକ ଗୋଟେ ସରଳ, କୋମଳ, ସାବଲୀଳ ଉଚ୍ଚାରଣ । ତାଙ୍କ କବିତା ସମଗ୍ରରେ ଫୁଟିଉଠେ ବାସ୍ତବତାର ସାମାଜିକ ଚିତ୍ର ଓ ପ୍ରତିନିବେଦନର ସ୍ୱର । ସେହି ବିଶ୍ୱନିଅନ୍ତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ କବିତାର ଫୁଲସବୁକୁ ଅଜାଡ଼ି ଦେବାର ସଂକଳ୍ପ ହିଁ ତାଙ୍କର କବିତା ସଙ୍କଳନ 'ଝରା ଫୁଲ' । ସଂକଳନରେ ସମ୍ବଳିତ ଅଛି ୩୩ଟି କବିତା । ସାମାଜିକ ଚିତ୍ର, ଗାଁର ଦୃଶ୍ୟ, ପୁରପଲ୍ଲୀର ବର୍ଣ୍ଣନା ଓ ଜୀବନର କିଛି ବାସ୍ତବ ଅନୁଭବକୁ ନେଇ କବୀଙ୍କ କବିତା । ଜୀବନର ଏକାକୀତ୍ୱକୁ ବନ୍ଧୁକରି ଦୂର ଦିଗବଳୟକୁ ଛୁଇଁବାକୁ ମୁହାଁଇଛନ୍ତି କବୀ । ଏଇ ତ ହାତ ପାହାନ୍ତାରେ ଥିଲା ଦିଗବଳୟ ପୁଣି ଆଖିଠାରୁ ବହୁ ଦୂରକୁ ଚାଲିଯାଇଛି । ସେଥିପାଇଁ ଦୁଃଖ କରୁନାହାଁନ୍ତି କବୀ । ଲୁହକୁ କବର ଦେଇ ବଞ୍ଚିବାର ଦୃଢ଼ ଆଶା ନେଇ ଆଗକୁ ଚାଲିଛନ୍ତି ବୋଲି କବି ତାଙ୍କ ନିଜ କଥାରୁ ପଦେରେ ଅବତାରଣା କରିଛନ୍ତି । କବୀ ଭାବବିହ୍ୱଳ ହୋଇପଡୁଛନ୍ତି । ଭକ୍ତିରେ ଉଛୁଳି ଉଠିଛି ଭାବ । ପ୍ରଭୁ ଜଗନ୍ନାଥ ସର୍ବଶକ୍ତିମାନ । ସେ ହିଁ ଯାହା କରିପାରନ୍ତି । ତାଙ୍କ ନିର୍ଦ୍ଦେଶ ବିନା ଗଛର ପତ୍ରବି ହଲେନି । ତେଣୁ କବୀ ଜଗନ୍ନାଥଙ୍କୁ କହୁଛନ୍ତି– "ଗଡୁଛି ଗଡ଼ିବ ତୋ ରଥ ଚକ / କିଏ ତାକୁ ଅଟକାଇବରେ / ବଡ଼ଦାଣ୍ଡ ଦୁଲୁକେଇ ତୋ ରଥ ଯିବ / କିଏ ତାକୁ ମନାକରିବରେ ।" (କବିତା 'ରଥ')

ପୁଣି କବୀ ଅଭିମାନରେ ପ୍ରଭୁ ଜଗନ୍ନାଥଙ୍କୁ କହୁଛନ୍ତି– "ମାରିଲେ ମାରିବୁ ରଖିଲେ ରଖିବୁ / ତୋପାଦ ପୟରେ ଆସରା / ସୁଖ ଦୁଃଖ ସବୁ ତ ତୋହର / ମିଛେ ମେଲିଛି ସଂସାର ପସରା ।" (କବିତା 'ରଥ')

ଭକ୍ତ ଜଗନ୍ନାଥଙ୍କୁ ଗାଳି ଦେଇପାରେ ଅଭିମାନ କରେ । ଭକ୍ତକୁ କଷ୍ଟହେଲେ ତାଙ୍କୁବି କଷ୍ଟହୁଏ । ସେ ଭକ୍ତର ମନକଥା ବୁଝନ୍ତି । ତେଣୁ କବୀ ଅଭିମାନକରି କହୁଛନ୍ତି– "ସବୁ ଫୁଲ ଭାଗ୍ୟରେ କ'ଣ / ଶ୍ରୀପୟର ଲେଖାଥାଏ, / କିଏ ବଣ ମଲ୍ଲି, ସେଫାଳି / ପରି ଅକାଳରେ ଝଡିଯାଏ ।" (କବିତା 'ଝରା ଫୁଲ')

ଆଜିର ସମାଜରେ ମଣିଷମାନେ ସମ୍ପର୍କକୁ ବୁଝନ୍ତିନି । ସ୍ୱାର୍ଥ ପାଇଁ ରଙ୍ଗ ବଦଳେଇପାରନ୍ତି । ବଡ଼ ଅଦ୍ଭୁତ ଭୟଙ୍କର ଆଜିର ମଣିଷ । କବୀ ସେଥିପାଇଁ ତାଙ୍କ କବିତାରେ ଲେଖିଛନ୍ତି– "ସମ୍ପର୍କର ମାନେ ଏଠି ବୁଝନ୍ତିନି କେହି / ସମସ୍ତେ ଗୋଟେ ଗୋଟେ / ରଙ୍ଗ ବଦଳଉଥିବା ବାରମାସୀ ।"

ପୁଣି ସେ ଲେଖିଛନ୍ତି– "ବଡ ଅଦ୍ଭୁତ ଲାଗେ / ସମ୍ପର୍କରୁ ଆସେ ସ୍ୱାର୍ଥର ଗନ୍ଧ / କାମୁକତାର ଛାଇ / ସମ୍ପର୍କ ଗଢ଼ିବାକୁ ଭୟଲାଗେ ମୋତେ / ଅମଣିଷମାନଙ୍କ ମୁହଁରେ ଖାଲି ଯା' / ମଣିଷଙ୍କ ମୁଖା ।" (କବିତା 'ମୁଖା')

ସମୟ ହିଁ ବଡ ବଳବାନ । ସମୟ ସବୁକିଛିର ସମାଧାନ କରିପାରେ । ମଣିଷ କେବକ ସମୟକୁ ନେଇ ଚାଲିଆସିଛି । ସମୟ ସବୁଆଡ଼େ ବିଦ୍ୟମାନ । କବୀଙ୍କ ଭାଷାରେ ସମୟ ହିଁ ଈଶ୍ୱର । ସେଥିପାଇଁ କବୀ ଲେଖିଛନ୍ତି– "ଅନନ୍ତରୁ ଆଦି, ଆଦିରୁ ଅନନ୍ତ / ସବୁଆଡ଼େ ଖାଲି ତମେ ମୟ / ତୁମଠୁ ଆରମ୍ଭ, ତୁମଠି ଯେ ଶେଷ / କହିବ ତୁମକୁ ସେ ସମୟ / ହଁ କହିବ ତୁମକୁ ସେ ସମୟ ।" (କବିତା 'ସମୟ')

ମଣିଷ ବିଶ୍ୱାସକୁ ନେଇ ବଞ୍ଚିଛି । ଯେଉଁଠି ବିଶ୍ୱାସ ନାହିଁ ସେଠି ବଞ୍ଚିବା ଅସମ୍ଭବ । ପୁଣି ଦୃଢ଼ ବିଶ୍ୱାସ ହିଁ ମଣିଷକୁ ତା'ର ଲକ୍ଷ୍ୟ ପଥରେ ପହଞ୍ଚେଇପାରେ । କବୀ ନିଜର ଦୃଢ଼ବିଶ୍ୱାସ ରଖି କହିଛନ୍ତି– "ମୋ ବିଶ୍ୱାସକୁ ଦୃଢ଼କରି / ବିଶ୍ୱାସରେ ଭରସାରେ ରଙ୍ଗ ଲେପି / ଯାଜ୍ଞସେନୀ ପରି ଆଣିବ / ଏ ସମାଜ ପାଇଁ / ନୂତନ ପରିବର୍ତ୍ତନ / ଏକ ନୂତନ ପରିବର୍ତ୍ତନ ।" (କବିତା 'ବିଶ୍ୱାସ')

ଓଡ଼ିଆ ଭାଷା ଆମର ଗର୍ବ ଓ ଗୌରବ ଓଡ଼ିଶାର ବଡ ଠାକୁର ପ୍ରଭୁ ଜଗନ୍ନାଥ । ଓଡ଼ିଶାର ପରମ୍ପରା ସଂସ୍କୃତି ସବୁଠୁ ଭିନ୍ନ । ଆମେ କେବେବି ନଜ ଭାଷାକୁ ହେୟ ମନେକରିବା ଉଚିତ ନୁହେଁ ବୋଲି କବୀ ତାଙ୍କ କବିତାରେ ବାର୍ତ୍ତା ଦେଇ ଲେଖିଛନ୍ତି– "ଓଡ଼ିଆ ଭାଷା ଓଡ଼ିଶା କଥା / ଓଡ଼ିଆ ଜାତିକୁ ସେ ଭାରି ମିଠା / ଓଡ଼ିଆର ବାଣୀ ଓଡ଼ିଆର ଠାଣି / ଓଡ଼ଣା ଟାଣି ଚାଲେ ଓଡ଼ିଆଣି ।"

"ଓଡ଼ିଆ ପଖାଳ ସୁଆଦ ଭାରି / ଥରେ ଖାଇଲେ ହେବ ସେ ଝୁରି / ଓଡ଼ିଆ ବୋଲି ନ ମଣିବା ହୀନ / ଓଡ଼ିଆ ଆମ ମାତୃଭାଷା ଜାଣ ।" (କବିତା 'ଓଡ଼ିଆ')

ନାରୀ ଜନନୀ, ଜାୟା ଓ ଭଗିନୀ । ସେ ଧୈର୍ଯ୍ୟଶିଳା, ସର୍ବଂସହା । ଜନନୀ ହୋଇ ବାଣ୍ଟିପାରେ ସ୍ନେହ । ପତ୍ନୀ ରୂପରେ କରିପାରେ ସେବା । ଭଗ୍ନୀ ଭାବରେ କରିଥାଏ ନିଜର କର୍ତ୍ତବ୍ୟ । ନାରୀ ନିଜ ଦୁଃଖକୁ ନିଜେ ପିଇ ହେଇଯାଏ ନୀଳକଣ୍ଠ । ନିଜକୁ ଦୁଃଖର ସାଗରରେ ଭସେଇ ବାଣ୍ଟିଚାଲେ ଅନ୍ୟକୁ ସୁଖ । ସବୁକିଛି ସହିଯିବାର ଶକ୍ତି ନାରୀପାଖରେ ରହିଛି । ସେଥିପାଇଁ କବୀ ତାଙ୍କ କବିତାରେ ଲେଖିଛନ୍ତି– "ନାରୀ ସର୍ବଂସହା / ଏନ୍ତୁଡ଼ିରୁ ଯୁଇ ଯାଏ / ନିସ୍ତାର ନାହିଁ ତା'ର / କେତେବାର ଶୋଇବାକୁ ପଡ଼େ / ଜଳନ୍ତା ଯୁଇରେ / ନାରୀ ସର୍ବଂସହା ।" (କବିତା 'ନାରୀ ସର୍ବଂସହା')

ଏକତାହିଁ ବଡ଼ ବଳ । ଏକତା ଥିଲେ ଅସାଧକୁ ସାଧ କରିହେବ । ଦୁର୍ନୀତି ଓ ଅନ୍ୟାୟ ରୂପକ ଅନ୍ଧାରକୁ ଦୂରକରି ସୁନ୍ଦର ସମାଜ ଗଠନ କରିବା । କବୀ ସମସ୍ତଙ୍କୁ ଏକାଠି କରିବାକୁ ପ୍ରୟାସ କରିଛନ୍ତି । ସେଥିପାଇଁ ସେ କହିଛନ୍ତି– "ଆସ ଆସ ସଭିଏଁ ମୁଠି ବାନ୍ଧିବା / ଅନ୍ୟାୟ ବିରୋଧରେ ସ୍ୱର ତେଜିବା / କିଛି ଭଲ କରିବାର ପଣକରିବା / ଦୀପ ଶିଖାଭଳି ଜ୍ୟୋତି ପ୍ରକାଶିବା ।" (କବିତା 'ଆସ ଦୀପଟିଏ ଜାଳିବା')

ସତରେ ପ୍ରତୀକ୍ଷା କେତେ ଯନ୍ତ୍ରଣା ଦାୟକ । ଯିଏ ଅନୁଭବ କରିଛି ସେ ହିଁ ଜାଣେ । ପ୍ରେମରେ ପଡ଼ିଯାଇ ପ୍ରେମିକଟିଏ ପ୍ରେମିକାକୁ କି ପ୍ରେମିକାଟିଏ ପ୍ରେମିକକୁ ଭେଟିବାର ଅପେକ୍ଷାରେ ଥାଏ ଅନେକ ବେଦନା । ବିରହୀ ମନରେ ଚାତକ ପରି ଚାହିଁ ବସିଥାନ୍ତି ପ୍ରେମୀଯୁଗଳ । କେଉଁଦିନ ଆସିବ ତମେ, ହେବ ଶାଶ୍ୱତ ମିଳନ । ସେହିଦିନକୁ ଚାହିଁବସିଛନ୍ତି କବୀ । ତେଣୁ କବୀ ଲେଖିଛନ୍ତି– "କେବେ ପ୍ରତିକ୍ଷାର ଅନ୍ତ ହେବ / ଦୁଇ ବନ୍ଧୁଙ୍କ ମିଳନ ଘଟିବ / ଭେଟହେବା ଦୁଇ ସଖା / କେବେ ହେବ ମୋ ଧବଳ କାଶତଣ୍ଡି / ବନ୍ଧୁ ସହ ଦେଖା ।" (କବିତା 'କେବେ ପ୍ରତିକ୍ଷାର ଅନ୍ତ ହେବ')

ବୋଧହୁଏ ହେଇପାରେ ଧବଳ କାଶ ତଣ୍ଡି ହିଁ କବୀଙ୍କ ପ୍ରେମିକ । ଅନେକ ବେଳେ ଆମ ବାଡ଼ି ବଗିଚାରେ ଥିବା କିଛି ଗଛ ଅଚାନକ କାହିଁକି କେଜାଣି ଭାଙ୍ଗିପଡ଼ନ୍ତି । ସେତେବେଳେ ସେହି ଗଛକୁ ଆମେ ଉଠେଇ ବଞ୍ଚେଇବା ପାଇଁ ଚିନ୍ତା କରିନଥାନ୍ତି । ବରଂ ଆହୁରି ଭାଙ୍ଗିବାକୁ ଚେଷ୍ଟା କରନ୍ତି । ସେହି ଗଛ ଯେ ଆମର କେତେ ଉପକାର କରିବ ସେକଥା ଆମେ କେବେ ଭାବନ୍ତିନାହିଁ । ଥରେ ସେ ଭାଙ୍ଗି ପଡ଼ିଥିବା ଗଛକୁ ଉଠେଇ ଦେଖ । ନିଃସ୍ୱାର୍ଥପର ସ୍ନେହ ଓ ଭଲପାଇବା ଟିକେ ଦେଇକି ଦେଖ । ସେ ପ୍ରତିଦାନରେ ସୁଝିଦେବ ତମର ଋଣ । ସେ ଗଛ ହେଉକି ମଣିଷ । ତେଣୁ କବୀ ସମବେଦନା ସ୍ୱରରେ କହିଛନ୍ତି– "ଗୋଟେ ଭାଙ୍ଗିପଡିଥିବା ଗଛକୁ କେତେ ଆଉ ଭାଙ୍ଗିବ ! / ଥରେ ଉଠେଇବାକୁ ତ / ଛୋଟିଆ ପ୍ରୟାସଟିଏ କର / ଦେଖିବ ସେ ଭଙ୍ଗା ଗଛ / ଡାଳିରୁ ନୂତନ ପତ୍ରସବୁ / ପଲ୍ଲବୀତ ହେବ / ପ୍ରତିଦାନର ମୁଲ୍ୟସେ ବୁଝେଇ ଦେବ / ଭାଙ୍ଗିପଡ଼ିଥିବା ଗଛକୁ ଥରେ ଖାଲି ଉଠେଇକି ଦେଖ ।"(କବିତା ' ଭାଙ୍ଗି ପଡିଥିବା ଗଛ')

ଏଇ କବିତାଟି କବୀଙ୍କର ଶେଷ କବିତା । ଏଥିସହ 'ମନେପଡ଼େ ତମ କଥା', 'ତୁମରି ପାଇଁ', 'ପ୍ରେମ', 'ମା'ଦୁର୍ଗା ମା'ଲକ୍ଷ୍ମୀ ବି ଜଣେ ଜଣେ ନାରୀ', 'ବାପା', 'ତୁମେ', 'ତଥାପି ବଞ୍ଚିଛି', 'ବନ୍ଧୁ କ'ଣ ଭୁଲିଗଲେ ମୋତେ', 'ବନ୍ଧୁତ୍ୱ', 'ବିଚିତ୍ର ସଂସାରରେ କଲବଲ ଜୀବନ', 'ସମ୍ପର୍କର ସେତୁ', 'ଏ ଜୀବନ ମୁଠାଏ ପାଉଁଶ', 'ତୁମରି ପାଇଁ', 'ମନେପଡ଼େ ତମ କଥା', 'ତୁମେ ଆସ', ତୁମେ ନଥିବା ଦୁନିଆ' ଇତ୍ୟାଦି କବିତା ସଂକଳନକୁ ସମୃଦ୍ଧ କରିଛି । କବିତାଗୁଡ଼ିକ ସରଳ, ବୋଧଗମ୍ୟ ଓ ବାସ୍ତବତା ଉପରେ ଆଧାରିତ । କବୀଙ୍କର 'ଝରା ଫୁଲ' ପ୍ରଥମ କବିତା ସଂକଳନ । ଏହାପରେ କବୀଙ୍କର ଦ୍ୱିତୀୟ କବିତା ସଙ୍କଳନ 'ଝରା ଶେଫାଳି' ପ୍ରକାଶ ପାଇଛି । କବିତା ସଙ୍କଳନ 'ଝରା ଫୁଲ' ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ଓ ବିଶ୍ୱାସ । ଅଧୁନା କବୀ ପ୍ରିୟଦର୍ଶିନୀ ବାଲେଶ୍ୱର ଜିଲ୍ଲା ସିମୁଳିଆ କଲେଜର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଓଡ଼ିଆ ଅଧ୍ୟାପିକାଭାବେ କାର୍ଯ୍ୟରତ ଥିବାବେଳେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧୀନରେ ଗବେଷଣାରତ । ♥



ସମୀକ୍ଷା :
ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ
ମୂଷାଙ୍ଗ, କୋହ୍ଲ, ତିହିଡି,ଭଦ୍ରକ
ମୋ: ୮୮୯୫୫୮୮୯୦୫

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୯ ମାର୍ଚ୍ଚ ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୬ ରବିବାର ଚୟନ ସାପ୍ତାହିକ କ୍ରୋଡ଼ପତ୍ର




# ମଧୁରୋକ୍ତି...(୨୪)


♥ ମଧୁମିତା ମିଶ୍ର


(ପୂର୍ବ ପ୍ରକାଶିତ ଉତ୍ତାରୁ) ଅଯୋଧାରେ ଆଉ ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ଅନେକ ବିଭ୍ରାଟକର ପରିସ୍ଥିତି ସୃଷ୍ଟି ହେଉଥିଲା। ପ୍ରଜାମାନଙ୍କ ଉନ୍ନତି ଏବଂ ବିକାଶ ନିମନ୍ତେ ଗୁରୁ ବଶିଷ୍ଠ ପରାମର୍ଶ ଦେଇଥିଲେ ଏକ ଅଶ୍ୱମେଧ ଯଜ୍ଞ କରିବା ପାଇଁ। ସାରା ବିଶ୍ୱର କଲ୍ୟାଣ ପାଇଁ ଚାରିଆଡ଼େ ରାମରାଜ୍ୟ ସ୍ଥାପନ କରିବା ବାଞ୍ଛନୀୟ ହୋଇ ଯାଇଥିଲା। ପ୍ରଦତ୍ତ ଯଜ୍ଞ ଅଶ୍ୱକୁ ରାଜ୍ୟ ରାଜ୍ୟ ବୁଲିବାକୁ ହୋଇଥିଲା। ସେ ଯେଉଁ ରାଜ୍ୟକୁ ଯାଏ ସେଠାରେ ରାଜାମାନେ ତୁମରି ପ୍ରଭୂତ୍ୱ ସ୍ୱୀକାର କରି ଦେଉଥିଲେ । ସାରା ସଂସାରରେ ଭାତୃଭାବ, ଶାନ୍ତି, ମୈତ୍ରୀ ପ୍ରତିଷ୍ଠା କରିବା ପାଇଁ ଏହି ଯଜ୍ଞ ଅଶ୍ୱ ସମ୍ମୁଖରେ ସମସ୍ତେ ନିଜର ସମ୍ମତି ଜଣେଇ ଦେଉଥିଲେ।

ହେଲେ ଥରେ ଅଶ୍ୱ ବଣ ପ୍ରଦେଶକୁ ଯାଇ ଆଉ ଫେରିଲାନି। ତାକୁ ଖୋଜିବାକୁ ବୀର ଶତ୍ରୁଘ୍ନ ବାହାରିଥିଲେ। ବଣକୁ ଯାଇ ସେ ଦେଖିଲେ ଲବକୁଶ ସେହି ଅଶ୍ୱକୁ ଧରି ପକାଇଛନ୍ତି। ଲବକୁଶ ସେହି ବୀର ଯୋଦ୍ଧା ଥିଲେ ଯେ କି ତାଙ୍କୁ ଲବଣାସୁର ସଂହାର ସମୟରେ ସାହାଯ୍ୟ କରିଥିଲେ। ଏକଦା ମଧୁପୁରରେ ଲବଣାସୁର ଉତ୍ପାତ କରୁଥିବା ସମୟରେ ତୁମେ ଶତ୍ରୁଘ୍ନଙ୍କୁ ପଠେଇ ଥିଲ ତାର ଅନ୍ତ କରିବା ପାଇଁ। ଆଉ ନିଜର ଅମୋଘ ଅସ୍ତ୍ର ତ୍ରିଶୂଳ ମଧ୍ୟ ପ୍ରଦାନ କରିଥିଲ। ଲବଣାସୁର ଲବକୁଶ ସମେତ ଅନ୍ୟ ବାଳକ ମାନଙ୍କୁ ବାନ୍ଧି ପକେଇଥିଲା। ସେମାନଙ୍କ ସୁରକ୍ଷା ସହିତ ଦୁଷ୍ଟ ସଂହାର କରିବା ସମୟରେ ଶତ୍ରୁଘ୍ନଙ୍କ ସହାୟତା ଏହି ଦୁଇ ବୀର ଯୋଦ୍ଧା କରିଥିଲେ ଆଉ ଶତ୍ରୁଘ୍ନ ତା ପରେ ବାଲ୍ମିକୀ ଆଶ୍ରମରେ ସଂଯୋଗ ବଶତଃ ମାତା ସୀତାଙ୍କ ଦର୍ଶନ ପାଇଥିଲେ। କିନ୍ତୁ ମାତା ତାଙ୍କ ବିଷୟରେ କାହାକୁ ଜଣାଇବା ପାଇଁ ମନା କରି ଦେଇଥିଲେ। ତାଙ୍କ ମନ ଏହି ଦୁଇ ଶିଶୁଙ୍କୁ ଦେଖି ଆତ୍ମୀୟତାରେ ଭରି ଯାଇଥିଲା। କିନ୍ତୁ ସଠିକ୍ ସମୟ ଆସିଲେ ଅଯୋଧ୍ୟା ଫେରିବାର ପ୍ରତିଶୃତି ଦେଇ ମାତା ତାଙ୍କୁ ଫେରିଯିବାକୁ କହିଥିଲେ। ଶତ୍ରୁଘ୍ନ ଫେରିଯାଇ ଯେତେବେଳେ ତୁମକୁ ଦେଖିଥିଲେ ସେତେବେଳେ ତାଙ୍କ ମନ କହି ଉଠୁଥିଲା ଯେ ସେ ତୁମର ଅଂଶଙ୍କୁ ସ୍ୱଚକ୍ଷୁରେ ଦେଖି ଆସିଛନ୍ତି... କିନ୍ତୁ ସେ ନିଜକୁ ସମ୍ଭାଳି ନେଲେ। ଭାଉଜଙ୍କୁ କରିଥିବା ପ୍ରତିଜ୍ଞା ସେ କେବେ ଭାଙ୍ଗି ପାରିବେନି। ସେହି କାରଣରୁ ଯେତେବେଳେ ସେ ଯଜ୍ଞ ଅଶ୍ୱକୁ ଲବ କୁଶଙ୍କ ସହିତ ଦେଖିଲେ ଶାନ୍ତ ହୋଇ ଏପରି କରିବାର କାରଣ ପଚାରିଲେ।

ସେତେବେଳେ ଲବ କୁଶ କହିଥିଲେ ଯେ ଭଗବାନ ବାଲ୍ମିକୀ ଲେଖିଥିବା ରାମାୟଣ ସେମାନେ ପ୍ରତ୍ୟହ ପାଠ କରନ୍ତି। ଆଉ ସେମାନେ ଏହି ସତ୍ୟ ଜାଣିବାକୁ ପାଇଛନ୍ତି ଯେ ପ୍ରଭୁ ଶ୍ରୀରାମ ମାତା ସୀତାଙ୍କୁ ତ୍ୟାଗ କରି ଦେଇଛନ୍ତି। ସେମାନେ ପ୍ରଜା ହିସାବରେ ନିଜ ରାଜାଙ୍କର ଏତାଦୃଶ କାର୍ଯ୍ୟକଳାପର କାରଣ ଜାଣିବାକୁ ଇଚ୍ଛୁକ । କିନ୍ତୁ ସେମାନେ ରାଜାଙ୍କୁ ପ୍ରଶ୍ନ ପଚାରିବା ଔଦ୍ଧତ୍ୟ ହେବ ବୋଲି ସେମାନେ ଏହି ଅଶ୍ୱକୁ ବାନ୍ଧି ରଖିଛନ୍ତି। ରାଜା ରାମ ଆସିଲେ ସେମାନେ ଏପରି କରିବା ପଛର କାରଣ ପଚାରିବା ପରେ ଅଶ୍ୱକୁ ଛାଡ଼ିଦେବେ ବୋଲି ସ୍ପଷ୍ଟ କରି ଦେଇଥିଲେ। ନିଜେ ଶତ୍ରୁଘ୍ନ ମଧ୍ୟ ତୁମର ଏହି ନିଷ୍ପତ୍ତିର କାରଣ ଜାଣିବାକୁ ଚାହୁଁଥିଲେ। ଆଉ ତା ସହିତ ତୁମ ସହିତ ତୁମ ସନ୍ତାନଙ୍କ ଭେଟ ହେଉ ବୋଲି ମଧ୍ୟ ତାଙ୍କର ଇଚ୍ଛା ଥିଲା। ସେହି କାରଣରୁ ସେ ଜାଣି ଶୁଣି ଲବକୁଶଙ୍କ ନିକଟରୁ ହାରି ଯାଇଥିଲେ। ପରେ ତାଙ୍କୁ ତୁମ ପାଖକୁ ଫେରି ଯିବାକୁ ହୋଇଥିଲା।

ତତ୍ପରେ ଭରତ ମଧ୍ୟ ବଣକୁ ଆସି ଏହି ପିଲାମାନଙ୍କ ଯୁଦ୍ଧ କୌଶଳ ଆଗରେ ହାରି ଯାଇଥିଲେ। ସେ ଫେରିଯିବା ପରେ ଲକ୍ଷ୍ମଣଙ୍କର ମଧ୍ୟ ସମଦଶା ହୋଇଥିଲା। ଲକ୍ଷ୍ମଣ ଭୀଷଣ ଯୁଦ୍ଧ କରିଥିଲେ କିନ୍ତୁ ରାମଙ୍କ ରକ୍ତର ପରାକାଷ୍ଠା ଆଗରେ ସେ ମଧ୍ୟ ଫିକା ପଡି ଯାଇଥିଲେ। ପରେ ପରେ ଅଙ୍ଗଦ, ଜାମ୍ବବାନ, ସୁଗ୍ରୀବ ପ୍ରମୁଖ ସମସ୍ତ ବିଶିଷ୍ଟ ଯୋଦ୍ଧା ବଣକୁ ଆସି ଏହି ଛୋଟ ପିଲାଙ୍କ ଦ୍ୱାରା ହାରିଯିବା ଦେଖି ତୁମେ ଆଶ୍ଚର୍ଯ୍ୟ ହୋଇଥିଲ। ଅବଶ୍ୟ ଲବକୁଶ କୁଶଳୀ ଯୋଦ୍ଧା ବୋଲି ତୁମେ ଜାଣିଥିଲ। କିନ୍ତୁ ଏମିତି ହାରିଯିବା ତୁମର ସମ୍ମାନରେ ଆଞ୍ଚ ଆଣୁଥିଲା। ଏଣୁ ତୁମେ ବୀର ହନୁମାନଙ୍କୁ ବନ ଭିତରକୁ ଯାଇ ପରିସ୍ଥିତି ଅନୁଧାନ କରିବା ପାଇଁ ପଠେଇଥିଲ।

ହନୁମାନ ବଣକୁ ଯିବା ପରେ ଏହି ଦୁଇ ଶିଶୁଙ୍କ ବୀରତ୍ୱ ଦେଖି ଅଭିଭୂତ ହୋଇ ଯାଇଥିଲେ। ତା ସହିତ ସେମାନେ ଯେପରି ଯଜ୍ଞ ଅଶ୍ୱ ସହିତ ବନ୍ଧୁତା କରିଥିଲେ ଓ ତାର ଯତ୍ନ ନେଉଥିଲେ ସେସବୁ ଦେଖି ତାଙ୍କ ମନ ଶ୍ରଦ୍ଧାରେ ପୁରି ଯାଇଥିଲା। ପିଲାମାନଙ୍କ ପରିଚୟ ନଜାଣି ମଧ୍ୟ ସେ କେଜାଣି କାହିଁକି ଏମାନଙ୍କ ପ୍ରତି ଆକୃଷ୍ଟ ହୋଇ ଯାଇଥିଲେ...!! ମନ ମାନୁ ନଥିଲେ ମଧ୍ୟ ତାଙ୍କୁ ଅଳ୍ପ ବହୁତ ଲଢ଼ିବାକୁ ହୋଇଥିଲା। ତା ପରେ ନିଜେ ନିଜର ଯୋଗବଳ ଦ୍ୱାରା ଏହି ଦିବ୍ୟ ଶିଶୁଙ୍କ ମାତାପିତାଙ୍କ ଦର୍ଶନ ପାଇବା ପାଇଁ ପ୍ରୟାସ କରି ଯାହା ଦେଖିଲେ ସେଥିରେ କିଛି କ୍ଷଣ ପାଇଁ ନିଜକୁ ହଜେଇ ଦେଇଥିଲେ। ନିଜ ପ୍ରଭୁ ଆଉ ମାତାଙ୍କ ପ୍ରତିଛବି ସେ ଦେଖିବାକୁ ପାଇଥିଲେ। ଯେଉଁ ଯୁଗଳ ଛବି ସେ ନିଜ ଛାତି ଭିତରେ ଧରି ବୁଲୁଥିଲେ ସେହି ସମାନ ଛବି ତାଙ୍କୁ ଦେଖା ଯାଇଥିଲା ଏହି ଶିଶୁମାନଙ୍କ ଭିତରେ। ଯେଉଁ ସୀତାରାମ ଏକାଠି ହେବା ପାଇଁ ଲଙ୍କା ଦହନ ହୋଇଥିଲା... ସେତୁବନ୍ଧ ନିର୍ମାଣ ହୋଇଥିଲା... ରାବଣ ବଧ ହୋଇଥିଲା ସେହି ସୀତାରାମଙ୍କ ଯୁଗଳ ଛବି ଦେଖିଥିଲେ ହନୁମାନ। ଏତେ ଚେଷ୍ଟା ପରେ ମଧ୍ୟ ଅଗ୍ନି ପରୀକ୍ଷା ପରେ ମଧ୍ୟ ଯେଉଁ ଯୁଗଳ ଛବି ମଧ୍ୟରେ ଫାଟ ସୃଷ୍ଟି ହୋଇ ଯାଇଥିଲା ଆଜି ସେହି ଛବିକୁ ଏକତ୍ର ଦେଖି ତାଙ୍କ ଆଖି ଓଦା ହୋଇ ଯାଇଥିଲା। ହନୁମାନ ଜାଣି ପାରୁଥିଲେ ଯେ ସୀତାରାମ ମିଳନର ଦିନ ପାଖେଇ ଆସୁଛି। ସେ ଜାଣି ପାରୁଥିଲେ ଭାଗ୍ୟ କଡ଼ ଲେଉଟାଇ ଆସୁଛି। ଏଣୁ ଖୁସିରେ ଏହି ଦୁଇ ବାଳକଙ୍କ ହାତରେ ବନ୍ଦୀ ହେବାକୁ ପସନ୍ଦ କରିଥିଲେ।

ଲବକୁଶଙ୍କର ସେହି ଗୋଟିଏ ଜିଦ୍ ଥିଲା। ତୁମେ ଆସିବାକୁ ହେବ। ଆଉ ତୁମେ ଆସି ସେହି ସତ୍ୟ ଉନ୍ମୋଚନ କରିବାକୁ ହେବ ଯାହା କେହି ଜାଣି ନାହାନ୍ତି। ସୀତାଙ୍କ ତ୍ୟାଗର ସତ୍ୟତା ନଜାଣି ସେମାନେ ତୁମକୁ ଛାଡ଼ିବେନି। ସମୟ ଆସି ସାମ୍ନାରେ ଠିଆ ହୋଇଥିଲା। ଶେଷରେ ହେ ରଘୁକୂଳମଣି... ତୁମକୁ ପ୍ରସ୍ତୁତ ହେବାକୁ ହୋଇଥିଲା ଲବକୁଶଙ୍କ ସାମ୍ନାକୁ ଆସିବା ପାଇଁ। ସନ୍ତାନ ମାନେ ତୁମକୁ ବାଧ କରି ପକାଇଥିଲେ ଜଣେ ରାଜା ହିସାବରେ ସେମାନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଆଗେଇ ଆସିବା ପାଇଁ। ତୁମ ପାଖରେ ଆଉ କୌଣସି ଉପାୟ ନଥିଲା ପ୍ରଭୁ। ତୁମେ ଆସିଥିଲ...!!

ତୁମ କୋଦଣ୍ଡର ଟଙ୍କାର ମାତା ସୀତା ଶୁଣି ପାରିଥିଲେ। ଆଉ କିଛି ଅନର୍ଥ ହେବା ଆଗରୁ ନିଜ ପୁତ୍ରଙ୍କୁ ରୋକି ଦେବା ପାଇଁ ଯଥା ସମ୍ଭବ ପ୍ରୟାସ ମଧ୍ୟ କରିଥିଲେ। କିନ୍ତୁ ମହର୍ଷି ବାଲ୍ମିକୀ ଏହି ସମସ୍ୟାର ସମାଧାନ କରିବା ପାଇଁ ନିଜେ ଯାଇ ସେହି ସ୍ଥାନରେ ପହଞ୍ଚି ତୁମମାନଙ୍କୁ ଯୁଦ୍ଧରୁ ବିରତ ହେବାକୁ କହିଥିଲେ। କିନ୍ତୁ ଆଉ ଏକ ତଥ୍ୟ ଅନୁଯାୟୀ ଲବ କୁଶ ତୁମ ସମେତ ସବୁ ଯୋଦ୍ଧାମାନଙ୍କୁ ଅଚେତ କରି ଦେଇଥିଲେ। ବାଲ୍ମିକୀ ଓ ମାତା ସୀତା ଆସି ସେମାନଙ୍କୁ ସୁସ୍ଥ କରିବାକୁ କହି ତୁମର ପରିଚୟ ଦେଇଥିଲେ।

ନିଜ ରାଜାଙ୍କୁ ପିତାସମ ଭକ୍ତି କରୁଥିବା ଛୁଆ ଦୁଇଜଣ ଯେତେବେଳେ ଜାଣିବାକୁ ପାଇଲେ ଯେ ତାଙ୍କ ପିତା ହିଁ ହେଉଛନ୍ତି ସ୍ୱୟଂ ରାଜା ରାମ... ସେମାନଙ୍କ ଆଶ୍ଚର୍ଯ୍ୟ ଆଉ ଆନନ୍ଦର ସୀମା ରହିଲାନି। କିନ୍ତୁ ସେମାନେ ନିଜ ମାତାଙ୍କ ବିଷୟରେ ଭାବି ଭାବି ଦୁଃଖୀ ହେବାରେ ଲାଗିଲେ। ଏହା କିପରି ସମ୍ଭବ ଯେ ଦେବୀତୁଲ୍ୟା ସେମାନଙ୍କ ମାତାଙ୍କୁ ତାଙ୍କ ସ୍ୱାମୀ ତ୍ୟାଗ କରି ପାରିଲେ..!! ତାହା ପୁଣି ଅନ୍ତଃସତ୍ତ୍ୱା ଥିବା ସମୟରେ...!! ଏତେ ବଡ ରାଜ ପରିବାରରେ ଜନ୍ମ ହୋଇ ମଧ୍ୟ ସେମାନଙ୍କୁ କାହିଁକି ଋଷି ଆଶ୍ରମରେ ବଡ ହେବାକୁ ପଡୁଛି ସେକଥା ବୁଝି ପାରୁ ନଥିଲେ ପିଲାମାନେ। ଏତେ ବଡ ପରିବାର ଥାଇ ମଧ୍ୟ ଏକା ରହିଥିଲେ ସେମାନେ। ଏସବୁର କାରଣ ଖୋଜି ପାଉ ନଥିବାରୁ ଲବ କୁଶ ଦୁଃଖୀ ହୋଇ ଯାଉଥିଲେ ।

ସେତେବେଳେ ମାତା ସୀତା ସେମାନଙ୍କୁ ସେହି ସତ୍ୟ କହିଥିଲେ ଯାହା ସେମାନେ ଜାଣିବା ସମୟ ଆସି ଉପନୀତ ହୋଇ ଯାଇଥିଲା। ନାରୀ ଆଉ ପୁରୁଷଙ୍କ ମଧ୍ୟରେ ସାମାଜିକ ସମାନତା ଆଣିବାକୁ ତାଙ୍କ ମାତା ପିତା କରିଥିବା ଏପରି ଭୀଷଣ ତ୍ୟାଗ କଥା ଶୁଣି ଲବକୁଶ ମୁଣ୍ଡ ନୁଆଇଁ ଥିଲେ। ଆଉ ମହର୍ଷି ବାଲ୍ମିକୀ ସେମାନଙ୍କୁ ତାଙ୍କ କର୍ତ୍ତବ୍ୟ ବିଷୟ ବୁଝେଇ ଦେଇଥିଲେ। ମାତାପିତାଙ୍କ ଭିତରେ ଫାଟ ସୃଷ୍ଟି ହେଲେ କେବଳ ପିଲାମାନେ ହିଁ ସେତୁ ହୋଇ ସେଇ ଫାଟକୁ ପୁନଃ ଯୋଡ଼ି ପାରନ୍ତି। ତା ଛଡା ଯୁଗ ପରିବର୍ତ୍ତନର ଯେଉଁ ସ୍ୱପ୍ନ ଦେଖି ସୀତା ରାମ ଅଲଗା ହୋଇଥିଲେ ସେହି ଯୁଗ ପରିବର୍ତ୍ତନର ବାର୍ତ୍ତା ବହନ କରି ସେମାନେ ଅଯୋଧ୍ୟାବାସୀଙ୍କର ଚିନ୍ତାଧାରା ବଦଳେଇବା ପାଇଁ ରାମାୟଣ ମହାଗ୍ରନ୍ଥର ସହାୟତା ନେଇ ଆଗେଇ ଗଲେ।



(କ୍ରମଶଃ)


♥ ଭୁବନେଶ୍ୱର,
ମୋ: ୯୪୩୮୪୭୦୮୦୭


ଗୋଟେ କବିତା ବହିର ଆଲୋଚନା

# ଅସୁମାରୀ ସ୍ମୃତିର ଗନ୍ତାଘର କବି ଅକ୍ଷୟ ବେହେରାଙ୍କ "ସେଇ ସବୁଦିନ"




ସୈରିନ୍ଧ୍ରୀ ସାହୁ





ସେଇ ସବୁଦିନ କେତେ ସ୍ମୃତିମୟ ହୋଇଥାଏ ସତେ!

ଯେବେ ମନେମନେ ଖୋଜି ହେଉଥିବ, କାହାକୁ କହି ପାରୁନଥିବ କି ପଚାରିପାରୁ ନଥିବ! ଅଥଚ ମନ ଭିତରେ ଢେଉ ମାରୁଥିବ ହାବୁକା ହାବୁକା ପାଣି, ମନ ଆକାଶରେ ଉଇଁ ଆସୁଥିବ ସୁନା ରଂଗର ଜହ୍ନ, ମନ ବଗିଚାରେ କଢ଼ ମେଲୁଥିବ ଫୁଲର ପାଖୁଡ଼ା, ମନ ଅଗଣାରେ ବୁଣି ହୋଇ ଯାଉଥିବ ପାରିଜାତର ଭୁରୁଭୁରୁ ବାସ୍ନା । ଆହା! କେତେ ମଧୁମୟ ସେଇ ସବୁଦିନ!

ଅଥଚ ଏବେ?

*ବସିଲା ଜାଗାରୁ ଉଠି ଯାଇଥିବା*
*ଲୋକଟି ଯେ*
*ଫେରୁନି... ମନେ ମନେ ଭୀତି ଜାଗୁଥିବ।*
*++++++*
*ଆଗପରି ମହକୁ ନଥିବ ଧୂପ ଦୀପ ନୈବେଦ୍ୟ*
*ପଛେ ପଛେ ଆସୁଥିବ ନିର୍ଜଳା ଖରାବେଳ*
*+++++++*
*ରାତି ଧୀରେ ଧୀରେ ଚାଲି ଥିବ ଅଂଧାରରେ*
*ପାଦ ପକାଇ*
*ପାଦ ଶବ୍ଦ ଦୂରକୁ ଦୂର ଘୁଞ୍ଚି ଯାଉଥିବ*
*କେହି ଜଣେ ଫେରୁ ନଥିବ ।"*

ସେଇଆ ହୁଏ । ସେଇସବୁ ଦିନମାନେ ସ୍ମୃତିରେ ସଜଳ ହୋଇ ଉଠନ୍ତି ସେତିକିବେଳେ, ଯେତେବେଳେ ହାତ ବଢ଼େଇଲେ କେହି କୋଉଠି ନଥାନ୍ତି, କିନ୍ତୁ ସକାଳ ଡାକ ମାରେ, ଆଉ ଗୋଟେ ଦିନର ତାଲିକା ଧରି ।

କବି ଅକ୍ଷୟ ବେହେରା ଅଷ୍ଟମ କବିତା ପୁସ୍ତକ 'ସେଇସବୁ ଦିନ'ରେ କବି ସେଇ ଦିନମାନଙ୍କୁ ଭାଗ କରିଛନ୍ତି ଛଅଟି ଭାଗରେ।

ପ୍ରଥମ ପର୍ବରେ 'ପୀଡ଼ା ଉଦୟ', ଦ୍ୱିତୀୟ ପର୍ବରେ 'ଆତ୍ମଘାତୀ ପ୍ରବଣତା', ତୃତୀୟ ପର୍ବରେ 'କୁହୁଡ଼ି ବଳୟ', ଚତୁର୍ଥ ପର୍ବରେ 'ବିନାଶୀ ଝଡ଼, ପଞ୍ଚମ ପର୍ବରେ 'ଝଡ଼ର ଇଗଲ' ଓ ଷଷ୍ଠ ପର୍ବରେ 'ଛାଇ ଆଲୁଅରୁ ମେଲାଣି' ।

'ପୀଡ଼ା ଉଦୟ'ରୁ ଆରମ୍ଭ ହୋଇଥିବା ଜୀବନ ପର୍ବ ଗଡ଼ି ଗଡ଼ି ଯାଇ ପହଞ୍ଚି ଯାଇଛି 'ଆତ୍ମଘାତୀ ପ୍ରବଣତା' ପାଖରେ । ଏଇ 'ପୀଡ଼ା ଉଦୟ'ରେ ସ୍ଥାନ ପାଇଛି ୩୪ଟି କବିତା

କୋଉଠି କବି କହିଛନ୍ତି-

*"ସମୟ କି ଏତେ କରୁଣ*
*ପବନ କି ଏତେ ନିଷ୍ଠୁର*
*ଫଗୁଣ କି ଏତେ ଜ୍ୱଳନ*
*କେହି ବୁଝିଲା ନାହିଁ*
*କାହାର ବା ସାମର୍ଥ୍ୟ କାହିଁ ।" (୫)*

*ଆଉ କୋଉଠି ସେ କହିଛନ୍ତି-*

*"ଅଦୃଶ୍ୟରେ ଥାଅ ପଛେ*
*ଦୃଶ୍ୟ ତୁମେ ସରାଚର*
*ମୋ ଚେତନାରେ" (୨୬)*

ସମୟ ଏମିତି । କୋଉଠି ସନ୍ଦେହର କୁଳେଳିକା, କୋଉଠି ଅବିଶ୍ୱାସର ଘନ କୁହୁଡ଼ି । କୋଉଠି ବିପର୍ଯ୍ୟୟର ତାଣ୍ଡବ ଭିତରେ, ବିତୃଷ୍ଣା ଅବସାଦ ଭିତରେ ମଣିଷ ଖୋଜୁଛି ରାସ୍ତା ତ କୋଉଠି ଦିଶୁଛି ମୃତ୍ୟୁର ଉଦଣ୍ଡ ନାଚ ।

କିନ୍ତୁ ଅଟକେଇ ହେଉନାହିଁ ଶବ୍ଦମାନଙ୍କୁ, ରୋକି ହେଉନାହିଁ ମନକୁ, ରଖି ହେଉନାହିଁ ଭାବାବେଗକୁ । କବିଙ୍କୁ ମନେ ହେଉଛି ସବୁ ଅସମ୍ଭାଳ । କିଏ ଜାଣେ କେତେବେଳେ ଯେ ଏମାନେ ଶିକୁଳି ଖୋଲି ଉଡ଼ି ନଯିବେ!

କବିଙ୍କ ଆଶଙ୍କାଗ୍ରସ୍ତ ମନ ଜୀବନର ଅଳିକତାକୁ ଅଙ୍ଗେ ନିଭେଇଲା ପରେ ବି ନିଜେ ଥାପୁଡ଼ଉଛନ୍ତି ନିଜର ପିଠି, ନିଜେ ଗାଉଛନ୍ତି ନିଜ ପାଇଁ ନାନାବାୟା ଏବଂ ନିଜେ ବୁଝଉଛନ୍ତି ନିଜକୁ। ଏମିତି ଏମିତି ସରିଯାଇଛି ପ୍ରଥମ ପର୍ବ।

**ଦ୍ୱିତୀୟ ପର୍ବ: ଆତ୍ମଘାତୀ ପ୍ରତାରଣା :**

ଏହାର ଅନ୍ତଃସ୍ୱର ବି ସେଇ ଥକାମନ, ନିତିଦିନର ଘରକରଣା, କେତେ ରଂଗୀନ ଆକାଶ, ଅପୂରଣୀୟ ଦୁଃଖ, ଗ୍ଲାନି, ଅବସାଦ, କରୁଣ ବିଷାଦ ଭିତରେ ଖୁସି ଫେରି ଆସିବାର ସମ୍ଭାବ୍ୟ ଆଶା ଓ ଆକାଂକ୍ଷା ।

କବିତାର ପ୍ରତି ପାଦପାତରେ କାବ୍ୟ ନାୟିକା 'କଲ୍ୟାଣୀ'ର ଉପସ୍ଥିତି, ଯାହା ସାଙ୍ଗରେ କବି ବାଂଟି ଚାଲିଛନ୍ତି ଅନୁଭୂତି, ଅନୁଭବ, ସ୍ନେହ ଓ ପ୍ରେମ । ନିଜ ଜୀବନର ଦର୍ଶନକୁ ଅଜାଡି ଦେଇଛନ୍ତି କଲ୍ୟାଣୀର ପଣତରେ । ସେଇଥିପାଇଁ ତ କବି ଲେଖିଛନ୍ତି -

*"ଯିଏ ଯାହା ପାଏନାହିଁ ଜୀବନରେ*
*ଦେ ହିଁ ଅମୂଲ୍ୟ ହୋଇ ରହିଯାଏ ସାରା ଜୀବନ ।*
*ଏମିତି ଆମ ନିୟତି-*
*ଦେଖୁଥିଲେ ପରସ୍ପର ପ୍ରତିଦିନ*
*କେତେ ନିକଟରେ*
*କେବେ କେବେ ଟିକେ ଦୂରତାରେ*
*କେହି କାହାକୁ ପାଇ ପାରିବାନି*
*ଏ ତ ସମୟର ପଶାପାଲି କଲ୍ୟାଣୀ..." (୩୫)*

କବି ଅକ୍ଷୟଙ୍କର କବିତା ଗୁଡ଼ିକରେ ଦର୍ଶନ ଯେତିକି ସ୍ୱଚ୍ଛ ସେତିକି ପ୍ରାଞ୍ଜଳ, ଯେତିକି ଜୀବନ୍ତ ସେତିକି ମାର୍ମିକ । ଅନେକ ସ୍ଥାନରେ ତାଙ୍କ ଅନୁଭବ ଅଭିଜ୍ଞତାକୁ ଦେଖିଲେ ହତବାକ୍ ହେବାକୁ ପଡ଼େ ।

*"ଶବ୍ଦର ଗୋଲକ ଧନ୍ଦା ଶୂନ୍ୟ ଶୂନ୍ୟ ମହାଶୂନ୍ୟ*
*ଚେତନାର ଆଦିଗନ୍ତ*
*ଦିଶୁନଥିବା ଶୂନ୍ୟ ପାରାବାର*
*ଗୋଟିଏ ଭାତ ପରି ଗୋଟିଏ ଶବ୍ଦର ପଛେ*
*କେତେ ଝାଳନାଳ ମୂଳ ମଜୁରୀର ଦିନ*
*ବଂଧା ପଡ଼ିଛି ସାହୁକାର ସିନ୍ଦୁକରେ*
*ମିଳିଲାନି ଗୋଟିଏ ଶବ୍ଦର ବିହନ ।" (୪୬)*

*++++++*
*"ଯଦି କେଉଁଠି ସନ୍ଦେହର କୁହେଳିକା*
*ଘୋଟିଛି ତ ଘୋଟିଥାଉ*
*ଯଦି କେଉଁଠି ଈର୍ଷା କାହା ମନରେ*
*ଆସିଛି ତ ଆସିଥାଉ*
*ଯଦି କାହା ଦୃଷ୍ଟିରେ କାହା ସହ*
*କଥା ହେବା ଭଲ ଲାଗେନି ତ*
*ନ ଲାଗିଥାଉ*
*ସେ ସବୁକୁ ଗୁରୁତ୍ୱ ଦେଇ*
*ନିଜ ସହ ପ୍ରତାରଣା କିପରି କରିବ?" (୫୬)*

**ତୃତୀୟ ପର୍ବ କୁହୁଡ଼ି ବଳୟ :**

ଜୀବନ ଏମିତି, କେବେ ଧୂଆଁ ଲାଗେ କୁହୁଡ଼ି ପରି ତ କେବେ କୁହୁଡ଼ିକୁ ଧୂଆଁ କରି ଉଡ଼େଇ ଦେବାକୁ ପଡ଼େ ଆକାଶରୁ।

ବେଳେବେଳେ ମଣିଷ ଅତ୍ୟନ୍ତ ବିଷାଦରେ ନିଃସଙ୍ଗତାକୁ ସ୍ୱୀକାର କରିନିଏ, ସ୍ୱୀକାର କରିନିଏ ନିଜର ଅସଫଳତାକୁ । ଏମିତି ବି ହୁଏ ମନ ଗହୀରରେ ନଥାଏ ହରାଇବାର କରୁଣ ଗୀତିକା, ପାଦରେ ନଥାଏ ଅସହାୟ ଥକା ପଣ, ନିଶ୍ୱାସରେ ନଥାଏ ଧୀର ସମୀରଣ, ପ୍ରଶ୍ୱାସରେ ନଥାଏ ଦୀର୍ଘଶ୍ୱାସ ।

କବି ସେଇପରି ଏକ ସମୟ ନିର୍ଘଣ୍ଟରେ କୁହନ୍ତି-

*"ଏକା ଏକା ଦିଶୁଥିବା ଶୂନ୍ୟ ବିଛଣା*
*ଏବେ ଆଉ ଏକା ନୁହେଁ*
*ଗଭୀର ପ୍ରହରେ, କିଏ ଆସି ନିର୍ବାପିତ କରୁଥାଏ*
*ସର୍ବାଙ୍ଗେ ପୂରି ରହିଥିବା ବ୍ୟଥା*
*ଘନ ଅନ୍ଧାରରେ ।"(୮୦)*

କବିଙ୍କ କବିତାରେ ବହୁ ପାଣ୍ଡିତ୍ୟପୂର୍ଣ୍ଣ, ଦାର୍ଶନିକ ସୁଲଭ କଥା ବେଶ୍ ସହଜ ଓ ସରଳ ଭାବରେ ଦୃଶ୍ୟମାନ ହୁଏ । ଜୀବନକୁ କଷଟି ପଥରରେ ମାଜିମୁଜି, ଘଷିଘାସି ବେଶ୍ ଚକ୍‌ଚକ୍ କରିଛନ୍ତି କବି । ଭାବବସ୍ତୁ, ଶବ୍ଦର ବିନ୍ୟାସ ମାଧ୍ୟମରେ କବିତା ସବୁକୁ କରିପାରିଛନ୍ତି ବେଶ୍ ଜୀବନ୍ମୟ।

*"କେତେବା ଆୟୁଷ ଆଉ କେତେବା ଜୀବନ*
*ବଢ଼ି ବଢ଼ି ଯାଏ ଯେବେ ଛାତିର କମ୍ପନ*
*କେମିତି ରଖିବ ଏତେ ଏକା ଏକା ହୃଦୟ ସ୍ପନ୍ଦନ*
*ଆ' ବୋଲି ଡାକି ଦେଲେ ଆସେନାହିଁ*
*ଯା ବୋଲି କହିଦେଲେ ଫେରିପଡ଼େ ନାହିଁ*
*ଏବେ କଲ୍ୟାଣୀ କାହାର?" (୧୦୬)*

ଏ କଲ୍ୟାଣୀ ସତରେ କାହାର? ସାରା କବିତା ବହିରେ ଗୋଟିଏ ମାତ୍ର ଚରିତ୍ର ସବୁଠି ଆତଯାତ, ସିଏ ହେଲା କଲ୍ୟାଣୀ। ନଈ ପରିଛାଇ ପରି, ଏଇ ଅଛି ଏଇ ନାହିଁ ।

*"ଏଇତ ଆସୁଛି ସଂଜ*
*ସଂଜ ଦୀପ ଜାଳିବ କଲ୍ୟାଣୀ*
*ଧୂପ ଦୀପ ଦେଇ ଦେବତାରେ ସମର୍ପିବ*
*ଅବଶିଷ୍ଟ ଦିନର କରୁଣ କାହାଣୀ*
*ଏଇତ ଆସୁଛି ସଂଜ*
*ନେଇ କେତେ ଘରଭର୍ତ୍ତି ନୀରବତା*
*ଅଗଣାରେ ମନମରା ଗାଁ, ଏତେ ଅସନ୍ତୋଷକୁ*
*ସହିପାରୁନି କଲ୍ୟାଣୀ" (୧୪୪)*

ଏକ ଶ୍ରଦ୍ଧାଶୀଳ ପ୍ରାଣ କଲ୍ୟାଣୀ ଚିନ୍ତାରେ ଅହରହ । କଲ୍ୟାଣୀର ଚିନ୍ତା, ଚେତନା ଭିତରେ କବିଙ୍କ ଜୀବନର ଚଲାପଥ କୁସୁମିତ ହେଉ କି ନହେଉ କିନ୍ତୁ ଯାବତୀୟ ଝଡ଼ ପଡ଼ି ଯାଇଛି ଶାନ୍ତ, ନିଃସଙ୍ଗତା ହୋଇଯାଇଛି ମୁଖରିତ, ଦୁଃଖର କପାଳରେ ବୋଲି ହୋଇଯାଇଛି ଶାନ୍ତିର ବିଭୂତି, ଶୋଭାମୟ ହୋଇ ଯାଇଛି ଶରତର ନିର୍ମଳ ଆକାଶ । ସମଗ୍ର କବିତାରେ ନିଛକ ପ୍ରେମ ଓ ଆବେଗ ହୋଇଛି ପ୍ରତୀକିତ। ପ୍ରକାଶ ଭଂଗୀରେ ଅପୂର୍ବ ଭାବ, ଶବ୍ଦ ପ୍ରୟୋଗର ଦକ୍ଷତାରେ କବିତାଗୁଡ଼ିକ ହୋଇ ପାରିଛି ମାର୍ମିକ ଓ ଉଚ୍ଚକୋଟୀର ।

*"ମନେହୁଏ ଶେଷ ଘଣ୍ଟି ବଜେଇଦେଇ*
*ସମୟ ଉଠି ଗଲାଣି*
*ଏବେ ଖାଲି ତା ପଛେ ପଛେ*
*ଫେରିବ ଲୋକଟି, ଭେଟିବ ଶୂନ୍ୟତା*
*ପାଇବ କଲ୍ୟାଣୀ ସବୁଠି*
*ଲେଖିବ ଆଉ ଏକ ପର୍ଯ୍ୟାୟର ହୃଦୟ କବିତା*
*ଯେଉଁଠି କଲ୍ୟାଣୀ ଥିବ ଅକ୍ଷୂର୍ଣ୍ଣ ହୋଇ*
*ଦେବୀ ନାରୀ ପରି*
*ଲୋକଟି ଏବେ ବରିନେବ*
*ଏ ଆଉ ଏକ ନିର୍ବାସନ ଆଉ ଏକ ସାଧନା*
*ସେ ଭଲ ପାଇବ ନ ପାଇ କଲ୍ୟାଣୀ*
*ସେ ଝୁରି ହେଉଥିବ ଗଲାଦିନମାନଙ୍କ ପରି*
*ନ କହି କଲ୍ୟାଣୀ ।"(୧୮୭)*

"ଦୀର୍ଘ ଏ କାବ୍ୟ ପଥରେ ନିଝୁମ ଖରାରେ ଏକାକୀ ଅଶ୍ୱାରୋହୀ ପରି କବିତାକୁ ସାଥୀ କରି ଯାତ୍ରା କରେ ତ ତୀବ୍ର ଖରାକୁ ଚନ୍ଦନ ପରି ଦେହରେ ବୋଲି ହୋଇ କଳଙ୍କକୁ ବିନ୍ଧି କରି କପାଳରେ ପିନ୍ଧେ....

ଗୋଟେ ନିବିଡ଼ ଭଲ ପାଇବା କାହାଣୀରେ ଘଟଣା ପ୍ରବାହ ସହ ନିନ୍ଦା ଅପବାଦ କଳଙ୍କ ବି ସୃଜନ କ୍ଷେତକୁ ସବୁଜିମାରେ ଭରିଦିଏ, ପାଠକକୁ କବିତା ସାଥୀରେ ଚାଲିବାକୁ ବାଧ କରେ...."

ପୃଷ୍ଠବନ୍ଧରେ କବି ଅକ୍ଷୟ ବେହେରାଙ୍କର ଏଇ ସ୍ୱୀକାରୋକ୍ତି ସହ ମୁଁ ବି ଏକମତ । ଚାରିଶହ ପୃଷ୍ଠା ସମ୍ବଳିତ କବିତା ବହି 'ସେଇ ସବୁଦିନ'ର କବିତାଗୁଡ଼ିକ ସତେ ଯେମିତି ଅସୁମାରୀ ସ୍ମୃତିର ଗନ୍ତାଘର । ପାଠକଟିଏ ଯା' ଭିତରେ ଥରେ ପଶିଗଲେ ସେଥିରୁ ମୁକୁଳିପାରିବନି ଏହା ସତ୍ୟ । ପକ୍ଷୀଘର ଦ୍ୱାରା ମୁଦ୍ରିତ କବିତା ପୁସ୍ତକଟିର ସଦୃଶ୍ୟ ପରିପାଟୀ ବେଶ୍ ରୁଚିପୂର୍ଣ୍ଣ ଓ ଉଚ୍ଚକୋଟୀର । ତ୍ରୟୋଦଶୀର ନିର୍ମଳ ଜହ୍ନ ପରି ପାଠକର ମନ କିଣି ନେବାରେ ଏହି କବିତା ପୁସ୍ତକଟି ଯେ ସାମର୍ଥ୍ୟ ରଖେ, ଏଥିରେ ଦ୍ୱିମତ ନାହିଁ ।


♥ ଜେଲରୋଡ, ବାଲେଶ୍ୱର-୧



ଅଖିଳ ତରାଇ




# ସତ୍ୟ ବନାମ ସାଲିସ: ସଙ୍କଟରେ ସାମ୍ବାଦିକତା

**ଆମକୁ ମନେ ରଖିବାକୁ ହେବ ଯେ ଯେଉଁଠି ସତ୍ୟର ମୃତ୍ୟୁ ଘଟେ, ସେଠି ସମାଜର ପତନ ଆରମ୍ଭ ହୁଏ। କେବଳ ସେହି କିଛି ନିଷ୍ପାପର ସାମ୍ବାଦିକଙ୍କ ପାଇଁ ଆଜି ବି ଏହି ବୃତ୍ତି ବଞ୍ଚି ରହିଛି, ଯେଉଁମାନେ ଲୋଭ ଓ ଭୟର ଉର୍ଦ୍ଧ୍ୱରେ ରହି ସତ୍ୟର ଜୟଗାନ କରୁଛନ୍ତି।**

ସାମ୍ବାଦିକତାକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ। ଏହାର ମୁଖ୍ୟ କାମ ହେଉଛି ଶାସକ ଓ ପ୍ରଶାସନକୁ ପ୍ରଶ୍ନ କରିବା ଏବଂ ସମାଜର ଅସଲ ଚିତ୍ରକୁ ଲୋକଲୋଚନକୁ ଆଣିବା। କିନ୍ତୁ ଆଜିର ସମୟରେ 'ସତ୍ୟ' ଏବଂ 'ସାଲିସ' ମଧ୍ୟରେ ଏକ ଅଦୃଶ୍ୟ ଯୁଦ୍ଧ ଚାଲିଛି, ଯେଉଁଠି ଅନେକ ସମୟରେ ସତ୍ୟ ପଛରେ ପଡ଼ିଯାଉଛି। ଯେଉଁ ବୃତ୍ତି ଦିନେ ସମାଜର ଦର୍ପଣ ସାଜି ନିଷ୍ପେଷିତର ସ୍ୱର ପାଲଟୁଥିଲା, ଆଜି ସେହି ବୃତ୍ତିର କିଛି ଅଧାପାନ୍ତରିଆ ସ୍ୱାର୍ଥନ୍ୱେଷୀ ବ୍ୟକ୍ତିଙ୍କ ପାଇଁ ସାମ୍ବାଦିକତାର ମର୍ଯ୍ୟାଦା ଧୂଳିସାତ ହେବାକୁ ବସିଛି। ସମ୍ବାଦ ପରିବେଷଣ ଏବେ 'ମିଶନ' ନୁହେଁ, ବରଂ 'କମିଶନ'ରେ ପରିଣତ ହୋଇଛି। ସତ୍ୟର ସନ୍ଧାନ ପରିବର୍ତ୍ତେ ପକେଟ୍ ଗରମ କରିବା ଏବେ ଅନେକଙ୍କର ମୂଳ ଲକ୍ଷ୍ୟ ପାଲଟିଛି। ଓଡ଼ିଶାର ସାମ୍ବାଦିକତା ଇତିହାସରେ ଅନେକ ମହାନ ବ୍ୟକ୍ତିତ୍ୱ ବିଭିନ୍ନ ଖବର କାଗଜ ପ୍ରକାଶିତ କରି ଲୋକଙ୍କ ସ୍ୱର ଶୁଣାଇଥିଲେ, ଆଜି ସେହି ପବିତ୍ର ମାଟିରେ ସାମ୍ବାଦିକତା ଏକ ବ୍ୟବସାୟ ଓ ଭୟ ପ୍ରଦର୍ଶନର ମାଧ୍ୟମ ପାଲଟିଯିବା ଅତ୍ୟନ୍ତ ପରିତାପର ବିଷୟ।

ସାମ୍ବାଦିକତା କେବଳ ଏକ ବୃତ୍ତି ନୁହେଁ, ଏହା ଏକ ଦାୟିତ୍ୱ। କିନ୍ତୁ ବର୍ତ୍ତମାନର ସମୟରେ ଅନେକ ସାମ୍ବାଦିକ ସମାଜର ମୂଳ ସମସ୍ୟାକୁ ଲୋକଲୋଚନକୁ ଆଣିବା ପରିବର୍ତ୍ତେ ନିଜର ଆର୍ଥିକ ଉନ୍ନତି ପାଇଁ ସାମ୍ବାଦିକତାକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ସରକାରୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପ୍ରଭାବଶାଳୀ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସହ ସଲାସୁତୁରା କରି ଖବରକୁ ଚାପି ଦେବା କିମ୍ବା ସେମାନଙ୍କୁ ସୁହାଇଲା ଭଳି ଗୋଲାପୀ ଚିତ୍ର ପ୍ରଦର୍ଶନ କରିବା ଏକ ନିତିଦିନିଆ ଘଟଣା ହୋଇଗଲାଣି। ଗରିବ ଲୋକଟିଏ ଯେତେବେଳେ ନ୍ୟାୟ ଆଶାରେ ସାମ୍ବାଦିକ ପାଖକୁ ଆସେ, ସେଠାରେ ବି ସତ୍ୟର ଗଳା ଚିପି ଦିଆଯାଉଛି ଯଦି ବିପକ୍ଷ ଦଳ ମୋଟା ଅଙ୍କର ଟଙ୍କା ଫିଙ୍ଗି ଦେଉଛନ୍ତି। ଏହି 'ପ୍ରାୟୋଜିତ ସମ୍ବାଦ' ର ପ୍ରଭାବ ସାଧାରଣ ଲୋକଙ୍କ ଆସ୍ଥାକୁ ଧୀରେ ଧୀରେ ହଟାଇ ଦେଉଛି।

ଆଜି ଗାଁଠୁ ସହର ପର୍ଯ୍ୟନ୍ତ କାନ୍ଧରେ ବ୍ୟାଗ୍ ଓ ବେକରେ ଆଇ-କାର୍ଡ ଝୁଲାଇ ବୁଲୁଥିବା ସାମ୍ବାଦିକଙ୍କ ସଂଖ୍ୟା ଅଗଣିତ। କିନ୍ତୁ ଏମାନଙ୍କ ମଧ୍ୟରୁ କେତେଜଣ ପ୍ରକୃତ ସାମ୍ବାଦିକତା କରୁଛନ୍ତି, ତାହା ବଡ଼ ପ୍ରଶ୍ନବାଚୀ। ଠିକାଦାର, ବାଲି ମାଫିଆ, ମଦ ବ୍ୟବସାୟୀ ଏବଂ ସରପଞ୍ଚମାନେ ଏବେ ଏହି ସାମ୍ବାଦିକମାନଙ୍କର ମୁଖ୍ୟ ଟାର୍ଗେଟ। ମାସିକିଆ ବଟି ଆଦାୟ କରିବା ଠାରୁ ଆରମ୍ଭ କରି ପର୍ବପର୍ବାଣିରେ ଜୋର ଜବରଦସ୍ତ ଚାନ୍ଦା ମାଗିବା ପର୍ଯ୍ୟନ୍ତ, ସାମ୍ବାଦିକତାର ଆଳରେ ଏକ ପ୍ରକାର 'ଗୁଣ୍ଡାରାଜ' ଚାଲିଛି। କେବଳ ବଡ଼ ବଡ଼ ଦୁର୍ନୀତି ନୁହେଁ ବରଂ ନୀଚ ସ୍ତରର ମନୋଭାବ ଏତେ ବଢ଼ିଗଲାଣି ଯେ ଜଣେ ଛୋଟ ଜଳଖିଆ ଦୋକାନୀ କିମ୍ବା ମାଛ ବ୍ୟବସାୟୀ ବି ଏମାନଙ୍କ ଶୋଷଣରୁ ରକ୍ଷା ପାଉନାହାନ୍ତି। ମାଗଣାରେ ଖାଇବା, ବିନା ପଇସାରେ ଚା' ପିଇବା ଓ ଜିନିଷ ନେବା ପରେ ନାଲି ଆଖି ଦେଖାଇ ଖବର ବାହାର କରିବାର ଧମକ ଦେବା ଜଣେ ସଚ୍ଚୋଟ ସାମ୍ବାଦିକ ପାଇଁ ଲଜ୍ଜାର ବିଷୟ। ଯଦି କେହି ଏମାନଙ୍କର କଥା ନ ଶୁଣେ, ତେବେ ତା' ବିରୋଧରେ କାଳ୍ପନିକ ଖବର ପ୍ରକାଶ କରିବାକୁ ବି ଏମାନେ ପଛାନ୍ତି ନାହିଁ।

ସାମ୍ବାଦିକତାକୁ ଗଣତନ୍ତ୍ରର ପ୍ରହରୀ କୁହାଯାଏ, ଯିଏ ଶାସକ ଦଳର ଭୁଲକୁ ଅଙ୍ଗୁଳି ନିର୍ଦ୍ଦେଶ କରିବ। କିନ୍ତୁ ଏବେ ଅନେକ ସାମ୍ବାଦିକ ନେତା-ମନ୍ତ୍ରୀଙ୍କ ପଛରେ ବୁଲି ସେମାନଙ୍କ ଗୁଣଗାନ କରିବାରେ ବ୍ୟସ୍ତ। କେବଳ ପଇସା ପାଇଁ କ୍ଷମତାସୀନ ବ୍ୟକ୍ତିଙ୍କ ଗୋଲାମ ସାଜିବା ଓଡ଼ିଶାର ବିକାଶ ପଥରେ ଏକ ବଡ଼ ବାଧା। ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଏଭଳି ମଧୁଚନ୍ଦ୍ରିକା ଗଢ଼ି ଉଠିଛି ଯେ, ସେମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ତ ଦୂରର କଥା, ଓଲଟା ସେମାନଙ୍କର ଅପକର୍ମକୁ ଘୋଡ଼ାଇବା ପାଇଁ ଏହି ସାମ୍ବାଦିକମାନେ ଢାଲ ସାଜୁଛନ୍ତି। ଦଶହରା ଭଳି ପର୍ବ ସମୟରେ ଏମାନେ ସକ୍ରିୟ ହୋଇ ଲକ୍ଷ ଲକ୍ଷ ଟଙ୍କା ଚାନ୍ଦା ଆଦାୟ କରନ୍ତି, ଯେଉଁଥିପାଇଁ ସାମ୍ବାଦିକତା ଶବ୍ଦଟି ଏବେ ଅନେକଙ୍କ ପାଇଁ ଏକ 'ପେସା' ପରିବର୍ତ୍ତେ 'ଫାଇଦା'ର ମାଧ୍ୟମ ପାଲଟିଛି।

ବର୍ତ୍ତମାନ ସୋସିଆଲ୍ ମିଡିଆ ଓ ୟୁଟ୍ୟୁବ୍ ସାମ୍ବାଦିକତାର ପ୍ରସାର କରିଛି ସତ କିନ୍ତୁ ଏହା ସହ 'କାମଚଳା ସାମ୍ବାଦିକ'ଙ୍କ ସଂଖ୍ୟା ବଢ଼ାଇ ଦେଇଛି। କୌଣସି ଶିକ୍ଷା କିମ୍ବା ନୈତିକ ତାଲିମ ନଥାଇ କେବଳ ଏକ ସ୍ମାର୍ଟଫୋନ୍ ଓ ମାଇକ୍ ଧରି ନିଜକୁ ସାମ୍ବାଦିକ ଦାବି କରୁଥିବା ଲୋକମାନେ ରାସ୍ତାଘାଟରେ ଲୋକଙ୍କୁ ହଇରାଣ କରୁଛନ୍ତି। ଏମାନେ ଖବରର ଗଭୀରତାକୁ ନଦେଖି କେବଳ 'ଭ୍ୟୁଜ୍' ଏବଂ 'ଲାଇକ୍ସ' ପାଇଁ ଯେକୌଣସି ସ୍ତରକୁ ଖସିଯାଉଛନ୍ତି। ଏହାଦ୍ୱାରା ତୃଣମୂଳ ସ୍ତରରେ ଘଟୁଥିବା ପ୍ରକୃତ ସମସ୍ୟା ଯେମିତିକି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗରିବୀର ଚିତ୍ର ଏବେ ଗୌଣ ହୋଇଗଲାଣି।

ଏହି କୁତ୍ସିତ ମନୋଭାବ ସମ୍ପନ୍ନ ବ୍ୟକ୍ତିଙ୍କ ପାଇଁ ଆଜି ସାମ୍ବାଦିକତା କ୍ଷେତ୍ରରେ କାମ କରୁଥିବା ନିଷ୍ପାପର ଓ ସଚ୍ଚୋଟ ବ୍ୟକ୍ତିମାନେ ସମ୍ମାନ ହରାଉଛନ୍ତି। ଜଣେ ସାମ୍ବାଦିକ ଯିଏ ନିଜ ଜୀବନକୁ ବାଜି ଲଗାଇ ସତ୍ୟ ଖବର ପରିବେଷଣ କରେ ସେ ଆଜି ସମାଜରେ ଉପହାସର ପାତ୍ର ହେଉଛି। ଲୋକେ ସାମ୍ବାଦିକ ଦେଖିଲେ ସମ୍ମାନ ଦେବା ପରିବର୍ତ୍ତେ ଘୃଣା କରୁଛନ୍ତି ବା ନିଜକୁ ଦୂରେଇ ରଖୁଛନ୍ତି। ଏହି 'ଅଧାପାନ୍ତରିଆ' ସାମ୍ବାଦିକମାନେ ପ୍ରକୃତ ସାମ୍ବାଦିକଙ୍କ ପାଇଁ ପ୍ରତିବନ୍ଧକ ସାଜନ୍ତି। ଫଳସ୍ୱରୂପ ଅନେକ ଯୋଗ୍ୟ ବ୍ୟକ୍ତି ଏହି ବୃତ୍ତିରୁ ଦୂରେଇ ଯିବାକୁ ଶ୍ରେୟସ୍କର ମଣୁଛନ୍ତି, ଯାହା ଗଣତନ୍ତ୍ର ପାଇଁ ଏକ ଅଶୁଭ ସଙ୍କେତ।

ସାମ୍ବାଦିକତା ଏକ ବାଣିଜ୍ୟ ନୁହେଁ ଏହା ଏକ ସଂସ୍କାର। ଯଦି ସାମ୍ବାଦିକତା ଏହିଭଳି ଦିଗହରା ହୋଇ ଚାଲେ ତେବେ ସମାଜରେ ନ୍ୟାୟ ମିଳିବା ଅସମ୍ଭବ ହୋଇପଡ଼ିବ। ସମୟ ଆସିଛି ପ୍ରକୃତ ସାମ୍ବାଦିକମାନେ ଏକଜୁଟ ହୋଇ ଏହି ଅସାଧୁ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଉଚିତ। ସାମ୍ବାଦିକତା ସଂଘଗୁଡ଼ିକ ଏହି 'ବଟି ଆଦାୟକାରୀ'ଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ସରକାର ଓ ପ୍ରଶାସନ ମଧ୍ୟ ଏହି ଭୋକିଲା ସାମ୍ବାଦିକଙ୍କୁ ପ୍ରଶ୍ରୟ ନଦେଇ ସେମାନଙ୍କର ଯୋଗ୍ୟତା ଯାଞ୍ଚ କରିବା ଆବଶ୍ୟକ।

ସାମ୍ବାଦିକତାରେ ପଇସା ଅପେକ୍ଷା ସଚ୍ଚୋଟତାକୁ ଅଧିକ ଗୁରୁତ୍ୱ ନଦେଲେ ଆଗାମୀ ପିଢ଼ି ଏହି ପବିତ୍ର ବୃତ୍ତିକୁ କେବଳ 'ଦଲାଲି' ଭାବେ ଗ୍ରହଣ କରିବେ। ଆମକୁ ମନେ ରଖିବାକୁ ହେବ ଯେ ଯେଉଁଠି ସତ୍ୟର ମୃତ୍ୟୁ ଘଟେ, ସେଠି ସମାଜର ପତନ ଆରମ୍ଭ ହୁଏ। କେବଳ ସେହି କିଛି ନିଷ୍ପାପର ସାମ୍ବାଦିକଙ୍କ ପାଇଁ ଆଜି ବି ଏହି ବୃତ୍ତି ବଞ୍ଚି ରହିଛି, ଯେଉଁମାନେ ଲୋଭ ଓ ଭୟର ଉର୍ଦ୍ଧ୍ୱରେ ରହି ସତ୍ୟର ଜୟଗାନ କରୁଛନ୍ତି। ଜଣେ ସାମ୍ବାଦିକ ସମାଜର ପରିବର୍ତ୍ତନକାରୀ ସାଜିବା ଉଚିତ, ସରକାରୀ ବା ପାର୍ଟିର ହାତବାରିସୀ ନୁହେଁ। ଆଜିର ସମୟରେ ଏହି ମୂଲ୍ୟବୋଧକୁ ଫେରାଇ ଆଣିବା ହିଁ ପ୍ରକୃତ ସାମ୍ବାଦିକତା ହେବ।ସତ୍ୟର ପଥ କଷ୍ଟକର ହୋଇପାରେ, କିନ୍ତୁ ସାଲିସ ବିହୀନ ସାମ୍ବାଦିକତା ହିଁ ଏକ ସୁସ୍ଥ ସମାଜ ଗଠନ କରିପାରିବ।


♥ ଗଞ୍ଜାମ,
ମୋ: ୭୭୮୭୦୦୧୦୦୧

# ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମାତା ପ୍ରକୃତି ରାଣୀଙ୍କ ବନ୍ଦନା ଓ ଶପଥପାଠ ଉତ୍ସବ ପାଳିତ



ଜଳେଶ୍ୱର, ୨୮/୩ (ନି.ପ୍ର): ରାଜନୀତି ବିଜ୍ଞାନ ବିଭାଗ ଦ୍ୱାରା ସାମ୍ପ୍ରତିକ ସମୟର ଏକ ସମ୍ବେଦନଶୀଳ ବିଷୟ ବିଶ୍ୱବାତାୟନ । ବାୟୁମଣ୍ଡଳର ଅହେତୁକ ଉତ୍ତାପ ବୃଦ୍ଧିଜନିତ ସମସ୍ୟାର ସମ୍ମୁଖୀନ ହୋଇ ଜୀବଜଗତରେ ହା, ହା କାର ଧ୍ୱନୀ ପ୍ରକମ୍ପିତ । ତେଣୁ ଛାତ୍ର ଛାତ୍ରୀମାନଙ୍କ ମନରେ ପ୍ରକୃତି ପ୍ରେମ ଜାଗ୍ରତ କରିବା ପାଁଇ ନୂଆ ରୂପ ଓ ନୂଆ ଢଙ୍ଗରେ ଏକ 'ପ୍ରକୃତି ବନ୍ଦନା' ଉତ୍ସବ ପାଳିତ ହୋଇଯାଇ ଅଛି । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ସରୋଜ କୁମାର ମହାନ୍ତି ପୌରୋହିତ କରିଥିଲେ । କୃଷ୍ଣ ଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ,ବାଲିଆପାଳ, ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ବିଦ୍ୟାଧର କୁହ୍ଲାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ବିଦାୟୀ ଛାତ୍ର ଛାତ୍ରୀମାନଙ୍କୁ ଗୋଟିଏ ଲେଖାଁଏ ଚାରାଗଛ ପ୍ରଦାନ କରି ସପଥପାଠ କରାଇବା ସହିତ ଭଲମଣିଷ ହୋଇ ସର୍ବଦା ପ୍ରକୃତି ମାଆଙ୍କ ସେବାକରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଶ୍ରୀଯୁକ୍ତ ଶ୍ରବଣ କୁମାର ନାଥ ସକାରାତ୍ମକ ଚିନ୍ତନ ସହିତ ଭଲମଣିଷ ହୋଇ ନିର୍ଭୀକ ଭାବରେ ସମାଜର ସେବାରେ ବ୍ରତୀ ହେବାକୁ ଆହ୍ୱାନ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗର ଅଧାପିକା ଶୁଭଶ୍ରୀ ଦାସ ମଞ୍ଚ ଆହ୍ୱାନ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବିଭାଗର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରୁ ସୂଚୀତ୍ରା କର , ଶୁଭସ୍ମିତା ଗିରି, ସରିତା ଜେନା,ଅନୀତା ଗିରି , ଶୁଭଶ୍ରୀ ଶୁଭଲକ୍ଷ୍ମୀ ବେହେରା, ସୁଷମା ମୁର୍ମୁ ,ମୌସୁମୀ ଜେନା, ସ୍ମୃତି ରାଣୀ ଗିରି, ଉର୍ମିଳା ବେରା, ଅଲିଭା ଗାନ୍ଧୀ , ମୁସକାନ୍ ପର୍ବିନ୍, କନକବର୍ଦ୍ଧନ ସିଂହ ଏବଂ ମମତା ବେହେରା ଆଦି ସ୍ୱ ଅନୁଭୂତି ବର୍ଣ୍ଣନ କରିଥିଲେ । ବିଭାଗର ପ୍ରଥମ ବର୍ଷର ଛାତ୍ର ରାମକୃଷ୍ଣ ନାୟକ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପିକା , ଅଧାପକ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ଲିପିକା ପରିଡ଼ା ଉପସ୍ଥିତ ଅତିଥି,ଅଧାପକ , ଅଧାପିକା, ସମସ୍ତ କର୍ମଚାରୀ, ଛାତ୍ର ଓ ଛାତ୍ରୀ ତଥା ସାମ୍ବାଦିକମାନଙ୍କୁ ଧନ୍ୟବାଦ ଅର୍ପଣ କହିଥିଲେ ।

## ଖୋର୍ଦ୍ଧା ଓକିଲ ସଂଘ ନିର୍ବାଚନ: ସଭାପତି ଲୋତକବିନ୍ଦୁ ପଟ୍ଟନାୟକ, ଲିଙ୍ଗରାଜ ସାହୁ ସମ୍ପାଦକ



ଖୋର୍ଦ୍ଧା, ୨୮/୩ (ନି.ପ୍ର): ରାଜ୍ୟ ବାର କାଉନ୍ସିଲ ନିଷ୍ପତି କ୍ରମେ ଆଜି ସମଗ୍ର ରାଜ୍ୟର ସମସ୍ତ ଓକିଲ ସଂଘର କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ଖୋର୍ଦ୍ଧା ଜିଲା ଓକିଲ ସଂଘ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ଏଥିରେ ସଭାପତି ଭାବେ ଲୋତକବିନ୍ଦୁ ପଟ୍ଟନାୟକ (୧୫୧ଖଣ୍ଡ), ଉପସଭାପତି ଭାବେ ହରପ୍ରସାଦ ରାମ (୧୮୨ଖଣ୍ଡ), ସମ୍ପାଦକ ଭାବେ ଲିଙ୍ଗରାଜ ସାହୁ (୧୯୫ଖଣ୍ଡ) ଭୋଟ ପାଇ ବିଜୟୀ ହୋଇଛନ୍ତି । ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ କେଶରୀ ପ୍ରଧାନ ଓ କୋଷାଧକ୍ଷ ଭାବେ ବସନ୍ତ କୁମାର ଭଞ୍ଜ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ ସଦସ୍ୟଭାବେ ବିକ୍ରମ କେଶରୀ ଛୁଆଲସିଂହ, ପ୍ରଦୀପ କୁମାର ମିଶ୍ର, ରାଧାକାନ୍ତ ରାୟ ସାମନ୍ତ, ସାବିତ୍ରୀ ଦେବୀ, ଜମ୍ମିରୁଦ୍ଦିନ୍ ଖାନ୍ ଏବଂ ମୋନାଲିସା ମିଶ୍ର ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଆଜି ସକାଳ ସାଢେ ୭ ରୁ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହୋଇଥିଲା । ଭୋଟ ଗଣତି ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିଲା । ସର୍ବମୋଟ ୩୭୧ଭୋଟରଙ୍କ ମଧ୍ୟରୁ ୩୩୪ଜଣ ସେମାନଙ୍କ ମତଦାନ କରିଛନ୍ତି । ଆଜିର ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ବିଜୟ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିବାବେଳେ ପ୍ରଭଞ୍ଜନ ଜେନା, ପୁଷ୍ପାଞ୍ଜଳୀ ଉଦୟସିଂ, ପ୍ରଦୀପ୍ତ ପ୍ରସାଦ ରାମ ଓ ସଞ୍ଜୟ ଶତପଥୀ ପରିଚାଳନା ରେ ସହଯୋଗ କରିଥିଲେ ।

## ମଣିଷ ଗଢିବାରେ ନାଟକ: ଏକ ସଫଳ ମାଧ୍ୟମ



ବାରିପଦା, ୨୮/୩ (ନି.ପ୍ର): ବିଶ୍ୱ ନାଟ୍ୟ ଦିବସର ପାଳନ ଅବସରରେ ତଖତପୁର ସ୍ଥିତ ହିନ୍ଦୁସ୍ଥାନ ଡ୍ୟାନସ ଅନୁଷ୍ଠାନଠାରେ ଶିଶୁ କଳାକାରମାନଙ୍କୁ ନେଇ 'ଚରିତ୍ର ଗଠନ ଏବଂ ସଂଘବଦ୍ଧ ଜୀବନ ପ୍ରତିଷ୍ଠାରେ ନାଟକ ଏକ ସଫଳ ମାଧ୍ୟମ' ସମ୍ପର୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅମିତ୍ ବାରିକଙ୍କ ପରିଚାଳନାରେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ,କଳାକାର ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଗିରି,ମୁଖ୍ୟଅତିଥି, ନାଟ୍ୟକାର,ନିର୍ଦ୍ଦେଶକ ତଥା କଳାକାର ଶ୍ରୀଯୁକ୍ତ ଆଶିଷ କୁମାର ବଶା,ମୁଖ୍ୟବକ୍ତା,ନାଟ୍ୟ ସମୀକ୍ଷକ ଶ୍ରୀଯୁକ୍ତ ଶୁଭେନ୍ଦୁ କୁମାର ପାଲ୍, ସମ୍ମାନୀତ ଅତିଥି ତଥା ନାଟ୍ୟ ନିର୍ଦ୍ଦେଶକ,କଳାକାର ଶ୍ରୀଯୁକ୍ତ ତ୍ରିଲୋଚନ ସାହୁ ଯୋଗ ଦେଇ ଆଲୋଚନା ପ୍ରସଙ୍ଗରେ ନାଟକର ସମାଜ ଉପରେ ପ୍ରଭାବ ଏବଂ ନାଟକର ବିବିଧ ଦିଗ ସମ୍ପର୍କରେ ନିଜ ବକ୍ତବ୍ୟରେ ଆଲୋକପାତ କରିଥିଲେ । ଆଜିର ଶିଶୁ ହିଁ ଭବିଷ୍ୟତର କର୍ଣ୍ଣଧାର । ଉପସ୍ଥିତ ଶିଶୁ,ଅଭିଭାବକମାନଙ୍କ ମଧ୍ୟରେ ପ୍ରଶ୍ନୋତ୍ତର ମାଧ୍ୟମରେ ନାଟକ ସମ୍ବନ୍ଧରେ ସଚେତନ କରାଯାଇଥିଲା । ଅନୁଷ୍ଠାନର ନୃତ୍ୟ ଶିକ୍ଷୟିତ୍ରୀ ଅନିନ୍ଦିତା ପ୍ରିୟଦର୍ଶିନୀ ଭୂୟାଁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ: ଜଣେ ଗୁରୁତର

ଖଇରା, ୨୮/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୁପାରୀ ଗ୍ରାମରେ ପୂର୍ବଶତ୍ରୁତାକୁ ବିଜୟ ଗିରି ଓ ସଞ୍ଜୟ ଗିରି ତଥା ଅନ୍ୟକିଛି ସହଯୋଗୀଙ୍କ ଆକ୍ରମଣରେ ବଗେଇପୁର ଗ୍ରାମର ଦିପକ ମହାରଣା ଗୁରୁତର ଓ ତାଙ୍କର ଅନ୍ୟ ୨ସହଯୋଗୀ ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ତାଙ୍କୁ ଖଇରା ଗୋଷ୍ଠୀ କେନ୍ଦ୍ରରେ ଭର୍ତ୍ତୀ କରାଯାଇଛି । ପ୍ରାଥମିକ ତଦନ୍ତ ପରେ ଖଇରା ପୋଲିସ ବିଜୟ ଗିରି ଓ ସଞ୍ଜୟ ଗିରିଙ୍କ ସମେତ ଅନ୍ୟ କିଛି ସହଯୋଗୀଙ୍କ ନାମରେ ଏକ ମାମଲା(୭୦/୨୬) ରୁଜୁ କରିଛି । ଗୁରୁବାର ସକାଳ ପ୍ରାୟ ୯ଟା ସମୟରେ ଦିପକ ଅନ୍ୟକିଛି ସହଯୋଗୀଙ୍କ ସହ ରାମନବମୀ ଶୋଭାଯାତ୍ରାକୁ ଯାଉଥିବା ବେଳେ ଶୁନ୍ୟମଣ୍ଡପ ନିକଟରେ ବିଜୟ ଓ ତାଙ୍କର ସହଯୋଗୀ ମାନେ ଅଚାନକ ଆକ୍ରମଣ କରିଥିବା ନେଇ ଖଇରା ଥାନାରେ ଅଭିଯୋଗ କରିଥିଲେ ।

## ଜଳେଶ୍ୱର ଓକିଲ ସଂଘ ନିର୍ବାଚନର ଫଳାଫଳ ଘୋଷିତ



ଜଳେଶ୍ୱର, ୨୮/୩ (ନି.ପ୍ର): ଜଳେଶ୍ୱର ଓକିଲ ସଂଘର ନିର୍ବାଚନ ଆଜି ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୮ ଟାରୁ ଭୋଟ ଦାନ ପ୍ରକ୍ରିୟା ଆରମ୍ଭ ହୋଇ ଅପରାହ୍ନ ୩ ଟାରେ ଶେଷ ହୋଇଥିଲା । ୧୪୧ ଜଣ ମତଦାତାଙ୍କ ମଧ୍ୟରୁ ୧୩୫ ଜଣ ଭୋଟଦାନ କରିଥିଲେ ।୩ ଟା ୧୫ ମିନିଟ ସମୟର ଭୋଟ ଗଣନା ଆରମ୍ଭ ହୋଇଥିବା ବେଳେ ମୁଖ୍ୟତଃ ସଭାପତି,ସମ୍ପାଦକ ଓ କୋଷାଧକ୍ଷ ପଦବୀ ପାଇଁ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା ।କିନ୍ତୁ ସଭାପତି ପଦବୀ ପାଇଁ ତ୍ରିମୁଖୀ ଲଢେଇ ହୋଇଥିଲା । ମଇଦାନରେ ଥିଲେ ଦେବକାନ୍ତ କାସ୍ତ,କୁଞ୍ଜ ବିହାରୀ ଦାସ ଓ ପୂର୍ଣ୍ଣେନ୍ଦୁ ଆଚାର୍ଯ୍ୟ ।କୁଞ୍ଜ ବିହାରୀ ଦାସ ୭୦ ଖଣ୍ଡ ଭୋଟ ପାଇଥିଲା ବେଳେ ଦେବକାନ୍ତ କାସ୍ତ ୫୨ ଖଣ୍ଡ ଭୋଟ ପାଇଥିଲେ । ସେହିପରି ପୂର୍ଣ୍ଣେନ୍ଦୁ ଆଚାର୍ଯ୍ୟ । ୧୨ ଖଣ୍ଡ ପାଇଥିଲେ । ତେବେ କୁଞ୍ଜ ବିହାରୀ ଦାସ ୧୮ ଖଣ୍ଡ ଭୋଟ ଅଧିକ ପାଇ ବିଜୟୀ ଲାଭ କରିଥିଲେ । ସମ୍ପାଦକ ପଦବୀ ପାଇଁ ଏଠାରେ ବିଜନ କୁମାର ଦେ ଓ ରାଜେଶ କୁମାର ପାତ୍ରଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା । ବିଜନ କୁମାର ଦେ ୫୫ ଖଣ୍ଡ ଭୋଟ ପାଇଥିଲା ବେଳେ ରାଜେଶ କୁମାର ପାତ୍ର ୮୦ ଖଣ୍ଡ ଭୋଟ ପାଇ ସିଧା ସଳଖ ୨୫ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ଲାଭ କରିଥିଲେ । ସେହିପରି କୋଷାଧକ୍ଷ ପଦବୀ ପାଇଁ ବିନୋଦ କୁମାର ଗିରି ଓ ଫାଲଗୁନୀ ପାଣିଗ୍ରାହୀଙ୍କ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ବିନୋଦ କୁମାର ଗିରି ୬୯ ଖଣ୍ଡ ଭୋଟ ପାଇଥିଲା ବେଳେ ଫାଲଗୁନୀ ପାଣିଗ୍ରାହୀ ୬୪ ଖଣ୍ଡ ଭୋଟ ପାଇଥିଲେ ।ତେବେ କୋଷାଧକ୍ଷ ପଦବୀ ପାଇଁ ବିନୋଦ କୁମାର ଗିରି ୫ ଖଣ୍ଡ ଅଧିକ ଭୋଟ ପାଇ ବିଜୟୀ ଲାଭ କରିଥିଲେ ।୨ ଟି ଭୋଟ ନାକଚ ହୋଇଥିଲା । ଚଳିତ ବର୍ଷ ୧୫ଟି ପଦବୀ ମଧ୍ୟରୁ ୧୨ଟିରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ଉପସଭାପତି ସବିତା ରାଣୀ ସାହୁ,ଯୁଗ୍ମ ସମ୍ପାଦକ ମଳୟ କୁମାର ମହାନ୍ତି,ସହ ସମ୍ପାଦକ ସ୍ୱାଧାଦେବୀ ଭଞ୍ଜ, ପାଠାଗାର ସମ୍ପାଦକ ଅଜିତ୍ କୁମାର ସୁର, ସହ ପାଠାଗାର ସମ୍ପାଦକ ବିଶ୍ୱଜିତ ଧଳ, କାର୍ଯ୍ୟ ନିର୍ବାହୀ ସଦସ୍ୟ (୬ ଜଣ) ଦେବାଶିଷ ସେନାପତି, ମାଧବ ଚନ୍ଦ୍ର ପ୍ରଧାନ,ନଗେନ ମଣ୍ଡଳ, ରାମକୃଷ୍ଣ ନନ୍ଦୀ,ରୀତା ଭୋଇ ଓ ସିଦ୍ଧାର୍ଥ ଦାସ ।ତେବେ ଗୋଟିଏ କାର୍ଯ୍ୟ ନିର୍ବାହୀ ସଦସ୍ୟ ପଦବୀ ପାଇଁ ଏପର୍ଯ୍ୟନ୍ତ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନାହିଁ ।ଓକିଲ ସଂଘର ମୁଖ୍ୟ ନିର୍ବାଚନ ପରିଚାଳକ ଇଶାକ ବେଗ ପରିଚାଳନା କରିଥିଲା ବେଳେ ଅଶୋକ ବେଜ୍ ଓ ଅମୂଲ୍ୟ ପତ୍ର ସହଯୋଗ କରିଥିଲେ ।

## ନୀଳଗିରି ଓକିଲସଂଘ ନିର୍ବାଚନ : ଉପଖଣ୍ଡରୁ ଚିତ୍ତରଞ୍ଜନ ଷଡ଼ଙ୍ଗୀ ସଭାପତି, କିଶୋର ଦାସ ସମ୍ପାଦକ ଏବଂ ନୀଳଗିରି ବାରରୁ ମିହିର ରାଉତ ସଭାପତି, ଶୁଭେନ୍ଦ୍ର ବିଶ୍ୱାଳ ସମ୍ପାଦକ ନିର୍ବାଚିତ





ନୀଳଗିରି , ୨୮/୩ (ନି.ପ୍ର): ରାଜ୍ୟ ବାର୍ କାଉନସିଲର ନିର୍ଦ୍ଦେଶରେ ଆଜି ସମଗ୍ରରାଜ୍ୟରେ ସମସ୍ତ ଓକିଲ ସଂଘର ନିର୍ବାଚନ ଶେଷହୋଇଛି । ଅନୁରୂପଭାବେ ନୀଳଗିରିର ଉଭୟ ବାର୍ ର ନିର୍ବାଚନ ହୋଇଥିଲା । ତେବେ ପୂର୍ବରୁ ଉପଖଣ୍ଡବାରର ସମସ୍ତ କର୍ମକର୍ତ୍ତା ତଥା ସଦସ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବାବେଳେ କେବଳ ଆନୁଷ୍ଠାନିକ ଘୋଷଣା ବାକିରହିଥିଲା । ଉପଖଣ୍ଡ ଓକିଲସଂଘରୁ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବି ଚିତ୍ତରଞ୍ଜନ ଷଡ଼ଙ୍ଗୀ ସଭାପତି ଏବଂ କିଶୋର କୁମାର ଦାସ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାବେଳେ ସଂଘର ଅନ୍ୟସମସ୍ତ ସଦସ୍ୟ ମଧ୍ୟ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । କାର୍ତ୍ତିକ କୁମାର ରାଉତ ନିର୍ବାଚନ ଅଧିକାରୀଭାବେ ପରିଚାଳନା କରିଥିଲେ ।ମାତ୍ର ୫୫ସଦସ୍ୟ ବିଶିଷ୍ଟ ନୀଳଗିରି ଓକିଲ ସଂଘର ସଭାପତି ନିର୍ବାଚନରେ ପ୍ରତିଦ୍ୱନ୍ଦିତା ଦେଖିବାକୁ ମିଳିଥିଲା । ଏହି ନିର୍ବାଚନରେ ୪୯ଜଣ ଆଇନଜୀବୀ ଭୋଟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଆଇନଜୀବୀ ମିହିର କୁମାର ରାଉତ ଏବଂ ସୁନୀଲ ବିଶ୍ୱାଳଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା । ମିହିର କୁମାର ରାଉତ ୩୭ଖଣ୍ଡ ଭୋଟପାଇ ସଭାପତି ନିର୍ବାଚିତ ହୋଇଥିବା ବେଳେ ସୁନୀଲ କୁମାର ବିଶ୍ୱାଳ ୧୨ଖଣ୍ଡ ପାଇ ପରାଜିତ ହୋଇଥିଲେ । ସମ୍ପାଦକ ଭାବେ ଶୁଭେନ୍ଦ୍ର କୁମାର ବିଶ୍ୱାଳ, ଅନନ୍ତ ପ୍ରସାଦ ଉପସଭାପତି, ଶରତ କୁମାର ବେହେରା ସହସଂପାଦକ, କରୁଣାକର ସ୍ୱାଇଁ କୋଷାଧକ୍ଷ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟଭାବେ ନିବେଦିତା ଜେନା, ପ୍ରତିମା ମହାନ୍ତି, ରାଜଲକ୍ଷ୍ମୀ ପଟ୍ଟନାୟକ, ପ୍ରଶାନ୍ତ ରଣା ଓ ଶାନ୍ତନୁ କୁମାର ବିଶ୍ୱାଳ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ବରିଷ୍ଠ ଆଇନଜୀବି କ୍ଷୀରୋଦ କୁମାର ଦାସ ନିର୍ବାଚନ ପରିଚାଳନା କରିଥିବା ବେଳେ ଶ୍ରୀଯୁକ୍ତ ମିହିର କୁମାର ରାଉତ ବିପୁଳଭୋଟରେ ବିଜୟଲାଭ କରିଥିବାରୁ ତାଙ୍କୁ ନୀଳଗିରି ଓକିଲସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଯୁଦ୍ଧରେ ମୁଣ୍ଡ ନୁଆଁଉନି ...

ସିନିୟର କମାଣ୍ଡର ମରିଥିଲେ ବି ମିଡ୍ ଲେଭଲ୍ ଲିଡର ତୁରନ୍ତ ଦାୟିତ୍ୱ ନେଇଥିଲେ । ପ୍ରତି କମାଣ୍ଡରଙ୍କ ପାଇଁ ବ୍ୟାକଅପ୍ ଲାଇନ୍ ପୂର୍ବରୁ ପ୍ରସ୍ତୁତ ରହିଥିଲା । ରଣନୀତିଠୁ ଆରମ୍ଭ କରି ଆକ୍ସନ ଯାଏଁ କୌଣସି ଗୋଟିଏ ପଏଣ୍ଟରେ ବି ଦୁର୍ବଳ ଥିବା ଶତ୍ରୁଙ୍କୁ ଅନୁଭବ କରିବାକୁ ଦେଇନି ଓଜଏଉ । ଇରାନ ଏକାକୀ ଲଢୁଥିଲେ ବି ତାର ସମର୍ଥିତ ଗୋଷ୍ଠୀ ଇସ୍ରାଏଲକୁ ଚାରିପଟୁ ଘେରି ରଖିଛନ୍ତି । ଲେବାନନରେ ହିଜବୁଲ୍ଲା, ୟେମେନରେ ହୁତି, ଗାଜାରେ ହମାସ ସ୍ୱାଧୀନ ଭାବରେ ଆକ୍ରମଣ ଜାରି ରଖିଛନ୍ତି । ଇରାନ ସମର୍ଥନରେ ରେଡ୍ ସି, ଇସ୍ରାଏଲ୍ ଓ ଗଲ୍ଫ ଅଞ୍ଚଳରେ ସେମାନେ ଚାପ ସୃଷ୍ଟି କରୁଛନ୍ତି । ଇରାନ ନିୟନ୍ତ୍ରଣରେ ରହିଛି ବିଶ୍ୱର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ତୈଳ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ । ଏହି ରାସ୍ତା ବନ୍ଦ କଲେ ପୂରା ବିଶ୍ୱର ଅର୍ଥନୀତି ଠପ୍ ହୋଇଯିବ । ହର୍ମୁଜକୁ ବଡ଼ ଗ୍ଲୋବାଲ୍ ପ୍ରେସର ଭାବେ ଅସ୍ତ୍ର କରିଛି ଇରାନ୍ । ସେହିପରି ଇରାନ୍-ରୁଷ୍-ଚୀନର ତ୍ରିଶକ୍ତି ବନ୍ଧୁତା ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ । ଇରାନର ଅସଲ ଶକ୍ତି ଅସ୍ତ୍ର ନୁହେଁ, ତାର ବୈଚାରିକ ଏକତା । ଏହି ଚିନ୍ତାଧାରା ଧର୍ମ ଓ ରାଷ୍ଟ୍ରକୁ ଏକ କରି ରଖେ । ଶୀର୍ଷ ନେତାଙ୍କ ବଳିଦାନ ଇରାନର ଲୋକଙ୍କୁ ଅଧିକ ଏକଜୁଟ୍ କରିଛି । ମଧ୍ୟ-ପ୍ରାଚ୍ୟ ଏବେ ଏକ ବାରୁଦ ଗଦା ଉପରେ ବସିଛି । ଗୋଟିଏ ପଟେ ଏ୭ ରାଷ୍ଟ୍ରମାନେ ଶାନ୍ତି ପାଇଁ ଆହ୍ୱାନ ଦେଉଥିବା ବେଳେ, ଅନ୍ୟପଟେ ନିଜ ନିଜ ଜିଦରେ ଅଟଳ ଇସ୍ରାଏଲ୍ ଓ ଇରାନ । ତୁରନ୍ତ ଅସ୍ତ୍ରବିରତି ନହେଲେ ଖୁବଶୀଘ୍ର ଏକ ପୂର୍ଣ୍ଣାଙ୍ଗ ଆଞ୍ଚଳିକ ମହାଯୁଦ୍ଧର ରୂପ ନେଇପାରେ । ଇରାନ ପରମାଣୁ ପ୍ଲାଣ୍ଟ ଉପରେ ଆକ୍ରମଣ ବିପଜ୍ଜନକ ହୋଇପାରେ ବୋଲି ରୁଷ୍ ଚେତାବନୀ ଦେଇଛି । ରୁଷ୍‌ର ସରକାରୀ ପରମାଣୁ କମ୍ପାନି ରୋସାଟମ୍‌ର ପ୍ରମୁଖ ଶନିବାର କହିଛନ୍ତି ଯେ, ଇରାନର ବୁଶେହର ପରମାଣୁ ପ୍ଲାଣ୍ଟର ସ୍ଥିତି ଲଗାତାର ବିଗିଡ଼ିବାରେ ଲାଗିଛି । ଆମେରିକା ଓ ଇସ୍ରାଏଲର ଆକ୍ରମଣ ଯୋଗୁ ପରମାଣୁ ସୁରକ୍ଷା ପ୍ରତି ସିଧାସଳଖ ବିପଦ ସୃଷ୍ଟି ହୋଇଛି । ପରମାଣୁ ପ୍ଲାଣ୍ଟ ନିକଟରେ ଆକ୍ରମଣ ପରେ ସେ ଏହା କହିଛନ୍ତି । ଆନ୍ତର୍ଜାତିକ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ) ଶୁକ୍ରବାର କହିଛି ଯେ, ଇରାନ ବୁଶେହର ନିକଟରେ ଆଉ ଏକ ଆକ୍ରମଣର ସୂଚନା ଦେଇଛି । ଗତ ୧୦ ଦିନରେ ଏହା ତୃତୀୟ ଘଟଣା । ତେବେ ଏହି ଆକ୍ରମଣ ଯୋଗୁ କାର୍ଯ୍ୟକ୍ଷମ ରିଆକ୍ଟରକୁ କୌଣସି କ୍ଷତି ହୋଇନାହିଁ କି କୌଣସି ପ୍ରକାର ବିକିରଣ ବ୍ୟାପିବା ନେଇ କୌଣସି ସୂଚନା ନାହିଁ । ରୁଷ୍‌ର ବିଦେଶ ମନ୍ତ୍ରଣାଳୟ ଶନିବାର ବୁଶେହର ନିକଟରେ ଆକ୍ରମଣ ହୋଇଥିବା ସ୍ପଷ୍ଟ କରିବା ସହିତ ଏହାର ତୀବ୍ର ନିନ୍ଦା କରିବାକୁ ଦାବି କରିଛି ।

### ଦିନେ ବିଜୁଙ୍କ ଗଡ଼...

ପରେ କଟକ-ବାରବାଟୀରେ ଅଣ୍ଟା ସଳଖି ଛିଡା ହୋଇପାରୁନି ବିଜେଡି । ଏମିତିରେ ଦୋମୁହାଁ ନୀତି ପାଇଁ ଦେବାଶିଷଙ୍କୁ ମଧ ଭରସିପାରୁନି ଦଳ । ମୋକିମ ମଧ କଂଗ୍ରେସରୁ ଅଲଗା ହୋଇ ନୂଆ ଦଳ ଗଢିବା ଓ ସୋଫିଆଙ୍କ ବିଦ୍ରୋହ କଟକ ରାଜନୀତିର ଅଙ୍କକୁ ଓଲଟପାଲଟ କରିଛି । ଭେଟରାନ ପ୍ରଭାତ ଯୋଡି କଟକରେ ବିଜେଡିକୁ ଅକଳରେ ପକାଇଛନ୍ତି । ହେଲେ ଦଳକୁ ସୁରକ୍ଷା ଦେବାକୁ ସାମ୍ନାକୁ ଆସୁନାହାନ୍ତି ପୁରୁଖା । ୨୪ ନିର୍ବାଚନରେ ପରାଜୟ ପରେ ଶଙ୍ଖ ଭବନରେ ନିଜକୁ ସୀମିତ ରଖିଛନ୍ତି କଟକର ଟାଣୁଆ ନେତା ଦେବୀ ମିଶ୍ର । କଟକ କଥା ଛାଡନ୍ତୁ ନିଜ ନିର୍ବାଚନମଣ୍ଡଳୀରେ ମଧ କଦବା କ୍ୱଚିତ୍ ଦେଖା ଦେଉଛନ୍ତି ଦେବୀ । ରୋକଠୋକ କହି ଦଳକୁ ଅଡୁଆରେ ପକାଉଥିବା ବିଧାୟକ ରାଜା ସ୍ୱାଇଁ ଆଠଗଡରୁ ଆଗକୁ ବଢିବାକୁ ଚାହୁନାହାନ୍ତି । କଟକରେ ବିଜେଡି ସଙ୍ଗଠିତ ହେଉ ସେଭଳି ମନୋବୃତ୍ତି ଦଳୀୟ ନେତାଙ୍କ ମଧ୍ୟରେ ଦେଖିବାକୁ ମିଳୁନି । ଅନ୍ୟପଟେ କଟକରେ ସଙ୍ଗଠନକୁ ସଜାଡିବାକୁ ପାଖ ନିର୍ବାଚନମଣ୍ଡଳୀର ପ୍ରତାପଙ୍କୁ ଭରସିଛନ୍ତି ନବୀନ । କଟକରେ ବିଜେଡିର ଏଭଳି ଦଶା, ବିଜେପି କି କଂଗ୍ରେସକୁ ସେତେଟା ଲାଭ ଦେଇନପାରେ । ହେଲେ ମୋକିମଙ୍କ ନୂଆ ଦଳ ଓ ଦୁଇ ପ୍ରଭାତଙ୍କ ବିଜୁ ଲିଗାସୀ ଫର୍ମୁଲା କଟକ ରାଜନୀତିକୁ ଗୋଳମାଳିଆ ନିଶ୍ଚୟ କରିବ ।

### ଏପ୍ରିଲ ୨ରୁ ଆରମ୍ଭ ...

ଉଭୟ ପରୀକ୍ଷା ଓ ପରୀକ୍ଷାର ଫଳ ରେଗୁଲାର୍ ପରୀକ୍ଷାଫଳ ବାହାରିବାର ୬୦ ଦିନ ଭିତରେ ପ୍ରକାଶ ପାଇବ । ଏହାଦ୍ୱାରା ଜାତୀୟ ସ୍ତରର କୌଣସି ଶିକ୍ଷାନୁଷ୍ଠାନର ପ୍ରବେଶିକା ପରୀକ୍ଷା ପାଇଁ ଛାତ୍ରଛାତ୍ରୀ ପର୍ଯ୍ୟାପ୍ତ ସୁଯୋଗ ପାଇପାରିବେ । ସେହିପରି ଏବର୍ଷ ମଧ ଫର୍ମ ଫିଲପ କରିଥିବା ପରୀକ୍ଷାର୍ଥୀଙ୍କ ଭିତରୁ ୫ ହଜାର ୩୧ ଜଣ ପିଲା ପରୀକ୍ଷା ଦେଇ ନଥିବାରୁ ସିଏଚ୍‌ଏସ୍‌ଇର ଚିନ୍ତା ବଢ଼ିଛି । କାହିଁକି ସଂପୃକ୍ତ ପିଲା ପରୀକ୍ଷାରେ ଅନୁପସ୍ଥିତ ରହିଲେ ତାର କାରଣ ଖୋଜାଯିବ ବୋଲି ପରୀକ୍ଷା ନିୟନ୍ତ୍ରକ କହିଛନ୍ତି । ଅନ୍ୟପଟେ ଚଳିତବର୍ଷ ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷାର ସବୁ ବିଷୟର ପରୀକ୍ଷା ଖାତା ଅନଲାଇନରେ ଦେଖାଯିବାକୁ ଥିବା ବେଳେ କେବଳ କଳାର ଇଂରାଜୀ ଖାତା ଅନଲାଇନ୍ ମୂଲ୍ୟାଙ୍କନ କରାଯିବ । ମୋଟ୍ ଦୁଇଟି ପର୍ଯ୍ୟାୟରେ ଖାତା ଦେଖାଯିବ । ପ୍ରଥମ ପର୍ଯ୍ୟାୟ ଆସନ୍ତା ଏପ୍ରିଲ ୨ରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୧୫ରୁ ଆରମ୍ଭ ହୋଇ ୨୮ ତାରିଖ ଭିତରେ ସରିବ । ମୂଲ୍ୟାଙ୍କନ ପାଇଁ ଅନ ଲାଇନରେ ୭୫ ଏବଂ ଅଫ ଲାଇନରେ ୭୬ଟି ମୂଲ୍ୟାଙ୍କନ କେନ୍ଦ୍ର କରାଯାଇଛି । ଅଧିକାଂଶ ଖାତା ଅନଲାଇନରେ ଦେଖାଯିବାକୁ ଥିବାରୁ ରେଜଲ୍ଟକୁ ୪୫ ଦିନ ଭିତରେ ପ୍ରକାଶ କରିବାକୁ ସିଏଚ୍‌ଏସି ଲକ୍ଷ୍ୟ ଧାର୍ଯ୍ୟ କରିଥିବାରୁ ଏହାକୁ ସ୍ୱାଗତ କରିଛନ୍ତି ଉଭୟ ଛାତ୍ରଛାତ୍ରୀ ଏବଂ ଶିକ୍ଷାବିତ୍ । ଅନଲାଇନ୍ ମୂଲ୍ୟାୟାନ କେତେ ସ୍ୱଚ୍ଛତାର ସରି ତ୍ରୁଟିଶୂନ୍ୟ ଭାବେ ପିଲାଙ୍କ ପରୀକ୍ଷା ଫଳ ପ୍ରକାଶ ପାଉଛି ଏବେ ତା ଉପରେ ନଜର ।

### ପଶ୍ଚିମବଙ୍ଗ ବିଧାନସଭା...

ଅନ୍ୟପକ୍ଷରେ ମମତା ବିଜେପି ଓ ଶାହଙ୍କୁ ତୀବ୍ର ଆକ୍ରମଣ କରିଛନ୍ତି । ମମତା କହିଛନ୍ତି, ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ଯାହା କ୍ଷମତା ଓ ଅଧିକାର ରହିବା କଥା ସେସବୁ ଛଡ଼ାଇ ନିଆଯାଇଛି । 'ମୁଁ ଜଣେ ନିର୍ବାଚିତ ପ୍ରତିନିଧି କିନ୍ତୁ ସେମାନେ ମୋର ସମସ୍ତ କ୍ଷମତା ଛଡ଼ାଇ ନେଇଛନ୍ତି' ବୋଲି ମମତା କହିଛନ୍ତି । ରାମ ନବମୀରେ ମୁର୍ଶିଦାବାଦର ରଘୁନାଥଗଞ୍ଜରେ ହୋଇଥିବା ହିଂସା ପାଇଁ ମମତା ବିଜେପିକୁ ଦାୟୀ କରିଛି । ମମତା କହିଛନ୍ତି, ମୋର ସମସ୍ତ ଅଧିକାରୀଙ୍କୁ ବଦଳି କରିଦିଆଯାଇଛି । ମୋର ସମସ୍ତ ଅଧିକାର ଛଡ଼ାଇ ନିଆଯାଇଛି । ବିଜେପି ଲୋକଙ୍କୁ ରାଜ୍ୟକୁ ପଠାଯାଉଛି । କିନ୍ତୁ ସେମାନେ ଜାଣି ନାହାନ୍ତି ଆମେ ନିର୍ବାଚନ ଜିତିବୁ । ରଘୁନାଥଗଞ୍ଜରେ ଦଙ୍ଗା କରାଯାଇଛି ।

### ଅଧା ରହିଗଲା ହରିଶଙ୍କର...

ଭିତର ପର୍ଯ୍ୟନ୍ତ, ସବୁଆଡ଼ ଛିନଛତର । କେଉଁଠି କାହାର ଚପଲ ପଡ଼ିରହିଛି, ଆଉ କେଉଁଠି ଲୁଗାପଟା । ହେଲେ ଏଗୁଡ଼ିକୁ ପିନ୍ଧିଥିବା ମଣିଷଟି ଆଉ ନାହିଁ । ଦୁର୍ଘଟଣାରେ ଚାଲିଯାଇଛି ପାଞ୍ଚ ପାଞ୍ଚ ଜଣଙ୍କ ଜୀବନ । ୧୫ ଗୁରୁତରଙ୍କ ସହ ୪୦ ଆହତ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଦୁର୍ଘଟଣାରେ ଡ୍ରାଇଭରଙ୍କର ବି ମୃତ୍ୟୁ ହୋଇଥିବାବେଳେ ଆହତ ଯାତ୍ରୀ ଆଣିଛନ୍ତି ସଂଗୀନ ଅଭିଯୋଗ । କହିଛନ୍ତି, ବୁଲାଣି ରାସ୍ତାରେ ବି ଦ୍ରୁତଗତିରେ ଗାଡ଼ିଚାଳନା ଦୁର୍ଘଟଣାର କାରଣ । ସୂଚନା ଅନୁସାରେ, ବ୍ରହ୍ମପୁରରୁ ଏକ ଘରୋଇ ବସ୍ ୬୦ଜଣ ଯାତ୍ରୀଙ୍କୁ ଧରି ବଲାଙ୍ଗିର ହରିଶଙ୍କର ବୁଲିବାକୁ ଯାଉଥିଲେ । ଗତକାଲି ରାତିରେ ଦଶପଲ୍ଲା ଥାନା ଟାକେରା ନିକଟ ହନୁମାନଘାଟି ବୁଲାଣୀରେ ବସ୍ଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା ।ବସରେ ଥିବା ଯାତ୍ରୀ ବାହାରକୁ ଛିଟିକି ପଡ଼ିଥିଲେ । ଅନେକ ବସ ତଳେ ଚାପି ହୋଇରହିଥିଲେ ।

## କଳମା ହତ୍ୟା ଘଟଣାରେ ପୋଲିସକୁ ସଫଳତା: ଦୁଇ ଅଟକ

ବୈଶିଙ୍ଗା, ୨୮/୩ (ନି.ପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ କଳମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୱାର୍ଡେନ ଙ୍କୁ ବିଭତ୍ସ ହତ୍ୟାକାଣ୍ଡ ଘଟଣାରେ ଶନିବାର ପୋଲିସକୁ ମିଳିଛି ବଡ଼ ସଫଳତା । ସୂଚନାଯୋଗ୍ୟ ଯେ ଗତ ୨୧ ତାରିଖ ଶୁକ୍ରବାର ରାତି ୯ଟା ସମୟରେ ଘଟିଥିଲା ଏହି ହତ୍ୟାକାଣ୍ଡ । ଏହି ଆବାସିକ ବିଦ୍ୟାଳୟରେ ୱାର୍ଡେନ ଭାବେ କାର୍ଯ୍ୟରତ ଧନାପାଳ ଗ୍ରାମର ସନ୍ୟାସୀ ଦାସ ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ରାଉତଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ନିଜ ବାଇକରେ ବସାଇ ନିକଟସ୍ଥ କ୍ଲିନିକକୁ ନେଇ ଯାଉଥିଲେ । ହଠାତ କିଛି ଦୁର୍ବୃତ୍ତ ଅନ୍ଧାର ସୁଯୋଗରେ ଠେଙ୍ଗା ଓ ଛୁରୀରେ ଆକ୍ରମଣ କରିଥିଲେ । ସେମାନଙ୍କ ବାଇକ ଓ ଭ୍ୟାନିଟି ଛଡ଼ାଇ ନେଇ କିଛି ଦୂରରେ ଫିଙ୍ଗି ଦେଇ ଚମ୍ପଟ ମାରିଥିଲେ । ଘଟଣାରେ ଉଭୟ ଗୁରୁତର ଆହତ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଅବସ୍ଥାରେ ଥିବା ସନ୍ୟାସୀଙ୍କୁ ମୃତ ଘୋଷଣା କରାଯାଇଥିଲା । ଘଟଣା ଖୁବ୍ ସମ୍ବେଦନଶୀଳ ଥିଲା ଓ ଜନସାଧାରଣଙ୍କ ମଧ୍ୟରେ ଓ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ ହୋଇଥିଲା । ହତ୍ୟାକାଣ୍ଡ ଘଟଣାକୁ ଏକ ଚୋରି ଛିନତାଇ ମାମଲାର ରୂପ ଦେବାକୁ ଦୁର୍ବୃତ୍ତଙ୍କ ପକ୍ଷରୁ ଆପ୍ରାଣ ଉଦ୍ୟମ କରାଯାଇଥିଲେ ହେଁ ପୋଲିସକୁ ଏହା ପଛରେ ଅନ୍ୟ କିଛି କାରଣ ଥିବା ସନ୍ଦେହ ହୋଇଥିଲା । ତେବେ ଗୁପ୍ତ ସୂଚନା ଆଧାରରେ କାଲି ଶୁକ୍ରବାର ସମଗ୍ର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ଝଡ଼ ତୋଫାନ ଓ ବଜ୍ରପାତ ଚାଲିଥିବା ସମୟରେ ଏହାକୁ ଖାତିର ନକରି ଭୋର ତିନିଟା ସମୟରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରି ଶେଷରେ ସଫଳତା ମିଳିଥିଲା ଏବଂ ସମ୍ପୃକ୍ତ ବିଦ୍ୟାଳୟ ନିକଟସ୍ଥ କଲୋନୀ ସାହିର ବାସିନ୍ଦା ଦୁଇ ଜଣ ଯୁବକଙ୍କୁ ଉଠାଇ ଆଣି ପଚରାଉଚରା ଜାରି ରଖିଛି ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଏକ ଟିମ୍ । ତେବେ ଘଟଣାରେ ଅଧିକ ତଦନ୍ତ ଆବଶ୍ୟକତା ଥିବା ଯୋଗୁଁ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇନାହିଁ ।

# ବିଶ୍ୱ ନାଟକ ଦିବସ -୨୦୨୬ ପାଳିତ

ଖୋର୍ଦ୍ଧା, ୨୮/୩ (ନି.ପ୍ର): ଆଜି ସନ୍ଧ୍ୟାରେ ଜିଲ୍ଲା ସଦର ମହକୁମା ଜିଲ୍ଲା ସଂସ୍କୃତି ବିଭାଗ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସରକାରୀ କର୍ମଚାରୀ ସାଂସ୍କୃତିକ ପରିଷଦ, ଖୋର୍ଦ୍ଧା ଆନୁକୂଲ୍ୟରେ ପରିଷଦ ସଭାପତି ଶ୍ରୀଯୁକ୍ତ ବିଶ୍ୱନାଥ ସାହୁଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଅଛି । ଉକ୍ତ ଦିବସରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ, ଖୋର୍ଦ୍ଧା, ଶ୍ରୀଯୁକ୍ତ ସଂକଳ୍ପ ସ୍ୱସ୍ତିକ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଦିବସକୁ ଉଦ୍ଘାଟନ କରିବା ସହ ନିଜ ଉଦବୋଧନରେ ବିଶ୍ୱ ନାଟକ ଦିବସର ମହାନତା ଉପରେ ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ । ସେ କହିଥିଲେ ସମାଜ ସଂସ୍କାର ପାଇଁ ନାଟକର ଭୂମିକା ଗୁରୁତ୍ୱ ପୂର୍ଣ୍ଣ ଥିବା ବେଳେ ନାଟକ ଜେ କେବଳ ମନୋରଞ୍ଜନ ପ୍ରଦାନ କରେ ତାହାନୁହେଁ ବରଂ ସୂଚନା ଓ ଶିକ୍ଷା ମାଧମରେ ସମାଜକୁ ନୂତନ ଦିଗ୍ଦର୍ଶନ ଦେଇ ସମାଜ ଓ ରାଷ୍ଟ୍ରର ହିତ ସାଧନ କରିଥାଏ । ଏଣୁ ନାଟକ ରଚନାରେ ଯେଉଁମାନେ ବ୍ରତିରହି ଏଭଳି ଏକ ସଂଗଠନ ମାଧମରେ ସମାଜ କୁ ସଠିକ୍ ରାସ୍ତା ଦେଖାଇବାରେ ଏକତ୍ରିତ ହୋଇ କାର୍ଯ୍ୟ କରୁଛନ୍ତି ସମସ୍ତଙ୍କୁ ସାଧୁବାଦ୍ ଜଣାଇଥିଲେ । ଦିବସରେ ମୁଖ୍ୟ ବକ୍ତା ବିଶିଷ୍ଟ ନାଟ୍ୟକାର ଶ୍ରୀଯୁକ୍ତ ଜିତେନ୍ଦ୍ର ପଟ୍ଟନାୟକ, ଅନୁଷ୍ଠାନ ସଭାପତି ଶ୍ରୀଯୁକ୍ତ ବିଶ୍ୱନାଥ ସାହୁ, ସମ୍ମାନିତ ଅତିଥି ଡାକ୍ତର ଅନ୍ତର୍ଯ୍ୟାମୀ ତ୍ରିପାଠୀ ପ୍ରମୁଖ ଯୋଗଦେଇ ରାଷ୍ଟ୍ର ସମାଜ ସଂସ୍କାରର ନାଟକର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଶେଷରେ ଅନୁଷ୍ଠାନ ସମ୍ପାଦକ ଧନ୍ୟବାଦ ପ୍ରଦାନ କରିଥିଲେ । ସର୍ବଶେଷରେ ଡାକ୍ତର ଅନ୍ତର୍ଯ୍ୟାମୀ ତ୍ରିପାଠୀ ରଚନା ନିର୍ଦ୍ଦେଶନାରେ ନାଟକ କବାଡ଼ିବାଲା ଓ ନାଟ୍ୟ ରଚନା କେଲୁ ଚରଣ ପଟ୍ଟନାୟକ ଓ ନିର୍ଦ୍ଦେଶନା ସଚ୍ଚିଦାନନ୍ଦ ବାରିଙ୍କ ନାଟକ ମଲମ ପରିବେଷଣ କରାଯାଇଥିଲା ।

# ରଘୁନାଥଙ୍କ ଘରବାହୁଡ଼ା ପରେ ଜିଲ୍ଲା ସଭାପତି ନେଇ ଗାଁରୁ ସହର ପର୍ଯ୍ୟନ୍ତ ଆଲୋଚନାର ବିଷୟବସ୍ତୁ ପାଲଟିଛି



ବସ୍ତା , ୨୮/୩ (ନି.ପ୍ର): ଗତ ୨୫ ତାରିଖରେ ରାଘୁଙ୍କ ଘର ବାହୁଡ଼ା ପରେ ଗାଁ ଠାରୁ ଆରମ୍ଭ କରି ସହର ବିଜେଡି ରାଜନୀତି ରେ ଅପୂର୍ବ ସିହଁରଣ ଖେଳି ଯାଇଛି । ପ୍ରାୟ ଏକ ବର୍ଷ ଧରି ଜିଲ୍ଲା ବିଜେଡି ସଭାପତି ନିଯୁକ୍ତି ହୋଇ ନଥିବା ବେଳେ ସଭାପତି ପାଇଁ ଟଣା ଉଟରା ଚାଲିଥିଲା ।ମିଶ୍ରଣ ପର୍ବ ପରେ ସଭାପତି ପଦର ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି ଅନୁମାନ କରାଯାଉଛି ।ଦଳକୁ ବସ୍ତା ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ନେଇ ଚର୍ଚ୍ଚା ଜୋର ଧରିଛି । ତେବେ ରାଘୁବାବୁ ବସ୍ତା ନିର୍ବାଚନ ମଣ୍ଡଳୀରେ ୫ ଥର ବିଧାୟକ ଓ ମନ୍ତ୍ରୀ ଭାବେ ବିଜେଡି କାର୍ଯ୍ୟକରି ବାଲେଶ୍ୱର ଜିଲ୍ଲାର ବସ୍ତା ନିର୍ବାଚନ ମଣ୍ଡଳୀକୁ ବିଜେଡ଼ି ଗଡ ଭାବେ ବେଶ ବେଶ ପରିଚିତ କରିପାରିଥିଲେ ।ତାଙ୍କ ଦୀର୍ଘ ଦିନ ପ୍ରଚେଷ୍ଟାରେ ଜିଲ୍ଲା ରାଜନୀତିରେ ଜନତାଦଳରୁ ବିଜୁଜନତା ଦଳ ପ୍ରଯ୍ୟନ୍ତ ନବୀନ ବାବୁଙ୍କ ଲୋକ ପ୍ରିୟତାରେ ବିଜୁଜନତା ଦଳ ବା ବିଜେଡିର ଦୁର୍ଗ ହୋଇ ରହିଆସିଛି । ନବୀନ ବାବୁ ଫାଉଣ୍ଡର ମେମର ରାଘୁ ବାବୁଙ୍କୁ ଦଳରେ ସାମିଲ କରିଥିବାରୁ ବାଲେଶ୍ୱର ଜିଲ୍ଲାରେ ଏକ ଖୁସିର ଲହର ଖେଳିଯାଇଛି । ଏନେଇ ଗ୍ରାମାଞ୍ଚଳରେ ଆବାଳ ବୃଦ୍ଧବନିତା ନବୀନ ବାବୁଙ୍କ ଏପରି ନିଷ୍ପତିକୁ ଭୂରି ଭୂରି ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ଏବଂ ଶ୍ରୀ ମହାନ୍ତି ପୂର୍ବରୁ ଜନତା ଦଳ,ବିଜୁ ଜନତା ଦଳର ସଭାପତି ଭାବେ କାର୍ଯ୍ୟ କରିଛନ୍ତି । ଏବଂ ସେତେବେଳେ ନବୀନ ବାବୁଙ୍କ ଆଶ୍ରୀବାଦ ବିଜୁ ଜନତା ଦଳକୁ ଜିଲ୍ଲାରେ ବେଶ ସୁଦୃଢ କରି ଜିଲ୍ଲାକୁ ବିଜେଡି ଗଡ ଭାବେ ଗଢି ତୋଳିଥିଲେ ।ଜିଲ୍ଲା ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳର ନେତା ଓ ଜନସାଧାରଣ କହିବା ଅନୁଯାୟୀ ଯଦି ଫାଉଣ୍ଡର ମେମ୍ବର ତଥା ବିଜେଡି ଦଳର ବରିଷ୍ଠ ଅନୁଭବି ନେତାଙ୍କୁ ଦଳର ସଭାପତି ପଦରେ ଅଳଙ୍କୃତ କଲେ ଜିଲ୍ଲା ପୁଣି ଏକ ବିଜେଡି ଗଡ ଭାବେ ପରଣିତ ହୋଇପାରିବ ବୋଲି ଚାହା ଦୋକାନ ଠାରୁ ଆରମ୍ଭ କରି ବାଜାର ଘାଟରେ,କର୍ମୀଙ୍କ ମହଲରେ ଏବଂ ଜନସାଧାରଣଙ୍କ ଆଲୋଚନାରୁ ଜଣାପଡିଛି ।ଆଗକୁ ବିଜେଡି ଦଳର ସୁପ୍ରିମୋ ନବୀନ ବାବୁ କାହା ମୁଣ୍ଡରେ ସୁନା କଳସ ଢାଳୁଛନ୍ତି ତାହା ଦେଖିବାକୁ ରହିଲା । ରଘୁବାବୁ ଘର ବାହୁଡ଼ା ପରେ କର୍ମୀଙ୍କ ମନରେ ଖୁସିର ଲହର ଖେଳି ଯାଇଥିବା ବେଳେ ବିଜେଡ଼ି ଦଳର ସୁପ୍ରିମୋ ନବୀନ ବାବୁଙ୍କୁ ବାଲେଶ୍ୱର ବାସୀ ଭୂରି ଭୂରି ପ୍ରଶଂସା କରୁଥିବା ଶୁଣିବା ଓ ଦେଖିବାକୁ ମିଳିଛି ।

# ରାଜ୍ୟ ଯୁବ ଯାଦବ ମହାସଭା ପକ୍ଷରୁ ଭକ୍ତଙ୍କୁ ପ୍ରସାଦ ସହିତ ଦହି ସର୍ବତ ବଣ୍ଟନ



ଭଦ୍ରକ, ୨୮/୩ (ନି.ପ୍ର): ଭଦ୍ରକର ଗଣ ପର୍ବ ଶ୍ରୀ ରାମ ନବମୀ ଶୋଭାଯାତ୍ରା ପାଇଁ ଭଦ୍ରକ ସହର ଚଳଚଞ୍ଚଳହୋଇଥିଲା । ଏହି ଶୋଭାଯାତ୍ରା ରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାବେଶ ହୋଇଥିଲା । ଏହି ଅବସରରେ ରାଜ୍ୟ ଯୁବ ଯାଦବ ମହାସଭାସଭାପତି ଅମର କୁମାର ନାୟକ ଙ୍କ ନେତୃତ୍ୱ ରେ ପ୍ରାୟ ୨୦ ହଜାର ଭକ୍ତ ଙ୍କୁ ପ୍ରସାଦ ସହିତ ଦହି ସର୍ବତ ବଣ୍ଟନ କରାଯାଇଥିଲା । ଏହି ଅବସରରେ ରାଜ୍ୟସଭା ସାଂସଦ ତଥା ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ,ଅତିରିକ୍ତ ଜିଲ୍ଲା ପାଳ ରବିନାରାୟଣ ସାହୁ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପୌଅଧ୍ୟକ୍ଷ ଗୁଲମୁଖୀ ହବିବ ଙ୍କ ସମେତ କଂଗ୍ରେସ ନେତା ଅସିତ ପଟ୍ଟନାୟକ,ବିଜେପି ନେତା ବଦ୍ରି ନାରାୟଣ ଧଳ,ଜିଲ୍ଲା ଯାଦବ ସଭାପତି ସୁଧାଂଶୁ ନାୟକ, ସମ୍ପାଦକ ଦିଲୀପ ନାୟକ, ଜିଲ୍ଲା ଯୁବ ଯାଦବ ସଭାପତି ରବିନାରାୟଣ ଖିଲାର,ବିଜେପି ଜିଲ୍ଲା ସଭାପତି ଭଗବାନ ନାୟକ,ପ୍ରାକ୍ତନ ସଭାପତି ଅକ୍ଷୟ ସାହୁ, ଶ୍ରୀରାମ ଯଜ୍ଞ ସଭାପତି ନିତ୍ୟାନନ୍ଦ ନାୟକ,ବିଜେପି ନେତା ଲୁଲୁ ସାମଲ, ଅଜୟ ନାୟକ, ଅଧ୍ୟକ୍ଷ ନିହାର ରଞ୍ଜନ କର, ନାରୀନେତ୍ରୀ କଳ୍ପନା ଜେନା, ଅଞ୍ଜନା ମିଶ୍ର, ଚଇତାଳି ଖିଲାର, ମମତା ରାଣୀ ବେହେରା, ସୁମିତ୍ରା ପାଣି, ଯାଦବ ନେତ୍ରୀ ଶାନ୍ତିଲତା ବାରିକ, ଯୁବ ଉପସଭାପତି ସଂଜୀବ ନାୟକ, ନିରୁ ବାରିକ, ସାଧୁଚରଣ ବାରିକ, ସନ୍ତୋଷ ଦାସ, ମନୋରଞ୍ଜନ ବାରିକ, ବାଣୀ କଲ୍ୟାଣ ନାୟକ ପ୍ରମୁଖ ସାମିଲ ହୋଇଥିଲେ । ହଜାର ହଜାର ମହିଳା ଓ ପୁରୁଷ ଭକ୍ତ ଯୋଗଦେଇ ଦହି ସର୍ବତ ସହ ଖିଚୁଡ଼ି ଖାଇଥିଲେ ।

# ୬ଦିନଧରି ପୂଜାର୍ଚ୍ଚନା ସହ ସଭା ସମ୍ବର୍ଦ୍ଧନାର ମଜା ନେଲେ ଦର୍ଶକ

ଖଇରା, ୨୮/୩ (ନି.ପ୍ର): ୩ବାଲେଶ୍ୱର ଜିଲା ଖଇରା ବ୍ଲକ ସୁଣ୍ଡିରା ପଞ୍ଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମର ମଧୁଗଣେଷ ପୂଜା ୨୦୩ ବର୍ଷରେ ପଦାର୍ପଣ କରିଥିବା ବେଳେ ୬ଦିନ ଧରି ଅଗ୍ରପୂଜ୍ୟଙ୍କ ପୂଜାର୍ଚ୍ଚନା କରାଯିବା ପରେ ଶୁକ୍ରବାର ଅନ୍ତିମ ସଂଧ୍ୟା ରେ ମଧୁଗଣେଷ ମହୋତ୍ସବକୁ ଗ୍ରାମବାସୀ ଏବଂ ଦର୍ଶକ ମାନେ ମନଭରି ଉପଭୋଗ କରିଛନ୍ତି । ୨୨ତାରିଖ ଦିନ ଗଜାନନଙ୍କ ଆଗମନ ପରିପ୍ରେକ୍ଷୀରେ ମନ୍ଦରଧର ନାୟକ, ନିରଞ୍ଜନ ବିଶ୍ୱାଳ, ପରୁଷୋତ୍ତମ ଜେନା, ଜୟଦେବ ବିଶ୍ୱାଳ, ସଦାନନ୍ଦ ନାୟକ, ବରେନ୍ଦ୍ର ପୃଷ୍ଟି ଓ ଭରତ ଚନ୍ଦ୍ର ପୃଷ୍ଟିଙ୍କ ଦ୍ୱାରା କଳସ ଅଣାଯାଇଥିଲା । ୨୭ତାରିଖ ଉଦଯାପନୀ ସଂଧ୍ୟାରେ ଆୟୋଜିତ ମଧୁଗଣେଷ ବାର୍ଷିକ ମହୋତ୍ସବରେ କମିଟି ସଭାପତି ମାନସ କୁମାର ଭଞ୍ଜ ପୌରହିତ୍ୟ କରିଥିଲେ । ଲାୟନ୍ସ କ୍ଲବ ସଭାପତି ହିମାଂଶୁ ଦାସ,ଯାତ୍ରା ଜଗତର ଚର୍ଚ୍ଚିତ ଖଳନାୟକ ଦାମୋଦର ପଣ୍ଡା,ଅବସରପ୍ରାପ୍ତ ଶିକ୍ଷକ ଅକ୍ଷିତ କୁମାର ଜେନା,ଶିକ୍ଷୟତ୍ରୀ ସୁଲୋଚନା ଭୋଳ,ସରପଞ୍ଚ ମମତାରାଣୀ ପରିଡା,ସମିତିସଭ୍ୟ ନଳିନୀ ସାହୁ ଖଇରା ଥାନା ଏଏସଆଇ ଗୌରହରୀ ବୁଗୁଡାଇ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସଫଳ ଚାଷୀ ଦିଲ୍ଲିପ କୁମାର ପାଲ,ସଫଳ ବ୍ୟବସାୟୀ ରବିନ୍ଦ୍ର କୁମାର ବିଶ୍ୱାଳ,ମା ତାରିଣୀ ଏସଏଚଜି ଗ୍ରୁପ ତଥା ଖଇରା ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ ଅଣ୍ଡାଇଲୋ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରାଷ୍ଟ୍ରପତି ଭବନରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ



ନୀଳଗିରି, ୨୮/୩ (ନି.ପ୍ର): ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ରାଷ୍ଟ୍ରପତି ଭବନରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହିଅବସରରେ ଓଡ଼ିଶାର ବିକାଶ ସମ୍ପର୍କରେ ଆଲୋଚନା କରିବାସହିତ, ଓଡ଼ିଶାର ଦୁଇ ବରପୁତ୍ର ଉତ୍କଳଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଓଡ଼ିଶା ପ୍ରଦେଶ ଗଠନ, ଓଡିଆ ଅସ୍ମିତାର ସୁରକ୍ଷା , ଓଡ଼ିଶାର କଳା,ସାହିତ୍ୟ,ଶିଳ୍ପ ଓ ସଂସ୍କୃତିର ସଂରକ୍ଷଣ, ସମ୍ବର୍ଦ୍ଧନ, ପ୍ରଚାର -ପ୍ରସାର, ସ୍ୱାଧୀନତା ଆନ୍ଦୋଳନ ଓଦୁର୍ଗତ ମାନବସେବା ଆଦି ବହୁବିଧ କ୍ଷେତ୍ରରେ ଅସାଧାରଣ ଯୋଗଦାନକରିଥିବାରୁ ,ଏହି ଦୁଇଜଣଙ୍କ ମଧ୍ୟରୁ କୌଣସି ଜଣଙ୍କୁ 'ଭାରତ ରତ୍ନ' ଉପାଧି ପ୍ରଦାନପାଇଁ ନିବେଦନ କରିଥିଲେ ।ଉକ୍ତବିଷୟରେ ମାନ୍ୟବର ରାଷ୍ଟ୍ରପତି ମହୋଦୟା ବିଚାରକରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।ଏଥିନିମନ୍ତେ ସାଂସଦ ଶ୍ରୀ ଷଡ଼ଙ୍ଗୀ ରାଷ୍ଟ୍ରପତି ମହୋଦୟାଙ୍କୁ ଅଶେଷ କୃତଜ୍ଞତା ଜଣାଇଛନ୍ତି ।

# ଗାୟତ୍ରୀ ପରିବାର ଉଦଳା ଦ୍ୱାରା ନବରାତ୍ର, ଯଜ୍ଞ ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ



ଉଦଳା, ୨୮/୩ (ନି.ପ୍ର): ଶାନ୍ତିକୁଞ୍ଜ ଯୁଗନିର୍ମାଣ ଯୋଜନା ଆଧାରିତ ଗାୟତ୍ରୀ ପରିବାର, ଉଦଳା ଦ୍ୱାରା ଚୈତ୍ର ବାସନ୍ତିକ ନବରାତ୍ର ସାଧାନର ଉଦ୍ଯାପନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୋଟ ୧୫୦ଜଣ ଅନୁଷ୍ଠାନ ପ୍ରେମୀ, ସାଧକ ଭାଇ ଓ ଭଉଣୀ ବିଶ୍ୱଶାନ୍ତି ଜଗତ କଲ୍ୟାଣ ପାଇଁ ଆହୁତି ପ୍ରଦାନ କରିଥିଲେ । ଯଜ୍ଞ ସହିତ ନବକନ୍ୟା ପୂଜନ ପର୍ବ ଉତ୍ସାହ ଉଦିପନାର ସହ ଭାବଗମ୍ଭିର ପରିବେଶରେ ଦେବୀକନ୍ୟା ମାନଙ୍କୁ ପୂଜନ ଓ ମିଷ୍ଟାନ ଭୋଜନ ସହ ପୋଷାକ ଓ ଲିଖନ ସାମଗ୍ରୀ ଏବଂ ଦକ୍ଷିଣା ପ୍ରଦାନ କରାଯାଇଥିଲା । ଯଜ୍ଞ ସମାପନ ପରେ ଭାରତୀୟ ସଂସ୍କୃତିର ସଂରକ୍ଷକ ଯୁଗପ୍ରବର୍ତ୍ତକ ଯୁଗଦ୍ରଷ୍ଟା, ଯୁଗସ୍ରଷ୍ଟା ପଣ୍ଡିତ ଶ୍ରୀରାମ ଶର୍ମାଙ୍କ ପ୍ରଦର୍ଶିତ ବ୍ୟକ୍ତି ନିର୍ମାଣ, ପରିବାର ନିର୍ମାଣ, ସମାଜ ଓ ରାଷ୍ଟ୍ର ନିର୍ମାଣରେ ଆଶ୍ରମ ପ୍ରବର୍ତିତ କାର୍ଯ୍ୟକ୍ରମରେ ଉଦଳା ବ୍ଲକ ସ୍ତରର ଯେଉଁ ବ୍ୟକ୍ତିମାନେ ବିଶେଷ କାର୍ଯ୍ୟ ଓ ସହାୟତା ପ୍ରଦାନ କରିଥିଲେ ସେମାନଙ୍କୁ ଯଜ୍ଞଶାଳାରେ ସମ୍ମାନିତ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀ ଓ ଆର.ଡ଼ି.ଏସ୍. କଲେଜ ଅଧାପକ ନିରୋଜ ମଢୁଆଳଙ୍କୁ ଯୁବାମଣ୍ଡଳ ଜାଗୃତି ଓ ନାରୀ ଜାଗରଣ ପାଇଁ ବିଶେଷ କାର୍ଯ୍ୟ କରିଥିବାରୁ ଗାୟତ୍ରୀ ମନ୍ତ୍ରଚଦର, ପ୍ରଜ୍ଞା ପୁସ୍ତକ ଓ ଫୁଲତୋଡ଼ା ସହ ପ୍ରବଳ କରତାଳି ମଧ ସମ୍ମାନିତ କରାଯାଇଥିଲା । ଭବିଷ୍ୟତ ପିଲା ମାନଙ୍କୁ ଉପଯୁକ୍ତ ସଂସ୍କାରରେ ଗଢ଼ିବା ପାଇଁ ନିଜର ଭୂମିକା ରଖି ପୂର୍ଣ୍ଣ ସହଯୋଗ କରିଥିବାରୁ ବିଜ୍ଞାପିତ ଅଂଚଳ ଉଦଳାର ୫ଜଣ ଅଙ୍ଗନୱାଡ଼ି ଦିଦି, ବିଭିନ୍ନ ପଂଚାୟତ ସ୍ତରର ୩ ଜଣ ଦିଦି ଓ ୫ ଜଣ ଆଶା କର୍ମିଙ୍କୁ ସମ୍ମାନିତ କରାଯିବା ସହ ଖଲାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଜ୍ଞା ପ୍ରିୟମ୍ବଦା ଦାସବାବୁ ଓ ଏନ୍.ଏମ୍. ଦିଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ୟାସ ମଂଚରେ ପ୍ରଜ୍ଞାପୁତ୍ର ଅମୁଲ୍ୟ କୁମାର ପରିଡ଼ା, ପ୍ରଜ୍ଞା ପଦ୍ମଗନ୍ଧା ଦାସବାବୁ, ପ୍ରତିଭା ଦାସ, ମନ୍ତ୍ର, ପ୍ରବଚନ ଓ ପ୍ରଜ୍ଞା ସଂଗୀତ ପରିଚାଳନା କରିଥିଲା ବେଳେ ଦୁଖିଶ୍ୟାମ ମୁର୍ମୁ, ରବିନାରାୟଣ ସ୍ୱାଇଁ, ବିରାକର ସାହୁ, ସବିତା ମହାନ୍ତି, ସ୍ମିତା ମହାନ୍ତି, ବାସୁଦେବ ସିଂ, ସମନାଥ ସିଂ ଓ ବନ୍ଦନା ମହାପାତ୍ର ଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ରସାନନ୍ଦ ବଳା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସମସ୍ତଙ୍କୁ ଉଦବୋଧିତ କରିଥିଲେ ଓ ଗାୟତ୍ରୀ ପରିବାରର ଧ୍ୱନି ହମ ବଦଲେଙ୍ଗେ- ଯୁଗ ବଦଲେଗା, ଯୁଗ ନିର୍ମାଣ କେଶା ହୋଗା – ବ୍ୟକ୍ତି କେ ନିର୍ମାଣ ସେ ଆଦି ଧ୍ୱନିରେ ଯଜ୍ଞସ୍ଥଳରେ ଏକ ପାବନ ବାତାବରଣ ସୃଷ୍ଟି ହୋଇଥିଲା ।

# ସର୍ବଭାରତୀୟ ପୋଲିସ ସୁଟିଂ ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଦ୍ୱିତୀୟ

ଭୁବନେଶ୍ୱର, ୨୮/୩ (ନି.ପ୍ର): ହରିୟାଣାର ଗୁରୁଗ୍ରାମ ସ୍ଥିତ ସିଆରପିଏଫ୍ ଠାରେ ଅନୁଷ୍ଠିତ ୨୬ତମ ସର୍ବଭାରତୀୟ ପୋଲିସ ସୁଟିଂ ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଅଭୁତପୁର୍ବ ସଫଳତା ହାସଲ କରିଛି । ଦେଶର ବିଭିନ୍ନ ରାଜ୍ୟ ପୋଲିସ ବାହିନୀ ମାନଙ୍କ ମଧ୍ୟରେ ଓଡ଼ିଶା ପୋଲିସ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ଗୌରବ ଆଣିଛି । ସୂଚନା ଯୋଗ୍ୟ ଯେ, ମାର୍ଚ୍ଚ ୨୨ ରୁ ୩୦ ପର୍ଯ୍ୟନ୍ତ ଚାଲିଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ରାଇଫଲ ସୁଟିଂ (୭୪୩ ପଏଂଟ), ପିସ୍ତଲ ସୁଟିଂ (୫୩୧ ପଏଂଟ )ଏବଂ କାରବାଇନ ସୁଟିଂରେ (୩୨୭ ପଏଂଟ) ସର୍ବମୋଟ ୧୬୦୧ ପଏଂଟ ପାଇ ରାଜ୍ୟ ପୋଲିସ ବାହିନୀ ମାନଙ୍କ ମଧ୍ୟରେ ଓଡିଶା ପୋଲିସ ଟିମ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ।

# ଅବୈଧ ଏଲପିଜି ସିଲିଣ୍ଡର ଜବତ: ପ୍ରଶାସନର କଡ଼ା ଅଭିଯାନ ଜାରି

## ଅବୈଧ ଭାବରେ ଗ୍ୟାସ ସିଲିଣ୍ଡର କାରବାର ସମ୍ପର୍କରେ ସୂଚନା ଦେବାକୁ ଅନୁରୋଧ



ବାରିପଦା, ୨୮/୩ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାର ବାରିପଦା ମ୍ୟୁନିସିପାଲିଟି ଅଞ୍ଚଳରେ ଅବୈଧ ଭାବରେ ଏଲପିଜି ସିଲିଣ୍ଡର ମହଜୁଦ୍ ଓ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବା ଅଭିଯୋଗକୁ ଆଧାର କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆକସ୍ମିକ ଚଢ଼ାଉ କରାଯାଇଛି । ଏହି ଚଢ଼ାଉ ମୁର୍ଗାବାଡ଼ି ଓ ତକତପୁର ଅଞ୍ଚଳରେ କରାଯାଇଥିବାବେଳେ ଏଥିରେ ମୋଟ ୧୧ଟି ଘରୋଇ ଏଲପିଜି ସିଲିଣ୍ଡର ଜବତ ହୋଇଛି । ସୂଚନା ଅନୁଯାୟୀ, କିଛି ବ୍ୟକ୍ତି ଘରୋଇ ଗ୍ୟାସ ସିଲିଣ୍ଡରକୁ ଅନଧିକୃତ ଭାବରେ ସଂଗ୍ରହ କରି ତାହାକୁ ବ୍ୟବସାୟିକ କାମରେ ବ୍ୟବହାର କରୁଥିବା ନେଇ ପ୍ରଶାସନଙ୍କୁ ଗୋପନ ସୂତ୍ରରୁ ସୂଚନା ମିଳିଥିଲା । ଏହି ସୂଚନାକୁ ଗୁରୁତ୍ୱ ଦେଇ ତହସିଲଦାର-କମ୍-ଏକ୍ଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ ବାରିପଦା, ସପନ କୁମାର ସାହୁଙ୍କ ନେତୃତ୍ୱରେ ଏକ ସଂଯୁକ୍ତ ଟିମ୍ ଗଠନ କରାଯାଇ ତୁରନ୍ତ ଚଢ଼ାଉ କରାଯାଇଥିଲା । ଏହି ଅଭିଯାନରେ ଅତିରିକ୍ତ ମୁଖ୍ୟ ଯୋଗାଣ ଅଧିକାରୀ ଶିବାଶିଷ ଜେନା, ଅତିରିକ୍ତ ମୁଖ୍ୟ ଯୋଗାଣ ଅଧିକାରୀ(ବାରିପଦା ପୌରପାଳିକା) ପ୍ରଭାସ ରଞ୍ଜନ ଶତପଥୀ, ବାରିପଦା ପୌରପାଳିକାର ଯୋଗାଣ ନିରୀକ୍ଷକ ସ୍ୱେତଲିନା ପରିଡ଼ା, ବାରିପଦା ବ୍ଲକ ଯୋଗାଣ ନିରୀକ୍ଷକ ଭାଗ୍ୟଶ୍ରୀ ପତି, ବେତନଟୀ ବ୍ଲକ ଯୋଗାଣ ନିରୀକ୍ଷକ ଅଶୋକ ବେହେରା , କୁଳିଅଣା ବ୍ଲକ ଯୋଗାଣ ନିରୀକ୍ଷକ ଉତ୍କଳିକା ନାଏକ, ଶୁଳିଆପଦା ବ୍ଲକ ଯୋଗାଣ ନିରୀକ୍ଷକ ଅନମୋଲ ସାହୁ ପ୍ରମୁଖ ସକ୍ରିୟ ଭାବେ ଭାଗ ନେଇଥିଲେ । ଟିମ୍ ଦ୍ୱାରା ବିଭିନ୍ନ ଘର ଓ ସନ୍ଦେହଜନକ ସ୍ଥାନରେ ତଲାଶି କରାଯାଇ ଏହି ସିଲିଣ୍ଡରଗୁଡ଼ିକ ଜବତ କରାଯାଇଥିଲା । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଜବତ ହୋଇଥିବା ସିଲିଣ୍ଡରଗୁଡ଼ିକ ଘରୋଇ ବ୍ୟବହାର ପାଇଁ ଆବଣ୍ଟିତ ଥିଲେ, ହେଁ ସେଗୁଡ଼ିକ ଅନଧିକୃତ ଭାବରେ ସଂଗ୍ରହ କରି ବ୍ୟବସାୟିକ କାର୍ଯ୍ୟରେ ଲାଗୁଥିବା ଜଣାପଡୁଛି । ଏହିପରି କାର୍ଯ୍ୟକଳାପ ସରକାରୀ ନିୟମ ଉଲ୍ଲଂଘନ ସହ ଖାଉଟି ସୁରକ୍ଷା କୁ ମଧ୍ୟ ପ୍ରଭାବିତ କରୁଛି । ଏହି ଘଟଣା ସମ୍ପର୍କରେ ଆହୁରି ତଦନ୍ତ ଜାରି ରହିଛି ଏବଂ ଯେଉଁମାନେ ଏଥିରେ ସଂପୃକ୍ତ ଥିବେ, ସେମାନଙ୍କ ବିରୋଧରେ ଆଇନନୁସାରେ କଡ଼ା କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ସୂଚନା ଦେଇଛି । ଆବଶ୍ୟକ ହେଲେ ଏହି ଅଭିଯାନକୁ ଆଉରି ବ୍ୟାପକ ଭାବେ କରାଯିବ ବୋଲି ମଧ କୁହାଯାଇଛି । ଜିଲ୍ଲା ପ୍ରଶାସନ ସମସ୍ତ ଗ୍ରାହକ ଓ ବ୍ୟବସାୟୀମାନଙ୍କୁ ସଚେତନ କରି କହିଛି ଯେ, ଘରୋଇ ଏଲପିଜି ସିଲିଣ୍ଡରକୁ କୌଣସି ପରିସ୍ଥିତିରେ ବ୍ୟବସାୟିକ କାମରେ ବ୍ୟବହାର କରିବା ଆଇନସମ୍ମତ ନୁହେଁ । ଏପରି କାର୍ଯ୍ୟ କରି ଧରାପଡ଼ିଲେ ଜରିମାନା ସହ ଆଇନନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହାସହ ପ୍ରଶାସନ ସାଧାରଣ ଲୋକଙ୍କୁ ଅନୁରୋଧ କରିଛି ଯେ, ଯଦି କୌଣସି ସ୍ଥାନରେ ଏପରି ଅବୈଧ ଭାବରେ ଗ୍ୟାସ ସିଲିଣ୍ଡର ମହଜୁଦ କିମ୍ବା ଦୁରୁପଯୋଗ ହେଉଥିବା ଦେଖିବେ, ତେବେ ତୁରନ୍ତ ପ୍ରଶାସନକୁ ସୂଚିତ କରନ୍ତୁ, ଯାହା ଫଳରେ ସମୟୋଚିତ ପଦକ୍ଷେପ ନିଆଯାଇପାରିବ । ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ଏପରି ଅବୈଧ କାର୍ଯ୍ୟକଳାପକୁ ଦମନ କରିବାରେ ସଂକଳ୍ପବଦ୍ଧ ଓ ଆଗାମୀ ଦିନରେ ଏହିପରି ଚଢ଼ାଉ ଅବ୍ୟାହତ ରହିବ ବୋଲି ତହସିଲଦାର ବାରିପଦା ଶ୍ରୀ ସାହୁ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

# ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ ପ୍ରସଙ୍ଗ: ପ୍ରଥମ ପର୍ଯ୍ୟାୟରେ ୨,୩୪୫ କୋଟି ଅଟକଳ

## ଏସ୍ଏସ୍ ଟାଟା ଷ୍ଟିଲ୍‌ର ସର୍ବାଧିକ ୫୧ ପ୍ରତିଶତ ଅଂଶଧନ ଭାଗୀଦାର ଅଛନ୍ତି ରମଣୀ ରାମସ୍ୱାମୀ ଓ ଆର୍ ରଙ୍ଗରାଜନ ସଂସ୍ଥା

ବାଲିଆପାଳ , ୨୮/୩ (ନି.ପ୍ର): ବାଲିଆପାଳ ବ୍ଲକ୍‌ର ଚୌମୁଖଠାରେ କ୍ରିଏଟିଭ ପୋର୍ଟ ଡେଭଲପମେଣ୍ଟ ଲିମିଟେଡ୍ (ବର୍ତ୍ତମାନ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ) ଦ୍ୱାରା ନିର୍ମାଣ ହେବାକୁ ଥିବା ସୁବର୍ଣ୍ଣରେଖା ବନ୍ଦର ପାଇଁ ୨,୩୪୫ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି ।ବନ୍ଦରର ପ୍ରଥମ ପର୍ଯ୍ୟାୟ ବିକାଶ ନିମନ୍ତେ ଏହି ଅଟକଳ କରାଯାଇଛି । ଏହି ବନ୍ଦର ନିର୍ମାଣ ଖର୍ଚ୍ଚରେ ଏମ୍ସଏସ୍ ଟାଟା ଷ୍ଟିଲର ୫୧ ପ୍ରତିଶତ, ରମଣୀ ରାମସ୍ୱାମୀଙ୍କ ସଂସ୍ଥାର ୨୪.୫୦ ପ୍ରତିଶତ ଓ ଆର୍ ରଙ୍ଗରାଜନଙ୍କ ୨୩.୫୦ ପ୍ରତିଶତ ଅଂଶଧନ ରହିଛି । ବନ୍ଦରର ବିକାଶ କାର୍ଯ୍ୟା ସରକାରୀ-ଘରୋଇ ସହଭାଗିତା ଆଧାରରେ କରାଯାଉଛି । ବନ୍ଦରକର୍ତ୍ତୃପକ୍ଷଙ୍କ ସହିତ ହୋଇଥିବା ରିହାତି ଚୁକ୍ତିନାମା ଅନୁଯାୟୀ ବନ୍ଦରର ବିକାଶ ନିମିତ୍ତ ଆବଶ୍ୟକୀୟ ଜମି ରାଜ୍ୟ ସରକାର ଯୋଗାଇ ଦେଉଛନ୍ତି । ଏହି ବନ୍ଦରର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟରମ୍ଭ ଦିବସରୁ ୪ ବର୍ଷ ମଧ୍ୟରେ ସରିବାକୁ ଲକ୍ଷ୍ୟ ଧାର୍ଯ୍ୟା କରାଯାଇଛି । ଏହି ବନ୍ଦର ନିର୍ମାଣ ପାଇଁ ସାମାନ୍ୟ ବିସ୍ଥାପନ ସମସ୍ୟା ଥିବାରୁ ଜମି ଅଧିଗ୍ରହଣ କାର୍ଯ୍ୟା ମନ୍ଥର ଗତିରେ ଚାଲୁଛି । ସେହିପରି ସଡ଼କପଥ ଓ ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯାଉଛି ।ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ବିଧାନସଭାରେ କରିଥିବା ପ୍ରଶ୍ନର ଉତ୍ତରରେ ଏହି ସମସ୍ତ ସୂଚନା ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ।

# କାଳବୈଶାଖୀରେ ବ୍ୟାପକ ଚାଷ ନଷ୍ଟ



ଖଇରା, ୨୮/୩ (ନି.ପ୍ର): ଗୁରୁବାର ରାତିରେ ପ୍ରବଳ ଝଡ ବର୍ଷା ଯୋଗୁଁ ବାଲେଶ୍ୱର ଜିଲା ଖଇରା ବ୍ଲକ ର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ବଡନୁଆଗାଁ ପଞ୍ଚାୟତ ଅଧୀନ ବାଘୁଆ ଗ୍ରାମରେ ଏହି ଝଡ ପ୍ରଭାବରେ ରମାକାନ୍ତ ପଣ୍ଡାଙ୍କର ଛତୁ ଘର ସହ ପରିବା ଚାଷ ପାଇଁ ନିର୍ମିତ ଛାୟାଗୃହ ଭାଙ୍ଗି ନଷ୍ଟ ହୋଇ ଯାଇଛି । ସେହିଭଳି ବର୍ଙ୍କିତିରା ଗ୍ରାମର ଜଗବନ୍ଧୁ ସାହୁଙ୍କ କଦଳୀ ଚାଷ ନଷ୍ଟ ହୋଇ ଯାଇଥିବା ବେଳେ ବାଘୁଆ ଗ୍ରାମର ଅନନ୍ତ ନନ୍ଦ ଓ ଗଜେନ୍ଦ୍ର ବେହେରା ଘର ଛପର ନଷ୍ଟ ହୋଇଛି । ଚାଷୀ ମାନେ କ୍ଷତିପୁରଣ ପାଇଁ ଉଦ୍ୟାନବିଭାଗ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି । ଏହାଛଡା ପତିରାଜପୁର ଓ ସଇଁ ଗ୍ରାମରେ ମଧ୍ୟ ପରିବା ଚାଷ ନଷ୍ଟ ହୋଇଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida